

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୨ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 DECEMBER 2022

Vol.No. 33 ■ No. 323 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହିମାଚଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁଖବିନ୍ଦରସିଂ ସୁଖୁ



ନୂଆଦିଲ୍ଲୀ, ୧୧/୧୨ : ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ସୁଖବିନ୍ଦରସିଂ ସୁଖୁ ଶପଥ ନେଇଛନ୍ତି । ତାଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ଭାବେ ମୁକେଶ ଅଗ୍ନିହୋତ୍ରୀ ବି ଶପଥ ନେଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ତାଙ୍କ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଛି । ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ବି ଉପସ୍ଥିତ ଥିଲେ । ଶିମଲାର ରିଜ ମୈଦାନରେ ଏହି ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଛି । ସେପଟେ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ବି ଉପସ୍ଥିତ ଥିଲେ । ଶପଥ ଗ୍ରହଣ ପୂର୍ବରୁ ସୁଖବିନ୍ଦରସିଂ ସୁଖୁ ଏକ ନିମନ୍ତ୍ରଣ ପତ୍ର ନେଇ ରାଜ୍ୟ କଂଗ୍ରେସର ଅଧ୍ୟକ୍ଷ ପ୍ରତିଭା ସିଂଙ୍କ ବାସଭବନକୁ ଯାଇଥିଲେ । ଏହାପରେ ସୁଖବିନ୍ଦର ସିଂ କହିଥିଲେ କି ରାଜ୍ୟ କଂଗ୍ରେସର ମୁଖ୍ୟ ହେଉଛନ୍ତି ପ୍ରତିଭା ସିଂ । ତେଣୁ ରାଜ୍ୟର ଦଳ ତାଙ୍କରି ମାର୍ଗଦର୍ଶନରେ କାମ କରିବ । ସେପଟେ ସୁଖବିନ୍ଦରଙ୍କ ମା ଏହି ସମାରୋହରେ ଉପସ୍ଥିତ ରହି ଭାବବିହ୍ୱଳ ହୋଇପଡିଥିଲେ । ସେ କହିଥିଲେ ମୋ ପୁଅ ଜଣେ ସେବାମନୋବୃତ୍ତିର ବ୍ୟକ୍ତି, ସେ ପୂର୍ବରୁ ଲୋକଙ୍କ ସେବା କରୁଥିଲେ ଓ ଏବେ ସେହି ସେବାକୁ ତ୍ୱରାନ୍ୱିତ କରିବେ । ସୂଚନା ଥାଉକି ଚଳିତ ବିଧାନସଭା ନିର୍ବାଚନରେ ଶାସନରେ ଥିବା ବିଜେପିକୁ ପରାଜିତ କରି କଂଗ୍ରେସ ହିମାଚଳରେ କ୍ଷମତା ଦଖଲ କରିଛି । ରାଜ୍ୟର ମୋଟ ୬୮ ଟି ଆସନ ମଧ୍ୟରୁ କଂଗ୍ରେସ ୪୦ ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ୨୫ ଟି ଆସନରେ ବିଜୟୀ ହୋଇଥିଲା । ପରାଜୟ ପରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ନିଜ ପଦରୁ ଇସ୍ତଫା ଦେଇଥିଲେ ।

## ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେବେ ଭୂପେନ୍ଦ୍ର



ଅହମ୍ମଦାବାଦ, ୧୧/୧୨ (ନି.ପ୍ର): ଗୁଜରାଟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତାକାଲି ଶପଥ ନେବେ ଭୂପେନ୍ଦ୍ର ପଟେଲ୍। ଦ୍ୱିତୀୟ ଥର ପାଇଁ ଭୂପେନ୍ଦ୍ର ପଟେଲ୍ ଦାୟିତ୍ୱଗ୍ରହଣ କରିବେ । ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମେତ ଦଳର ବହୁ ବରିଷ୍ଠ ନେତାମାନେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଗତକାଲି ଏନେଇ ବିଜେପି ବିଧାୟକ ଦଳ ବୈଠକ ବସିଥିଲା। ବୈଠକରେ ଭୂପେନ୍ଦ୍ରଙ୍କୁ ଗୁଜରାଟ୍ ମୁଖ୍ୟମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିଲା ୧୮ ତମ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ପଟେଲଙ୍କୁ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଶପଥ ପାଠ କରାଇବେ। ଗାନ୍ଧୀନଗର ସ୍ଥିତ ସଚିବାଳୟ ନିକଟ ହେଲିପ୍ୟାଡ୍ ଗ୍ରାଉଣ୍ଡରେ ଅପରାହ୍ନ ୨ଟାରେ ହେବ ଶପଥ ପାଠ ଉତ୍ସବ। ଚଳିତ ବର୍ଷ ଗୁଜରାଟ ନିର୍ବାଚନରେ ବିଜେପି ରେକର୍ଡ କରିଛି । କଂଗ୍ରେସକୁ ହରାଇ ମହାବିଜୟ ହାତଲ କରିଥିଲା ଦଳ । ବିଜେପିର ଏହି ମହାବିଜୟ ପରେ ପୁଣି ଥରେ ଗୁଜରାଟରେ ଭୂପେନ୍ଦ୍ରଙ୍କ ନେତୃତ୍ୱ ଉପରେ ବିଜେପି ଭରସା ରଖିଛି । ଇଂଜିନିୟରରୁ ରାଜନେତା ହୋଇଥିବା ଭୂପେନ୍ଦ୍ର ପଟେଲ ଯୁବାବସ୍ଥାରୁ ଆରଏସଏସ ସହ ଜଡ଼ିତ। ୧୯୯୦ ଦଶକରେ ସେ ରାଜନୀତିର ମୁଖ୍ୟ ଧାରାକୁ ଆସିଥିଲେ। ୨୦୧୭ରେ ସେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ଭୂପେନ୍ଦ୍ର ପଟେଲଙ୍କୁ ଗୁଜରାଟରେ ବିଜେପିର ନିରବ ସଙ୍କଟମୋଚକ ବିବେଚନା କରାଯାଉଛି। ୬୦ ବର୍ଷୀୟ ଭୂପେନ୍ଦ୍ର ପଟେଲଙ୍କ ଚମତ୍କାର ନିଷ୍ପତ୍ତି ନେବା ଶକ୍ତି ପାଇଁ ସେ ଜଣାଶୁଣା। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ଗୁଜରାଟରେ ବିଜେପିର ଅନେକ ସମସ୍ୟାର ସମାଧାନ କରିଦେଇଛନ୍ତି । ଦଳର ଅନେକ ଟାଣୁଆ ବିଦ୍ରୋହୀଙ୍କୁ ମଧ୍ୟ ସେ ମନାଇବାରେ ସଫଳ ହୋଇଥିଲେ। ଭୂପେନ୍ଦ୍ର ପଟେଲ ହେଉଛନ୍ତି ଗୁଜରାଟର ପଞ୍ଚମ ପଟିଦାର ମୁଖ୍ୟମନ୍ତ୍ରୀ। ସେ ପ୍ରଥମ କଡ଼ଭା ପଟେଲ ଭାବେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ପଟେଲଙ୍କ ବିରୋଧରେ କୋ?ଣସି ଅପରାଧିକ ମାମଲା ନାହିଁ।

## ରସୁଲଗଡ଼ ଓଭରବ୍ରିଜ ଉପରେ ଜଳିଗଲା ଚଳନ୍ତା କାର

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଭୁବନେଶ୍ୱରର ରସୁଲଗଡ଼ ଓଭରବ୍ରିଜ ଉପରେ ଚଳନ୍ତା କାରରେ ନିଆଁ ଲାଗିଯିବା କାରଣରୁ କାରଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି । ରବିବାର ଅପରାହ୍ନରେ ଏହି ଘଟଣା ଘଟିଛି । ତେବେ ଏହି ଘଟଣାରେ କେହି ହତାହତ ହୋଇ ନାହାନ୍ତି । ମିଳିଥିବା ସୂଚନା ଅନୁସାରେ କାରଟି ଗଡୁଥିବା ବେଳେ ଗାଡ଼ି ଭିତରେ ଅଚାନକ ନିଆଁ ଲାଗିବା ସହ ଧୂଆଁ ହେଉଥିବା ଦେଖିବାକୁ ପାଇଥିଲେ ଗାଡ଼ିରେ ବସିଥିବା ବ୍ୟକ୍ତି। ଏହା ପରେ ସେ ଓ ଅନ୍ୟମାନେ ସଙ୍ଗେ ସଙ୍ଗେ ଗାଡ଼ି ଭିତରୁ ବାହାରି ଆସିଥିଲେ। କିନ୍ତୁ ଅଳ୍ପ କିଛି ମୁହୂର୍ତ୍ତରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଂଚି ନିଆଁକୁ ଲିଭାଇଥିଲେ।

## ସୁଖବିନ୍ଦର ସୁଖୁଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିମାଚଳ ପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ସୁଖବିନ୍ଦର ସିଂହ ସୁଖୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଟ୍ୱିଟ କରି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଶା ବ୍ୟକ୍ତ କରିଛନ୍ତି ଯେ ତାଙ୍କ ନେତୃତ୍ୱରେ ହିମାଚଳ ବିକାଶର ନୂଆ ଉଚ୍ଚତା ହାସଲ କରିବ ।

## କେଜ୍ରିଓ୍ୱାଲଙ୍କ ହାତ ଛାଡ଼ିବେ ଗୁଜରାଟ ଆପ ବିଧାୟକ !



ଅହମ୍ମଦାବାଦ, ୧୧/୧୨ (ନି.ପ୍ର): ଗୁଜରାଟ ରାଜନୀତିରେ ନୂଆ ଟୁଇଷ୍ଟ। ଗୁଜରାଟ ବିଧାନସଭା ନିର୍ବାଚନର ଫଳାଫଳ ଆସିବାର ମାତ୍ର ଦୁଇ ଦିନ ପରେ ଆମ ଆଦମୀ ପାର୍ଟିକୁ ଲାଗିଛି ବଡ଼ ଝଟକା। ଗୁଜରାଟର ଆପ୍ ପକ୍ଷରୁ ନବନିର୍ବାଚିତ ବିଧାୟକ ଭୂପତ ଭାୟାଣୀ ଦଳରୁ ଇସ୍ତଫା ନେଇ ଚର୍ଚ୍ଚା ଜୋର ଧରିଛି । ସେ ବିଜେପିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ହେଲେ ନିଜେ ବିଧାୟକ ଭୂପତ ଭାୟାଣୀ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ସେ ବିଜେପିରେ ମିଶିବେ ନାହିଁ। କିନ୍ତୁ ଦଳକୁ ବାହାରପଟୁ ସମର୍ଥନ ଦେବେ। ଗୁଜରାଟ ଜୁନାଗଡ ଜିଲ୍ଲା ବିସାବାଦାର ବିଧାନସଭା କ୍ଷେତ୍ରରେ ଆମ୍ ଆଦମୀ ପାର୍ଟି ଟିକେଟରୁ ନିର୍ବାଚନ ଲଢି ବିଜୟୀ ହୋଇଥିବା ବିଧାୟକ ଭୂପତ ଭାୟାଣୀ। ସେ ଇସ୍ତଫା ଦେବା ପରେ ବିଜେପିରେ ଯୋଗଦେଇ ପାରନ୍ତି ବୋଲି କୁହାଯାଉଛି । ୧୮୨ ବିଧାନସଭା ଆସନ ବିଶିଷ୍ଟ ଗୁଜୁରାଟ ବିଧାନସଭା ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିଛି । ପ୍ରଥମଥର ପାଇଁ ଗୁଜରାଟରେ ନିର୍ବାଚନ ଲଢି ଆମ୍ ଆଦମୀ ପାର୍ଟି ୫ ଟି ବିଧାୟକ ଜିତାଇବାରେ ସକ୍ଷମ ହୋଇଥିଲା । ଆମ୍ ଆଦମୀ ପାର୍ଟିକୁ ଗୁଜରାଟରେ ୧୩ ପ୍ରତିଶତ ଭୋଟ ମିଳିଛି। ସେପଟେ ୫ ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ଜି ଦଳରୁ ଇସ୍ତଫା ଦେଲେ ଆପ୍ ପାଖରେ ମାତ୍ର ୪ ଜଣ ବିଧାୟକ ରହିବେ ।

## ଅଧାରେ ରହିଗଲା ସୈନିକ ହେବାର ସ୍ୱପ୍ନ



ନୂଆଦିଲ୍ଲୀ, ୧୧/୧୨ : କଟକ ଯୋବ୍ରା ବ୍ୟାରେଜରେ ସନ୍ତରଣ ପ୍ରଶିକ୍ଷଣ ହେଲା କାଳ । ପହଁରା ଅଭ୍ୟାସ ବେଳେ ଭାସିଯାଇ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତ ଛାତ୍ର ଜଣଙ୍କ ହେଲେ ଜଗତପୁର ଏଲଏନଏସ କଲେଜର ସୋହେଲ ଖାଁ । ତେବେ ସୋହେଲ ଭଲ ପହଁରା ଜାଣିଥିଲେ, ତା ସତ୍ତ୍ୱେ ତାଙ୍କର ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି । ଆଶା ଥିଲା ସେନାକୁ ଯିବେ, ଦେଶର ସୁରକ୍ଷା ପାଇଁ କାମ କରିବେ । ଅଗ୍ନିବୀର ହେବା ପାଇଁ ନିୟମିତ ଅଭ୍ୟାସ କରୁଥିଲେ । ଦୌଡ଼, ପହଁରା, ଲଙ୍ଗଜମ୍ପ, ହାଇଜମ୍ପ, ଯୋଗ୍ୟତା ପରୀକ୍ଷା କୌଣସି ବିଭାଗରେ ଯେମିତି ପଛରେ ରହିବେନି, ସେଥିପାଇଁ ଆପ୍ରାଣ ଉଦ୍ୟମ କରୁଥିଲେ । ହେଲେ, କଟକ ପୀର ବଜାର ଅଞ୍ଚଳର ସୋହେଲ ଖାନଙ୍କ ଜୀବନରେ ଏମିତ ଏକ ଅଘଟଣ ଘଟିଗଲା ଯେ, ସବୁ ଆଶାକୁ ଗୋଟିଏ ଝଟକାରେ ଅଧୁରା ରହିଗଲା । ପରିବାର ପୁଅ, ସବୁଦିନ ପାଇଁ ଏକ ଅଫେରା ଦୁନିଆକୁ ଚାଲିଯାଇଛନ୍ତି । ସନ୍ତରଣ ତାଲିମ ନେବା ପାଇଁ, ୨୦ରୁ ୨୫ ଜଣ ମହାନଦୀକୁ ଓହ୍ଲାଇଥିଲେ । ସବୁ କିଛି ଠିକ୍ଠାକ୍ ଚାଲିଥିଲା । ହେଲେ ଅଚାନକ୍ ଘଟିଗଲା ଅଘଟଣ । ସନ୍ତରଣ ସମୟରେ ହଠାତ୍ ବୁଡ଼ି ଯାଇଥିଲେ ସାହେଲ । ଦୀର୍ଘ ସମୟ ଧରି ଖୋଜାଖୋଜି ଚାଲିଥିଲା । କିନ୍ତୁ ସୋହେଲ ଯେତେବେଳେ ଠାବ ହେଲେ, ସେତେବେଳେ ସବୁ କିଛି ସରିଯାଇଥିଲା । ମୃତ ସୋହେଲଙ୍କୁ ଦେଖି ଭାଙ୍ଗି ପଡ଼ିଥିଲା ପୁରା ପରିବାର । ତେବେ ପିଲାଙ୍କୁ ପ୍ରଶିକ୍ଷଣ ଦେଉଥିବା ଉଇ ଆର୍ ଉଇନର୍ ନାମକ ସଂସ୍ଥାର ମାଲିକ ବିକାଶ ସ୍ୱାଇଁଙ୍କୁ ପୁଲିସ୍ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ଏହି ସଂସ୍ଥାକୁ ନେଇ ଏକାଧିକ ପ୍ରଶ୍ନ ଉଠିଛି । ସୂଚନା ଅନୁସାରେ ସେନାରେ ଯୋଗ ଦେବା ପାଇଁ ଆଶାୟୀ ପ୍ରାର୍ଥୀମାନେ ଏହି ସଂସ୍ଥାରେ ଅଭ୍ୟାସ କରୁଥିଲେ । ଯେଉଁଠି ପ୍ରାୟ ୬୦ ଜଣ ତାଲିମ ନେଉଥିଲେ । ହେଲେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ନଥିବାରୁ ସୋହେଲଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି ।

## ୨୦୨୪ରେ ବିଜେଡି-ବିଜେପି ମଧ୍ୟରେ ସିଧା ଲଢେଇ ହେବ – ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ରାଜ୍ୟରେ କିଛି ଆସନକୁ ଛାଡି ଦେଲେ ଅନ୍ୟ ଆସନ ମାନଙ୍କରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ । ତେଣୁ ଆଗାମୀ ୨୦୨୪ ମସିହା ସାଧାରଣ ନିର୍ବାଚନରେ ବିଜେପି ଓ ବିଜେଡି ମଧ୍ୟରେ ସିଧା ଲଢେଇ ହେବ । ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଆଜି ଏହା କହିଛନ୍ତି । ସେ ଆଜି ପୁଣି ପଦ୍ମପୁରରେ ବିଜେଡି ଓ କଂଗ୍ରେସ୍ ଡିଲ୍ କଥାକୁ ପୁଣି ଦୋହରାଇଛନ୍ତି । କଂଗ୍ରେସ ଓ ବିଜେଡି ଲୋକଙ୍କଠାରୁ ହିଁ ଯେ ଡିଲ୍ ହୋଇଛି ବୋଲି ଶୁଣିଛି । ସେମାନେ ବି ସ୍ୱୀକାର କରିଛନ୍ତି, କିନ୍ତୁ ମୋ ପାଖରେ ଡିଲ ସମୟର ଭିଡିଓ ନାହିଁ। ସେ କହିଛନ୍ତି ଯେ ୨୦୨୪ରେ ବିଜେଡି ଓ କଂଗ୍ରେସ୍ ଡିଲ କାମ ଦେବନି। ଆମେ ନିର୍ବାଚନ ମଣ୍ଡଳୀଓ୍ୱାରି କାର୍ଯ୍ୟକ୍ରମ କରିବୁ, ଭୋଟରଙ୍କୁ ଆକୃଷ୍ଟ କରିବୁ। କଂଗ୍ରେସ ଭୋଟ କମ୍। ୨୦୨୪ରେ ଓଡ଼ିଶାରେ ନିର୍ବାଚନ ଦ୍ୱିପାକ୍ଷିକ ଲଢେଇ ହେବ । ସେ କହିଛନ୍ତି ଯେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତାରୁ ବାହାରି ଗଲାଣି। ବହୁତ କମ୍ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଭୋଟ ରହିଛି। ଆମେ ୫୧% ଭୋଟ ନେବାକୁ ଯୋଜନା ରଖିଛୁ। କଂଗ୍ରେସ ଭୋଟ ବିଜେପି ବା ବିଜେଡି ଆଡ଼କୁ ଯିବ। ବିଜେଡିର ସଂଗଠନ ହେଲା ତିନିଟା, ଅର୍ଥବଳ, ବାହୁବଳ ଓ ସରକାରୀ କଳ। ନବୀନ ବିରୋଧୀ କଂଗ୍ରେସକୁ ବହୁତ ଦିନ ଧରି ମ୍ୟାନେଜ କରି ନିର୍ବାଚନ ବୈତରଣୀ ପାର ହେଉଥିଲେ। ଆଜି ଆମେ ଅଛୁ ବିରୋଧୀରେ, ଏଠି ଆମକୁ ମ୍ୟାନେଜ କରିବାର ପ୍ରଶ୍ନ ଉଠୁନି।

## ଗୁଜରାଟରେ କଂଗ୍ରେସକୁ କ୍ଷତି ପହଞ୍ଚାଇଛି ଆପ୍ : ଗେହଲଟ



ନୂଆଦିଲ୍ଲୀ, ୧୧/୧୨ : ଗୁଜରାଟ ବିଧାନସଭା ନିର୍ବାଚନରେ କଂଗ୍ରେସର ଖରାପ ପ୍ରଦର୍ଶନ ପାଇଁ ଆମ ଆଦମୀ ପାର୍ଟିର ବଡ଼ ଭୂମିକା ରହିଛି। ଆପ୍ ଯେଉଁ ଭଳି ଭାବେ ଉତ୍ସାହର ସହ ନିର୍ବାଚନ ଲଢ଼ିଲା କଂଗ୍ରେସ ସେହି ଭଳି ଲଢ଼ି ନାହିଁ। କିନ୍ତୁ ଆପ୍ କେବଳ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଉଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ଗେହଲଟ ମଧ୍ୟ ଗୁଜରାଟ କଂଗ୍ରେସ ଦାୟିତ୍ୱରେ ଅଛନ୍ତି। ସେ କହିଛନ୍ତି ଯେ, ଆପ ସବୁଠି ମିଛ କହୁଛି। ଆପ୍ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ କଂଗ୍ରେସ ଦଳକୁ ବହୁ କ୍ଷତି ପହଞ୍ଚାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାରାଥନ ପ୍ରଚାର ପାଇଁ ବିଜେପି ସେଠାରେ ବିରାଟ ବିଜୟର ଫାଇଦା ପାଇଥିବା ଗେହଲଟ କହିଛନ୍ତି । ପ୍ରଧାନମନ୍ତ୍ରୀ ତିନିମାସ ଲଗାତାର ପ୍ରଚାର କରିଥିଲେ। ଅନେକ ସମାବେଶ କରିଥିଲେ। ତେବେ କଂଗ୍ରେସ ପ୍ରଚାର ଅଭିଯାନରେ ବହୁ ପଛରେ ଥିବା ଗେହଲଟ ସ୍ୱୀକାର କରିଛନ୍ତି। ସେହିପରି କଂଗ୍ରେସ ନିର୍ବାଚନରେ ସେତେ ପରିମାଣରେ ଟଙ୍କା ଖର୍ଚ୍ଚ କରିନପାରିନି। ନିର୍ବାଚନ ବଣ୍ଡ ଏକ ବଡ଼ ଘୋଟାଲା ହୋଇଛି । କଂଗ୍ରେସକୁ ▶▶ପୃଷ୍ଠା ୭

## ଫିଲ୍ମ ଷ୍ଟାଇଲରେ ଚୋରି କରି ଫସିଗଲେ ଫିଲ୍ମ ପ୍ରଯୋଜକ



ନୂଆଦିଲ୍ଲୀ, ୧୧/୧୨ : ଫିଲ୍ମ ଷ୍ଟାଇଲରେ ଚୋରି କରି ଫସିଗଲେ ଫିଲ୍ମ ପ୍ରଯୋଜକ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମର ଖଲ୍ଲିକୋଟ ଅଞ୍ଚଳରେ । କିନ୍ତୁ ଧରାପକାଇଦେଲା ଫୋନ୍ ପେ । ଖଲ୍ଲିକୋଟ ଫରେଷ୍ଟ ଅଫିସ ଆଗରୁ ଖଲିକୋଟରୁ ମିକ୍ସଚର ମେସିନ ଚୋରି କରିଥିଲେ ଫିଲ୍ମ ପ୍ରଯୋଜକ ସୁତାଂଶୁ ମହାନ୍ତି ଆଉ ଏହାକୁ ଭୁବନେଶ୍ୱରରେ କରିଥିଲେ ବିକ୍ରି । ଏହାପରେ ଏତଲାକୁ ଆଧାର କରି ଖଲ୍ଲିକୋଟ ପୋଲିସ୍ ତଦନ୍ତ ଆରମ୍ଭ କରିଥିଲା । ଆଉ ସିସିଟିଭି ଫୁଟେଜ ଆଧାରରେ ଯାହା ପ୍ରମାଣ ପାଇଲା ତାହା ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଖଲ୍ଲିକୋଟ ବନବିଭାଗ ଅଫିସ ଆଗରେ ଥିବା ମିକ୍ସର ମେସିନକୁ ଏକ ପିକଅପ ଭ୍ୟାନ ଟାଣି ନେଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଆଉ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ମିକ୍ସର ମେସିନକୁ ଚୋରି କରିନେଉଛନ୍ତି ଜଣେ ଫିଲ୍ମ ପ୍ରଯୋଜକ ସୁତାଂଶୁ ମହାନ୍ତି । ମେସିନ ମାଲିକଙ୍କ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଯେଉଁ ତଥ୍ୟ ହାସଲ କରିଛି ତାହା ଆପଣଙ୍କୁ ଚମକାଇଦେବ । ଘଟଣାରେ ଫିଲ୍ମ ପ୍ରଯୋଜକ ସୁତାଂଶୁ ମହାନ୍ତି ଓ ଜଣେ କବାଡିବାଲା ଗିରଫ ପରେ ପୁରା ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁସାରେ, କେନ୍ଦ୍ରାପଡାର ସୁତାଂଶୁ ମହାନ୍ତି ଏହି ମିକ୍ସର ମେସିନକୁ ଚୋରି କରିବା ପାଇଁ ପୁରା ଯୋଜନା ବନାଇଥିଲେ । ଏଥିପାଇଁ ସେ ପୋଲସରାରର ପିକଅପ ଭ୍ୟାନ ମାଲିକଙ୍କୁ ▶▶ପୃଷ୍ଠା ୭

## ମଦ ଦୁର୍ନୀତି ମାମଲା : ମୁଖ୍ୟମନ୍ତ୍ରୀଙ୍କ ଝିଅଙ୍କୁ ଜେରା କରିବ ସିବିଆଇ

ନୂଆଦିଲ୍ଲୀ, ୧୧/୧୨ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଝିଅଙ୍କୁ ଜେରା କରିବ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ତଥା ସିବିଆଇ। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓଙ୍କ ଝିଅ କବିତାଙ୍କୁ ଆଜି ତାଙ୍କ ବାସଭବନରେ ସିବିଆଇ ପଚରାଉଚରା କରିବ। ତେବେ ପଚରାଉଚରା କରିବାର କିଛି ଘଣ୍ଟା ପୂର୍ବରୁ କବିତାଙ୍କ ବାସଭବନ ନିକଟରେ ସୁରକ୍ଷା କଡାକଡି କରାଯାଇଛି। ପୁଲିସ ପକ୍ଷରୁ ତାଙ୍କ ଘର ଆଗରେ ବ୍ୟାରିକେଡ୍ ଲଗାଯାଇଛି । ହାଇଦ୍ରାବାଦର ବଞ୍ଜାରା ଠାରେ ଥିବା କବିତାଙ୍କ ବାସଭବନରେ ତାଙ୍କୁ ସିବିଆଇ ଜେରା କରିବ ବୋଲି ଜଣାପଡିଛି। ଅନ୍ୟପଟେ ଗତକାଲି କବିତାଙ୍କ ବାସଭବନ ଆଗରେ ଏକ ପୋଷ୍ଟର ଦେଖିବାକୁ ମିଳିଥିଲା। ଯେଉଁଥିରେ କବିତା ସିବିଆଇ ଜେରାକୁ ଭୟ କରୁନଥିବା କଥା ଲେଖାଯାଇଥିଲା। କବିତା ଏହା ପୂର୍ବରୁ ସେ ଏହି ମାମଲାରେ ସିବିଆଇକୁ ସହଯୋଗ କରିବେ ବୋଲି କହିଥିଲେ। ସୂଚନା ଥାଉକି ଦିଲ୍ଲୀରେ ନୂଆ ଅବକାରୀ ନୀତି ପ୍ରଚଳନ କରି କେଜ୍ରିଓ୍ୱାଲ ସରକାର କୋଟି କୋଟି ଟଙ୍କା ଦୁର୍ନୀତି କରିଥିବା ପ୍ରଥମେ ଦିଲ୍ଲୀ ଉପ ରାଜ୍ୟପାଳ ଅଭିଯୋଗ ଆଣିଥିଲେ। ଏହି ମାମଲାର ସିବିଆଇ ଯାଞ୍ଚ ହେଉ ବୋଲି ସେ ଆବେଦନ କରିଥିଲେ। ଏହାପରେ ଏହି ମାମଲାରେ ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ଅନେକ ଲୋକଙ୍କ ନାମ ଉଠିଥିଲା। ହେଲେ ସିବିଆଇ ତରଫରୁ କୋର୍ଟରେ ଦାଖଲ କରାଯାଇଥିବା ଚାର୍ଜସିଟରେ ମନୀଷ ସିସୋଦିଆଙ୍କ ନାମ ନଥିବାରୁ ଏହାକୁ ନେଇ ଆମ୍ ଆଦମୀ ପାର୍ଟି ବିଜେପିକୁ ଟାର୍ଗେଟ କରିଥିଲା। ଚାର୍ଜସିଟରେ ଆପ୍ ?ର ଯୋଗାଯୋଗ ମୁଖ୍ୟ ବିଜୟ ନାୟାର ଏବଂ ହାଇଦ୍ରାବାଦ ଭିତ୍ତିକ ବ୍ୟବସାୟୀ ଅଭିଷେକ ବୋଇନାପାଲୀଙ୍କ ସମେତ ୭ଜଣ ଅଭିଯୁକ୍ତଙ୍କ ନାଁ ସାମିଲ ଅଛି।

## ପଦ୍ମପୁରରେ କଂଗ୍ରେସକୁ ହରାଇବା ପାଇଁ ବିଜେଡି ସହ ସମ୍ପୂର୍ଣ୍ଣ ଡିଲ୍ ହୋଇଥିଲା -ସୁରେଶ ରାଉତରାୟ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପଦ୍ମପୁରରେ ବିଜେଡି ଓ କଂଗ୍ରେସ୍ ଡିଲ୍ କଥାକୁ ନେଇ ଯେଉଁ ଅଭିଯୋଗ କରିଛନ୍ତି, ତାହା ସତ ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ସ୍ୱୀକାର କରିଛନ୍ତି । ଏ ସମ୍ପର୍କରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ଶ୍ରୀ ରାଉତରାୟ କହିଛନ୍ତି, ପଦ୍ମପୁରରେ କଂଗ୍ରେସକୁ ହରାଇବା ପାଇଁ ସମ୍ପୂର୍ଣ୍ଣ ଡିଲ୍ ହୋଇଥିଲା। ଦଳର ସବୁ ବିଶିଷ୍ଟ ନେତା କଂଗ୍ରେସକୁ ହରେଇବାକୁ ସେଠିକି ଯାଇଥିଲେ, ଜିତେଇବା ସେମାନଙ୍କର ଲକ୍ଷ୍ୟ ନଥିଲା। ଏ ନେଇ ମୁଁ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ରିପୋର୍ଟ ଦେବି। ଆମେ ଏକ ଟିମ ଯାଇ ଏ ବିଷୟରେ ହାଇକମାଣ୍ଡଙ୍କୁ ଜଣାଇବୁ। ଉପରଠୁ ନେଇ ତଳ ପର୍ଯ୍ୟନ୍ତ ଅନେକ ନେତା ଏହି ଡିଲରେ ବିକ୍ରି ହୋଇଛନ୍ତି। ଶରତ ପଟ୍ଟନାୟକ ନିରୀହ ଲୋକଟେ, ତେଣୁ ତାକୁ ସଖୀ କଣ୍ଢେଇ ପରି ନଚଉଥିବା ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପରେ ଯେଉଁମାନେ କଂଗ୍ରେସ ପାଇଁ ନାଁ କମେଇଛନ୍ତି, ସେମାନେ କଂଗ୍ରେସକୁ ଉପଭୋଗ କରିଛନ୍ତି ଆଉ କଂଗ୍ରେସ ଜରିଆରେ ପଇସା ଓ ପାଓ୍ୱାର କମେଇଛନ୍ତି ସେଇମାନେ ହିଁ ଦଳକୁ ହରାଉଛନ୍ତି।

# ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ୩୪ ତମ ବାର୍ଷିକ ଉତ୍ସବ

ପୁରୀ, ୧୧/୧୨ (ନି.ପ୍ର): ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ୩୪ ତମ ବାର୍ଷିକ ଉତ୍ସବ ଏବଂ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ପୁରୀ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି କାଶୀନାଥ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରାଚୀନ ସାହିତ୍ୟ ଏବଂ ବର୍ତ୍ତମାନର ସାହିତ୍ୟ ଉପରେ ବିଶେଷ ଆଲୋଚନା କରିଥିଲେ । ଇତ୍ୟବସରରେ ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ , ବିଧାନସଭା ସଚିବ ଦାଶରଥି ଶତପଥୀ, ଶିକ୍ଷା ଅଧିକାରୀ ଡକ୍ଟର ମର୍କତ କେଶରୀ ରାୟ, ସମାଜ ସେବୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ଗଣକ ଗଣେଶ ଶାସ୍ତ୍ରୀ, କବି ମାନସ ମହାପାତ୍ର , ଅଭିନେତା ପ୍ରଭାତ ବିଶ୍ୱାଳ,ଗୀତିକାର ଶ୍ରୀମନ୍ତ ପଣ୍ଡା, କବି ମଞ୍ଜୁଶ୍ରୀ ବରାଳ ଓ କବି ସୁପ୍ରିୟା ସାହୁ ଆଦିଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜଶ୍ରୀ ପରିବାରର କବି ବେଣୁଧର ସୂତାର, ନାଟ୍ୟକାର ଡ ରମାକାନ୍ତ ନାୟକ , କବି ମଞ୍ଜୁଶ୍ରୀ ବରାଳ, କବି ସୁପ୍ରିୟା ସାହୁ, କବି ମୋନାଲିସା ସିଂହ, କବି ଅଶୋକ କୁମାର ଦାଶ, କବି କୁମୁଦିନୀ ବେହେରା ଆଦିଙ୍କ ପୁସ୍ତକ ରାଜ୍ୟପାଳ ଲୋକାର୍ପିତ କରିଥିଲେ । ସମ୍ପାଦକ ହେମନ୍ତ ଜେନା ସ୍ୱାଗତ ଭାଷଣ , ଇନ୍ଦୁପୁର ପାୟଲ୍ ମିୟୁଜିକ୍ ଶିଳ୍ପୀ ଜାତୀୟ ସଂଗୀତ ପରିବେଷଣ କରିଥିବା ବେଳେ ଅପର୍ଣ୍ଣଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପ୍ରଥମ ଅଧିବେଶନରେ ବିଶିଷ୍ଟ ଗବେଷକ ତଥା ସାହିତ୍ୟକାର ଲୋକନାଥ ମିଶ୍ର ଉଦ୍ଘାଟକ ଭାବେ ଯୋଗ ଦେଇଥିବା ବେଳେ ବିଧାନସଭା ସଚିବ ଦାଶରଥି ଶତପଥୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଙ୍ଗ ଭରତ ଚରଣ ବେହେରା, କବି ବିପିନ ବିହାରୀ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଭୟ ଅଧିବେଶନରେ ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ ବେଦପାଠ କରିଥିବା ବେଳେ ସମ୍ପାଦକ ହେମନ୍ତ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ବାଣୀଶ୍ରୀ ସସ୍ମିତା ପଣ୍ଡା ଓ ଲଳିତ କବି ଚାରୁଲତା ଭୂୟାଁ କବିତା ପାଠ ସଂଯୋଜନା କରିଥିଲେ । ସର୍ବଶ୍ରୀ ସୁରେଶ ଚନ୍ଦ୍ର ରଥ, ବୀଣାପାଣି ଚୌଧୁରୀ, ରଞ୍ଜିତା କୁମାରୀ ପତି ,ରମାକାନ୍ତ ଦାଶ, ରଞ୍ଜନ କୁମାର ଦଳାଇ , ଅଭିରାମ ସାହୁ, ପ୍ରଣତି ମହାପାତ୍ର , ଲିଲିମା ଦାସ ଆଦି ସତୁରୀରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ ।

# ଦିବ୍ୟାଙ୍ଗ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ଅଙ୍କୁଶ

କଟକ, ୧୧/୧୨ (ନି.ପ୍ର): କଟକସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟରେ କାର୍ଯ୍ୟରତ ଦିବ୍ୟାଙ୍ଗ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର ପ୍ରସଂଗ ନେଇ ଜାରି କାରଣ ଦର୍ଶାଅ ନୋଟିସ ବିରୋଧରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ମାମଲାରେ ରାଜ୍ୟ ସରକାରଙ୍କୁ ୪ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କେ ?ଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସେ ?ମ୍ୟାରାଣୀ କରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଶତ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ବେଳେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ୨୦୧୨ ମେ ୭ର ନିର୍ଦ୍ଦେଶ ପରେ ତାଙ୍କୁ ସରକାରୀ ମୁଦ୍ରଣାଳୟରେ ନିଯୁକ୍ତି ମିଳିଥିଲା । ୨୦୧୨ ଜୁନ ୨ରେ ଆବେଦନକାରୀ ଗ୍ରେଡ-୩ ବାଇଣ୍ଡର ଭାବେ ନିଯୁକ୍ତି ପାଇଥିଲେ । ପଦୋନ୍ନତି ପରେ ଗ୍ରେଡ-୧ ବାଇଣ୍ଡର ପଦରେ ସେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ପ୍ରିଣ୍ଟିଂ, ଷ୍ଟେସନାରି ଓ ପବ୍ଲିକେସନ୍ ନିର୍ଦ୍ଦେଶକଙ୍କ ତରଫରୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ସେ ନିଯୁକ୍ତି ପାଇଥିବା ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନଥିଲା, ତାଙ୍କ ନିଯୁକ୍ତି ବେଆଇନ ବୋଲି ନୋଟିସରେ ଉଲ୍ଲେଖ କରାଯାଇଥିଲା । ଅନ୍ୟପକ୍ଷରେ ୨୦୧୨ରୁ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଆବେଦନକାରୀ ଏପରି ନୋଟିସକୁ ଚାଲେଞ୍ଜ କରି ମାମଲା ରୁଜୁ କରିଥିଲେ । ଦିବ୍ୟାଙ୍ଗଙ୍କ ପାଇଁ ସଂରକ୍ଷିତ ଥିବା ପଦରେ ନିଯୁକ୍ତି ପ୍ରଦାନ ପାଇଁ ମୁଖ୍ୟ ଶାସନ ସଚିବ ୨୦୦୯ ଡିସେମ୍ବର ୮ରେ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଭିନ୍ନକ୍ଷମ ଆୟୁକ୍ତ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ପରେ ତାଙ୍କୁ ଦିବ୍ୟାଙ୍ଗ ପାଇଁ ଥିବା ପଦବିରେ ନିଯୁକ୍ତି ଦିଆଯାଇଥିଲା ବୋଲି ଆବେଦନକାରୀଙ୍କ ଆବେଦନରେ ଉଲ୍ଲେଖ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରମାକାନ୍ତ ଷଡଙ୍ଗୀ ମାମଲା ପରିଚାଳନା କରୁଛନ୍ତି । ୨୦୨୩ ଜାନୁଆରି ତୃତୀୟ ସପ୍ତାହକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ତାଲୁକା ଲିଗାଲ୍ ସର୍ଭିସେସ୍ କମିଟି ପକ୍ଷରୁ ମାନବିକ ଅଧିକାର ଦିବସ ପାଳିତ

ଗଂଜାମ, ୧୧/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ତାଲୁକା ଲିଗାଲ୍ ସର୍ଭିସେସ୍ କମିଟି ପକ୍ଷରୁ ଶନିବାର ପାଳିତ ହୋଇଯାଇଛି ମାନବିକ ଅଧିକାର ଦିବସ । କୋଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଲୁକା ଲିଗାଲ୍ ସର୍ଭିସେସ କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଚିନ୍ମୟ ଗଛାୟତକଂ ଉପସ୍ଥିତିରେ ଏହି ଦିବସ ପାଳିତ ହୋଇଯାଇଛି । ୧୯୪୮ ଡିସେମ୍ବର ୧୦ରେ ମିଳିତ ଜାତିସଂଘର ସାଧାରଣ ସଭାରେ ମାନବିକ ଅଧିକାରର ସାର୍ବଭୌମ ଘୋଷଣାନାମାକୁ ଅନୁମୋଦନ କରାଯାଇଥିଲା । ଜାତିସଂଘ ଆନୁକୂଲ୍ୟରେ ୧୯୫୦ରୁ ପ୍ରତିବର୍ଷ ମାନବାଧିକାର ଦିବସ ପାଳିତ ହୋଇଆସୁଛି । ବିଶ୍ୱର ପ୍ରତ୍ୟେକ ପ୍ରାନ୍ତର ଲୋକଙ୍କୁ ସେମାନଙ୍କ ସାମାଜିକ, ସାଂସ୍କୃତିକ, ଶାରୀରିକ ଅଧିକାର ସମ୍ପର୍କରେ ସଚେତନ କରାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ସମସ୍ତଙ୍କୁ ସମାନ ସୁଯୋଗ ଦିଆଯିବା ସହ ଭେଦଭାବ ଭଳି ସମସ୍ୟାର ସମାଧାନ ପାଇଁ ଜାତିସଂଘ ମାନବାଧିକାର ଦିବସ ପାଳନ କରିବାକୁ ଉତ୍ସାହିତ କରିଥାଏ । ତେବେ ସମସ୍ତଙ୍କ ପାଇଁ ନ୍ୟାୟ, ସ୍ୱାଧୀନତା ଓ ମର୍ଯ୍ୟାଦା ପରିପ୍ରେକ୍ଷୀରେ ଆମ ଦେଶରେ ଆଜି 'ମାନବିକ ଅଧିକାର କେତେ ସୁରକ୍ଷିତ, ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ତାରିଣୀ ପଟ୍ଟନାୟକ, ସୋମନାଥ ବେହେରା, ପ୍ରଫୁଲ୍ଲ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ରଜନୀକାନ୍ତ ବେହେରା, ବିଜୟାଲକ୍ଷ୍ମୀ ପଟ୍ଟନାୟକ, ସନ୍ୟାସୀ ସାହୁ, ଜମିର୍ ଅଲ୍ଲୀ ଖାଁ, ଉପ ସଭାପତି ବାମଦେବ ପଣ୍ଡା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା କୋର୍ଟ ଜୁନିଅର କିରାଣୀ ଦିଲଦାର୍ ଦିଲସନ୍ ଆଲମ୍ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ମଣ୍ଡି ଖୋଲିବା ପୂର୍ବରୁ ମିଲରଙ୍କ ଗୋଦାମ ଭର୍ତ୍ତି

ଯାଜପୁର : ଆକାଶରେ ମେଘ ଦେଖି ଚାଷୀ ଛାତିରେ କମ୍ପନ । ହେଲେ ବର୍ଷା ଯୋଗୁଁ ମିଲର ଓ ଦଲାଲଙ୍କ ଖୁସି କହିଲେ ନସରେ । ପ୍ରକୃତି ଦେଇଥିବା ସୁଯୋଗରୁ ଫାଇଦା ଉଠାଇବା ପାଇଁ ଗାଁ ଗାଁରେ ଡେରା ପକାଇଛନ୍ତି ମିଲ ?ଙ୍କ ଦଲାଲ । କୁଇଣ୍ଟାଲ ପିଛା ଧାନ ୧୩୦୦ରୁ ୧୪୦୦ ଟଙ୍କାରେ କିଣି ୭ଶହ ଟଙ୍କା ମୁନାଫା ପାଇଁ ସମସ୍ତେ ଲାଗିପଡ଼ିଛନ୍ତି । ବିଳମ୍ବିତ ମଣ୍ଡି ଖୋଲାହେବା ମଧ ମିଲରଙ୍କୁ ସୁହାଉଛି । ଯାଜପୁର ଜିଲ୍ଲାରେ ଆସନ୍ତା ୪ ତାରିଖରୁ ଧାନକିଣା ହେବ । ହେଲେ ଏହାପୂର୍ବରୁ ମିଲରଙ୍କ ଗୋଦାମ ଭର୍ତ୍ତି ହୋଇଗଲାଣି । ହେଲେ ଏହି ଧାନ କେଉଁଠୁ ଆସିଲା ସେ ନେଇ ପ୍ରଶାସନ ତରଫରୁ କୌଣସି ତଦନ୍ତ ହୋଇଥିବାର ନଜିର ନାହିଁ । ଅବଶ୍ୟ ଜିଲ୍ଲା ପ୍ରଶାସନ ଧାନକିଣା କେଳେଙ୍କାରୀକୁ ରୋକିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କ ଅଧକ୍ଷତାର ଟାସ୍କଫୋର୍ସ ଗଠନ କରିଛି । ହେଲେ ଏହି ଟାସ୍କଫୋର୍ସ କିନ୍ତୁ ଚାଷୀଙ୍କୁ ଶୋଷଣରୁ ରକ୍ଷା କରିପାରୁ ନାହିଁ । ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍ ମଧ୍ୟରୁ ସୁକିନ୍ଦା, ଦାନଗଦୀ, ଧର୍ମଶାଳା, ବଡ଼ଚଣା, ରସୁଲପୁର, କୋରେଇ, ଯାଜପୁର ପ୍ରଭୃତିରେ ଉପର ଜମିରୁ ଧାନ ଅମଳ ଆରମ୍ଭ ହୋଇଯାଇଛି । ଚାଷୀମାନେ ମେସିନରେ ଧାନ ଅମଳ କରୁଛନ୍ତି । ଧାନ ରଖିବା ପାଇଁ ସେପରି ସୁବିଧା ନ ଥିବାରୁ ଶହ ଶହ ଚାଷୀ ଧାନ ଅମଳ କରି ବିଲରୁ ବିକ୍ରି କରିଦେଉଛନ୍ତି । ଦଲାଲମାନେ ମଧ ସରକାରୀ ଧାର୍ଯ୍ୟ କରିଥିବା ୨୦୪୦ଟଙ୍କା ବଦଳରେ ୧୩୦୦ ରୁ ୧୪୦୦ ଟଙ୍କା ମଧ୍ୟରେ କୁଇଣ୍ଟାଲ ଧାନ କିଣୁଛନ୍ତି । ଦଲାଲମାନେ ଧାନ କିଣି ନିଜ ନିଜ ଗୋଦାମରେ ରଖୁଛନ୍ତି । କେତେକ ମିଲରଙ୍କ ଗୋଦାମକୁ ପଠାଇ ଦେଉଛନ୍ତି । ଏବେ ସୁଦ୍ଧା ଧାନମଣ୍ଡି ଖୋଲି



ନଥିବାରୁ କାଗଜପତ୍ର କରାଯାଉନାହିଁ । ଆସନ୍ତା ୪ତାରିଖକୁ ଅପେକ୍ଷା ।

ଧାନମଣ୍ଡି ଖୋଲିଲେ କାଗଜପତ୍ର କାରବାର ହେବ । ଯେପରିକି ଗତବର୍ଷ ୧୦ଟି ପ୍ୟାକ୍ସ ଓ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଧାନ କିଣାବିକା କେଳେଙ୍କାରୀ ଧରାପଡ଼ିଥିଲା । ପ୍ରାୟ ୪କୋଟି ଟଙ୍କାର ଧାନ କେଳେଙ୍କାରୀ ରାଜ୍ୟସ୍କ୍ୱାଡ୍ ଧରି କାର୍ଯ୍ୟାନୁଷ୍ଠାନ ପାଇଁ ଏଆରସିଏସଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଅପରପକ୍ଷରେ ହେରଫେର କରିଥିବା ସେହି ୧୧ଟି ସଂସ୍ଥାକୁ ଏଥର ମଧ ଧାନ କିଣା ପ୍ରକ୍ରିୟାରେ ସାମିଲ କରାଯାଇଛି । ଦୁର୍ନୀତିକୁ ରୋକିବା ପାଇଁ ସରକାର ଯୋଜନା କରୁଛନ୍ତି । ତେବେ ଯାଜପୁର ଜିଲ୍ଲାରେ କେତେକ ପ୍ରଭାବଶାଳୀ ମିଲ୍ ମାଲିକଙ୍କ ପାଇଁ ସରକାରୀ ନୀତିନିୟମକୁ ପ୍ରହସନରେ ପରିଣତ ହୋଇଛି । ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

# ସୁବର୍ଣ୍ଣାର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ସୁବର୍ଣ୍ଣପୁର, ୧୧/୧୨ (ନି.ପ୍ର): ସୁବର୍ଣ୍ଣପୁରର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ର ରଜତ ଜୟନ୍ତୀ ଉତ୍ସବ ମହା ସମାରୋହ ରେ ଉଦଯାପିତ ହୋଇ ଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ତଥା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ର ପ୍ରାକ୍ତନ ଅଧକ୍ଷା ଶ୍ରୀମତୀ ନିବେଦିତା ନାୟକ ଯୋଗ ଦେଇ ସମାଜ ରେ ନାରୀ ସଶକ୍ତି କରଣ ର ମହତ୍ୱ ସମ୍ପର୍କ ରେ ଆଲୋଚନା କରିବା ସହିତ ସେ ଦିଗ ରେ ସୁବର୍ଣ୍ଣା ନାରୀ ଜାଗରଣ ର ଉଲ୍ଲେଖନୀୟ ଭୂମିକା ଉପରେ ଅନେକ ପ୍ରମାଣ ବା ଉଦାହରଣ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଏସପି ଅମରେଶ ପଣ୍ଡା ଯୋଗ ଦେଇ ଦୀର୍ଘ ୩୦ ବର୍ଷ ଧରି ସୁବର୍ଣ୍ଣା ମହିଳାଙ୍କ କ୍ଷେତ୍ର ରେ ସେବା କରି ସାରା ରାଜ୍ୟ ରେ ଖୁବ ପ୍ରତିଷ୍ଠିତ ଅନୁଷ୍ଠାନ ଭାବରେ ସୁନାମ ଅର୍ଜନ କରିଛି ବୋଲି ମତ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ମହିଳା ଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପରେ ପ୍ରଥମେ ଅଗ୍ରାଧିକାର ଦିଆଯିବ ଏବଂ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ପ୍ରଖ୍ୟାତ ଲୋକ କବିରତ୍ନ ପଦ୍ମଶ୍ରୀ ଡ଼ଃ ହଳଧର ନାଗ ଏକ ଚମତ୍କାର କୋସୋଲି କବିତା ଆବୃତି ମାଧ୍ୟମ ରେ ମା ମାଟି ଓ ମାତୃଭାଷା ପ୍ରତି ଓ ମାତୃ ସଂସ୍କୃତି ପ୍ରତି ସମସ୍ତେ ସମର୍ପିତ ହେବା ପାଇଁ ପ୍ରେରଣା ଯୋଗାଇଥିଲେ । ସୁବର୍ଣ୍ଣା ର ଉପଦେଷ୍ଟା ପ୍ରଫେସର ଡ଼ଃ ଜୟଦେବ ଦଣ୍ଡସେନାଙ୍କ ସ୍ୱ ରଚିତ ଏକ ଗୀତ କୁ ସମସ୍ତେ ଗାନ କରିଥିଲେ । ଅନୁଷ୍ଠାନ ର ସଭାନେତ୍ରୀ ପ୍ରଫେସର ମୀନା ମହାରଣା ସଭା କୁ ଅଧକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସମ୍ପାଦିକା ମଞ୍ଜୁଳା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସୁବର୍ଣ୍ଣା ର ବରିଷ୍ଠ ସଭ୍ୟା ଇନ୍ଦୁମତୀ ପୁରୋହିତ ଓ ସୁନନ୍ଦକ୍ଷ ସାହୁ ସଭା କୁ ସଂଯୋଜନା କରିଥିଲେ । ଶେଷ ରେ ଉପ ସଭାନେତ୍ରୀ ଭଗବତୀ ରାୟଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ପରେ ନୃତ୍ୟ ପ୍ରତିଯୋଗିତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ସଭ୍ୟା ଆରତୀ ଖମାରି, ଶ୍ରଦ୍ଧାଞ୍ଜଳି ମିଶ୍ର, ମଞ୍ଜୁଳା ଝଙ୍କର, କଳ୍ପନା ମେହେର, ଗୀତକ୍ଷ ବହିଦାର, ପୁଷ୍ପା ମେହେର, ଉର୍ମିଳା ସାହୁ, ପ୍ରଦୀପ ବଣ୍ଡକି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ଏହି ଉତ୍ସବକୁ ଗତ କାଲି ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ ଉଦଘାଟନ କରି ନାରୀ ଜାଗରଣ ର ଏହି ମହତ ସେବା କୁ ପ୍ରଶଂସା କରିଥିଲେ ।

# ୨୫ ପଞ୍ଚାୟତର ରୋଗୀଙ୍କ ଭରସା ଜଣେ ମାତ୍ର ଡାକ୍ତର

ଜଗନ୍ନାଥପ୍ରସାଦ , ୧୧/୧୨ (ନି.ପ୍ର): ଭଗବାନଙ୍କ ଭରସାରେ ଚାଲିଛି ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । କାରଣ ଆବଶ୍ୟକ ୧୨ ଜଣ ଡାକ୍ତର ଜାଗରେ ଜଣେମାତ୍ର ଡାକ୍ତରଙ୍କୁ ନେଇ ଡାକ୍ତରଖାନା ପରିଚାଳିତ ହେଉଛି । ସେହିପରି ଛାମୁଣ୍ଡା, ବରଗାଁ, ଅଳସୁ ଓ ତାରସିଂରେ ମୋଟ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ହେଁ, ତାହା ମଧ ଡାକ୍ତରଶୂନ୍ୟ ହୋଇଯାଇଛି । ଫଳରେ ମୋଟାମୋଟି ଭାବେ ଦେଖିବାକୁ ଗଲେ ଜଗନ୍ନାଥପ୍ରସାଦ ବ୍ଲକ୍‌ର ୨୫ ପଞ୍ଚାୟତର ଲୋକଙ୍କ ପାଇଁ ଜଣେ ମାତ୍ର ଡାକ୍ତର ସାହାଭରସା ପାଲଟିଛନ୍ତି । ଯାହାକି ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ନଗ୍ନ ଚିତ୍ରକୁ ସାମ୍ନାକୁ ଆଣିଛି ।




ବିଶେଷକରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷ ବର୍ଷ ଧରି ଡାକ୍ତର ପଦବି ଖାଲି ପଡ଼ୁଥିବା ବେଳେ ଏହାକୁ ପୂରଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଯେମିତି ନିଘା ନାହିଁ । ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବହୁବାର ଆନ୍ଦୋଳନ ବି ହୋଇଛି । ଅନେକଥର ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କିନ୍ତୁ ଫଳ ଶୂନ । ଅଭିଯୋଗ ହେଲେ, କେବଳ କାମଚଳା ନୀତିରେ ଡେପୁଟେସନରେ ସ୍ୱଳ୍ପଦିନ ପାଇଁ ଜଣେ ଦୁଇଜଣ ଡାକ୍ତରଙ୍କୁ ପଠାଇ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ଝାଡ଼ିଦେଉଛି । ଏହିକ୍ରମରେ ପ୍ରତିବାଦ ପରେ କିଛିଦିନ ତଳେ ୪ ଜଣ ଡାକ୍ତରଙ୍କୁ ଏଠାରେ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିଲା । ହେଲେ ଧୀରେ ଧୀରେ ସେମାନଙ୍କ ମଧ୍ୟରୁ ୩ ଜଣ ଡାକ୍ତରଙ୍କୁ ଏଠାରୁ ବଦଳି କରିଦିଆଗଲା । ଫଳରେ ଜଣେ ମାତ୍ର ଡାକ୍ତରଙ୍କ ପକ୍ଷେ ରୋଗୀ ଚିକିତ୍ସା ଏବଂ ସରକାରୀ କାର୍ଯ୍ୟ ସମ୍ଭାଳିବା ଓ କାଗଜପତ୍ର କାମ କରିବା ସମ୍ଭବପର ହେଉନି । ଏହାସହ ଉକ୍ତ ଡାକ୍ତରଜଣକ ମେଡିକାଲ ଅଫିସର୍ ଭାବେ ମଧ ଦାୟିତ୍ୱ ତୁଲାଉଛନ୍ତି । ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜଣେ ବ୍ଲକ୍ ପ୍ରୋଗ୍ରାମ ହେଲ୍ଥ ଅଫିସର, ଜଣେ ଦାନ୍ତ ଡାକ୍ତର, ଚାରିଜଣ ଏମବିବିଏସ୍ ଡାକ୍ତର, ଜଣେ ଜୁନିୟର ଡାକ୍ତର, ଜଣେ ମେଡିସିନ୍ ବିଶେଷଜ୍ଞ, ଜଣେ ମେଡିକାଲ୍ ଅଫିସର, ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଜଣେ ଶିଶୁରୋଗ, ଜଣେ ସର୍ଜନ୍ ବିଶେଷଜ୍ଞ ଏବଂ ଜଣେ ଅଧୀକ୍ଷକଙ୍କ ସମେତ ମୋଟ ୧୨ ଜଣ ଡାକ୍ତରଙ୍କ ଆବଶ୍ୟକ ରହିଛି ।

କିନ୍ତୁ ଏଠାରେ କେବଳ ଜଣେ ଏମବିବିଏସ ଡାକ୍ତରଙ୍କୁ ଛାଡ଼ି ଅନ୍ୟ ସମସ୍ତ ପଦ ଖାଲିପଡ଼ିଛି । ଫଳରେ ଏଭଳି ପରିସ୍ଥିତିରେ ରୋଗୀ ଚିକିତ୍ସା କେମିତି ଚାଲୁଥିବ ତାହା ଏଥିରୁ ସ୍ପଷ୍ଟ ଅନୁମେୟ । ପ୍ରତିଦିନ ଆଉଟ୍‌ଡୋର୍ ଓ ଇନ୍‌ଡୋରକୁ ୨୦୦ରୁ ଅଧିକ ରୋଗୀ ଆସୁଥିବା ବେଳେ ସେମାନଙ୍କୁ ୨୪ ଘଣ୍ଟିଆ ସେବା ଯୋଗାଇବା ସମ୍ଭବପର ହୋଇପାରୁନି । ଫଳରେ ଡାକ୍ତରଖାନା ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି । ରଙ୍ଗବେରଙ୍ଗର କୋଠା ବାହାରକୁ ଚକାଚକ୍ ଦିଶୁଥିବା ବେଳେ ଭିତର ଚିତ୍ର କିନ୍ତୁ ସଂଗିନ୍ ପାଲଟିଛି । ଡାକ୍ତର ଅଭାବ ପୂରଣ ଦିଗରେ ସ୍ୱାସ୍ଥ୍ୟବିଭାଗ ପାତରଅନ୍ତର ନୀତି ଅବଲମ୍ବନ କରୁଛନ୍ତି ବୋଲି ସ୍ଥାନୀୟବାସିନ୍ଦା ଅଭିଯୋଗ ଆଣିଛନ୍ତି । ଏଭଳି ଘଡ଼ିସନ୍ଧି ସମୟ ?ରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବି ଡାକ୍ତରଶୂନ୍ୟ ରହିବା ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରିଛି । ଅନ୍ୟପକ୍ଷରେ ପୂରା ବ୍ଲକ୍‌ରେ ଜଣେ ମାତ୍ର ଡାକ୍ତର କାର୍ଯ୍ୟରତ ଅଛନ୍ତି । କିନ୍ତୁ ବ୍ଲକ୍ ସ୍ୱାସ୍ଥ୍ୟକେନ୍ଦ୍ର ପୋର୍ଟାଲରେ କିନ୍ତୁ ୫ ଜଣ ଡାକ୍ତର କାର୍ଯ୍ୟରତ ଥିବା ତଥ୍ୟ ଦର୍ଶାଯାଇଛି । ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ଦାସ କିରଣ କୁମାରଙ୍କ ସହ ଯୋଗାଯୋଗ କରିବାରୁ, ପୋର୍ଟାଲରେ ଥିବା ତଥ୍ୟକୁ ଅପଡେଟ୍ କରାଯାଇ ନଥିବାରୁ ଏହି ତ୍ରୁଟି ରହିଛି । କିନ୍ତୁ ରୋଗୀ ସେବା ସହ ସରକାରୀ କାର୍ଯ୍ୟଭାରକୁ ଏକୁଟିଆ ସମ୍ଭାଳିବା ତାଙ୍କ ପାଇଁ କଷ୍ଟସାଧ ହେଉଛି ବୋଲି କହିଛନ୍ତି । ତୁରନ୍ତ ଏହା ଉପରେ ବିଚାର କରି ଆବଶ୍ୟକ ଡାକ୍ତର ପଦବି ପୂରଣ ପାଇଁ ସାଧାରଣରେ ଦାବି ହୋଇଛି ।

# ୮ ଫୁଟ ଲମ୍ବର ଅଜଗର ଉଦ୍ଧାର

ଧର୍ମଶାଳା, ୧୧/୧୨ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକସ୍ଥିତ କୁମାର ସାହି ନିକଟସ୍ଥ ହାଇଲେବୁଲ କେନାଲ କୂଳରୁ ୮ଫୁଟରୁ ଉର୍ଦ୍ଧ ଲମ୍ବର ଏକ ଅଜଗର ଉଦ୍ଧାର କରାଯାଇଛି । ଏହାକୁ ଉଦ୍ଧାର କରାଯାଇ ମହାବିନାୟକ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡିଛି । ସୂଚନା ମୁତାବକ,ଆଜି ଅପରାହ୍ନରେ ବଡଚଣା ବ୍ଲକ କୁମାର ସାହି ଗ୍ରାମର ଆଦିତ୍ୟ ବେହେରା, ନିତ୍ୟାନନ୍ଦ ବେହେରା ଓ ଗୌରାଙ୍ଗ ବେହେରାଙ୍କ ଘର ଆଗରେ ଯାଇଥିବା ହାଇଲେବୁଲ କେନାଲ କୂଳରେ ଧାନ କାଟିବାକୁ ଯାଉଥିବା ସମୟରେ କ୍ଷେତରେ ଏକ ବିରାଟ ଅଜଗର ଶୋଇଥିବା ଦେଖିବାକୁ ପାଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ଭୟଭିତ ହୋଇ ପଡି ଥିଲେ । ଅଜଗର କ୍ଷେତରେ ରହିଥିବା ନେଇ ଚଣ୍ଡିଖୋଲ ବନ ବିଭାଗକୁ ଖବର ଦିଆଯାଇଥିଲା । ବଦ କର୍ମଚାରୀ ୟାସିମ୍ ଆଜମ ଖାଁନ ଘଟଣାସ୍ଥଳରେ ପଂହଚି ଅଜଗରକୁ ଉଦ୍ଧାର କରିଥିଲେ । ଏହି ଅଜଗରର ୮ଫୁଟରୁ ଉର୍ଦ୍ଧ ଲମ୍ବ ବୋଲି ଜଣାପଡିଛି ।

# ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନଙ୍କୁ ଖଲି ତିଆରି ମେସିନ ପ୍ରଦାନ

ମାଲକାନଗିରି, ୧୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ରାଲେଗାଡ଼ା ପଂଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନଙ୍କୁ ଆଜି ଖଲି ତିଆରି ମେସିନ ପ୍ରଦାନ କରାଯାଇଛି । ଓଡ଼ିଶା ସରକାର ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଚିତ୍ରକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ମୁଣ୍ଡାରୀଙ୍କ ଉପସ୍ଥିତିରେ, ବିପଏମ ପର୍ଶୁରାମ ବେହେରାଙ୍କ ନେତୃତ୍ୱରେ ରାଲେଗାଡା ଗ୍ରାମପଂଚାୟତ ସରପଂଚ କମଲୁ ହନ୍ତାଳ ସାରକୁବନ୍ଧ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠିର ମା ମାନଙ୍କୁ ଖଲି ତିଆରି ମେସିନ୍ ପ୍ରଦାନ କରିଥିଲେ । ଏହି ମେସିନ ପାଇଲା ପରେ ଏସଏଚଜି ମା ମାନେ ବହୁତ ଖୁସି ଅନୁଭବ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମାଲକାନଗିରି ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଶେଷରେ ସରପଂଚ କମଲୁ ହନ୍ତାଳ ଏ ମେସିନ ବିଷୟରେ ମା ମାନଙ୍କୁ ବୁଝାଇଥିଲେ ଏବଂ ଆଗାମୀ ଦିନରେ ସରକାରଙ୍କ ଠାରୁ ଆହୁରି ବିଭିନ୍ନ ଯୋଜନାର ସାହାଯ୍ୟ ପାଇବେ ବୋଲି ଭରସା ଦେଇଥିଲେ ।

# ଡାକ୍ତରଖାନା ବର୍ହି ବିଭାଗରେ ଡାକ୍ତର ଅଭାବ: ଘଂଟା ଘଂଟା ଧରି ଅପେକ୍ଷାରେ ରୋଗୀ

କେନ୍ଦ୍ରାପଡା, ୧୧/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ପାଇଁ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ହି ବିଭାଗରେ ବିଭିନ୍ନ ରୋଗ ନିରୂପଣ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ପାଖରେ ଭିଡ ଜମୁଥିବା ବେଳେ ଦିନ ୧୨ଟା ପରେ ମଧ ରୋଗୀ ମାନେ ଡାକ୍ତରଙ୍କୁ ଦେଖାଇବା ପାଇଁ ଅପେକ୍ଷାରେ ରହୁଥିବା ଦେଖିବାକୁ ମିଳୁଛି । ବର୍ହି ବିଭାଗରେ ଜଣେ ମାତ୍ର ଡାକ୍ତର ଦିନ ୧୨ଟା ପରେ ରହୁଥିବାରୁ ଶହ ଶହ ରୋଗୀ ଧାଡିବାନ୍ଧି ଅପେକ୍ଷାରେ ରହୁଛନ୍ତି । ବିଶେଷ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହୋଇଥିବାରୁ ଜିଲ୍ଲାର ୯ଟି ବ୍ଲକ ସମେତ ବାଲିଚନ୍ଦ୍ରପୁର, ଚାରିଲଙ୍ଗଳ, ଫଂଚୁପାଣ୍ଡବ, କୁଜଙ୍ଗ ପ୍ରଭୃତି ଅଂଚଳରୁ ଗୁରୁତର ରୋଗୀ ମାନେ କେନ୍ଦ୍ରାପଡା ଡାକ୍ତରଖାନାକୁ ଆସୁଛନ୍ତି । ଦିନ ୧୨ଟା ପରେ ବର୍ହି ବିଭାଗ ପାଇଁ ଅଧିକ ସଂଖ୍ୟକ ଡାକ୍ତରଙ୍କୁ ଦାୟିତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳନ

କନ୍ଧମାଳ , ୧୧/୧୨ (ନି.ପ୍ର): ଫୁଲବାଣୀ ସରକାରୀ ମହିଳା କଲେଜ ପରିସରରେ, ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଜଜଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ସଚେତନତା କାର ?ୟକ୍ରମ ଆୟୋଜିତ କରାଯାଇଥିଲାଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜଜ୍ ସତ୍ୟ ପୀର ମିଶ୍ର ଯୋଗ ଦେଇଥିଲେ ଅନ୍ୟତମ ଅତିଥି ଭାବେ, ସ୍ୱତନ୍ତ୍ର ଜଜ୍ ଭାସ୍କର ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଞ୍ଜିତ୍ କୁମାର ବେହେରା, ସିଜେଏମ ସାଇକାନ୍ତ ପାତ୍ର,ରେଜିଷ୍ଟ୍ରାର ଦେଶପ୍ରିୟା ବାରିକ, ଏସଡିଜେଏମ୍ ଅର୍ଜିତ ଦାସ, ଜେଏମଏଫସି ଶ୍ରୀମତୀ ସୌମ୍ୟାଶ୍ରୀ ମହାପାତ୍ର, ସ୍ୱତନ୍ତ୍ର ପିପି ବିଷୟକୃଷ୍ଣ ପଟ୍ଟନାୟକ,ବାର ଆସୋସିଏସନ ସମ୍ପାଦକ ଦୁର୍ଗାଶଙ୍କର ପଟ୍ଟନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସମ୍ପାଦିକା ଅନୁଶୀଳା ରାୟ ପ୍ରମୁଖ ଯୋଗ ଦେଇ ଦେଇଥିଲେ ମୁଖ୍ୟ ଅତିଥି, ପିଲା ମାନଙ୍କ ପାଇଁ ବହୁତ କିଛି ସାରଗର୍ଭକ କଥା ଗୁଡ଼ିଏ କହିଥିଲେ ଯାହା କି ସମସ୍ତ ଙ୍କ ପାଇଁ ବହୁତ ଗୁରୁତ୍ୱପୁର୍ଣ ବାର୍ତା ଥିଲା, ମାନବ ଅଧିକାର ଓ କର୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଅନ୍ୟ ଅତିଥି ଗଣ, ଶେଷରେ ମହିଳା କଲେଜ ର ଅଧକ୍ଷା ସମସ୍ତ ଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ୱପ୍ନରେ ଦେଖୁଛନ୍ତି କି ଧଳା କୁକୁର ?

ଏପରି ବ୍ୟକ୍ତି କ୍ୱଚିତ୍ ରହିବେ, ଯିଏ ସ୍ୱପ୍ନ ଦେଖନ୍ତି ନାହିଁ । ଏହା ଏକ ଭିନ୍ନ କଥା ଯେ କିଛି ଲୋକ ସେମାନଙ୍କର ସ୍ୱପ୍ନକୁ ମନେ କରନ୍ତି ଏବଂ କିଛି ଲୋକ ସେମାନଙ୍କୁ ଭୁଲିଯାଆନ୍ତି । ପ୍ରତ୍ୟେକ ଭଲ ଏବଂ ଖରାପ ସ୍ୱପ୍ନର କିଛି ଅର୍ଥ ଅଛି । କିଛି ସ୍ୱପ୍ନ ଜୀବନରେ ଆସୁଥିବା ସୁଖ ଆଡକୁ ସୂଚାଇଥାଏ, ଆଉ କେତେକ ଭବିଷ୍ୟତରେ ଘଟିବାକୁ ଥିବା ଖରାପ ଘଟଣା ବିଷୟରେ ଆଗରୁ ଆଭାସ ବା ଚେତାବନୀ ଦେଇଥାଏ ।

♦ ସମସ୍ତ ସ୍ୱପ୍ନକୁ ସ୍ୱପ୍ନ ଶାସ୍ତ୍ରରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏଭଳି ପରିସ୍ଥିତିରେ ଆଜି ଆମେ କିଛି ସ୍ୱପ୍ନ ବିଷୟରେ ଆଲୋଚନା କରିବା । ଯଦି କେହି ତାଙ୍କ ସ୍ୱପ୍ନରେ ଏକ ଧଳା କୁକୁରକୁ ଦେଖନ୍ତି, ତେବେ ଏହା ଏକ ଭଲ ସଙ୍କେତ କି ଏକ ଉଦ୍‌ବେଗଜନକ ବୋଲି ସେ ଦ୍ୱନ୍ଦ୍ୱରେ ପଡ଼ନ୍ତି। ସ୍ୱପ୍ନର ବିଜ୍ଞାନ ଅନୁଯାୟୀ, ଏକ ଧଳା କୁକୁରକୁ ସ୍ୱପ୍ନରେ ଦେଖିବା ଶୁଭ ବୋଲି ବିବେଚନା କରାଯାଏ ।ଏକ ଧଳା ରଙ୍ଗର କୁକୁର ଜୀବନରେ ସୁଖ ଏବଂ ସକାରାତ୍ମକତା ଆଣିଥାଏ । ଏହା ଧନ ଏବଂ ସମ୍ପତ୍ତିର ପରିମାଣ ସୃଷ୍ଟି କରେ । ଏହା ସହିତ ବ୍ୟବସାୟରେ ବୃଦ୍ଧି ଘଟିଛି ।

♦ ଯଦି ତୁମେ ନିଜ ସ୍ୱପ୍ନରେ ତୀର୍ଥଯାତ୍ରାରେ ଯାଉଥିବାର ଦେଖୁଛ, ତେବେ ଏହାର ଅର୍ଥ ମଧ୍ୟ ଶୁଭ ଅଟେ । ଏହିପରି ଏକ ସ୍ୱପ୍ନ ଦେଖିବା ତୁମର ଯେ କୌଣସି ଇଚ୍ଛା ପୂରଣ ହୋଇପାରିବ । ଏହା ସହ ଜୀବନରେ ମଧ୍ୟ ଏକ ସକରାତ୍ମକ ପ୍ରଭାବ ପକାଇଥାଏ ।

♦ ବେଳେବେଳେ ଜଣେ ବ୍ୟକ୍ତିଙ୍କର କିଛି ଅଜବ ସ୍ୱପ୍ନ ମଧ୍ୟ ଥାଏ । ଯଦି ଆପଣ ସ୍ୱପ୍ନ ମଧ୍ୟରେ ଟେଲିସ୍କୋପ ଦେଖାଯାଏ ତେବେ ତାହାର ଅର୍ଥ ଭିନ୍ନ ଅଟେ । ତଥାପି, ସ୍ୱପ୍ନରେ ଟେଲିସ୍କୋପ ଦେଖିବା ଶୁଭ ବୋଲି ଧରାଯାଏ ନାହିଁ । ଏହି ପରି ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଦୁଇଗୁଣ ମାନକ ଅଟନ୍ତି । ସେମାନେ ଅସୁବିଧାର ସମ୍ମୁଖୀନ କରିପାରନ୍ତି ନାହିଁ । ସବୁବେଳେ ଅସୁବିଧାରେ ପଡ଼ନ୍ତି ।



# ନିୟମିତ ସେଭିଂ କଲେ ମିଳିବ ଏହିସବୁ ଫାଇଦା

**ସୁନ୍ଦର, ଆକର୍ଷଣୀୟ, ସ୍ମାର୍ଟ ଓ ପ୍ରଫେସନାଲ୍ ଲୁକ୍ ପାଇଁ ଆଜିକାଲି କ୍ଲିନ୍‌ସେଭ୍ ଚେହେରାକୁ ହିଁ ପସନ୍ଦ କରାଯାଉଛି । ଯେଉଁ ଯୁବକ ଓ ବ୍ୟକ୍ତିମାନେ କ୍ଲିନ୍‌ସେଭ୍ ପସନ୍ଦ କରନ୍ତି, ସେମାନେ ସପ୍ତାହରେ ୨ରୁ ୩ ଥର ସେଭିଂ ହୁଅନ୍ତି । ହେଲେ, ଆପଣ ଜାଣନ୍ତି, ନିୟମିତ ସେଭିଂ କଲେ ପୁରୁଷଙ୍କ ତ୍ୱଚାକୁ ଅନେକ ଫାଇଦା ମିଳିଥାଏ । ଆସନ୍ତୁ ସେସବୁ ଫାଇଦା ବିଷୟରେ ଜାଣିବା ।**



**ଡେଡ୍ ସ୍କିନ୍ ଦୂର ହୁଏ:** ନିୟମିତ ସେଭିଂ କଲେ କେବଳ ଦାଢ଼ି ସଫା ହୁଏ ତା ନୁହେଁ, ତ୍ୱଚାର ଉପର ଭାଗରେ ଜମି ରହିଥିବା ଡେଡ୍ ସ୍କିନ୍ ମଧ୍ୟ ସଫା ହୋଇଯାଏ । ଯାହା ଆପଣଙ୍କୁ ଏକ ଫ୍ରେସ୍ ଲୁକ୍ ଦେଇଥାଏ ।

**ସୁସ୍ଥ ତ୍ୱଚା:** ଏହା ତ୍ୱଚାରୁ ଦାଢ଼ି ଓ ଡେଡ୍ ସ୍କିନ୍ ସଫା କରିବା ସହ ସେଭିଂ ସମୟରେ ତ୍ୱଚାକୁ ଏକ ହାଲ୍‌କା ମସାଜ ଦେଇଥାଏ ।

**ୟଙ୍ଗ ଦେଖାଯିବେ:** ନିୟମିତ ଭାବେ ସେଭିଂ କଲେ ଡେଡ୍ ସ୍କିନ୍ ବାହାରିଯାଏ । ଫଳରେ ତ୍ୱଚାରେ ମେଲାନିନ୍ ଓ କ୍ୟାରଟିନ୍‌ର ମାତ୍ରା ବଢ଼ିଥାଏ । ଯାହା ଦ୍ୱାରା ନୂଆ ତିଆରି ହେଉଥିବା ତ୍ୱଚା ପୁରୁଣା ତ୍ୱଚାଠୁ ଅଧିକ ଫ୍ରେଶ୍ ଦେଖାଯାଏ ଓ ଏହାକୁ ଅତି ଶୀଘ୍ର ରିକଭରି ହେବାକୁ ସମୟ ମିଳିଯାଏ ।

**ପିଏଚ୍ ଲେଭଲ୍‌କୁ କଣ୍ଟ୍ରୋଲ୍ କରେ:** ନିୟମିତ ସେଭିଂ କରିବା ସମୟରେ ଆମେ ଯେଉଁ ସେଭିଂ କ୍ରିମ୍, ଜେଲ୍, ଅଏଲ୍ ଓ ପ୍ରି-ସେଭ୍ ବ୍ୟବହାର କରୁ ସେଗୁଡ଼ିକ ଆମ ତ୍ୱଚାର ପିଏଚ୍ ଲେଭଲ୍‌କୁ କଣ୍ଟ୍ରୋଲ୍ କରିଥାଏ ।

**ଫୁର୍ତ୍ତି ଲାଗିବ:** ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣା ପଡ଼ିଛି ଯେ ପ୍ରତିଦିନ ସକାଳୁ ଉଠି କାମକୁ ଯିବା ପୂର୍ବରୁ ଯେଉଁମାନେ ସେଭିଂ କରିଥାନ୍ତି, ସେମାନେ ଦିନସାରା ବେଶ୍ ଫୁର୍ତ୍ତି ରହିଥାନ୍ତି । ଅନ୍ୟମାନଙ୍କଠୁ ଏମାନେ ଅଧିକ ବ୍ୟବସ୍ଥିତ ଢଙ୍ଗରେ କାମ କରିଥାନ୍ତି ।

**ସେଭିଂ ପରେ ଏହି ଘରୋଇ ଉପାୟ ଦ୍ୱାରା ନିଅନ୍ତୁ ତ୍ୱଚାର ଯତ୍ନ**

**ଅମୃତଭଣ୍ଡା-** ସେଭିଂ ପରେ ଚେହେରାର ତ୍ୱଚା ରୁକ୍ଷ ହୋଇଯାଏ । ତେଣୁ ସେଭିଂ ପରେ ପାଚିଲା ଅମୃତଭଣ୍ଡା ଲଗାଇଲେ, ଚେହେରାର ରୁକ୍ଷ ପଣ ଦୂର ହୋଇଥାଏ । କାରଣ ପାଚିଲା ଅମୃତଭଣ୍ଡାରେ ଭିଟାମିନ୍-ଏ ଅଧିକ ମାତ୍ରାରେ ରହିଛି । ଏଥିପାଇଁ ପ୍ରଥମେ କଟା ଅମୃତଭଣ୍ଡାକୁ ସ୍କ୍ରବ୍ ଆକାରରେ ମୁହଁରେ କିଛି ସମୟ ଘଷନ୍ତୁ । ଘଷିବା ପରେ ମୁହଁକୁ ଶୁଖିବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ । ଶୁଖିଗଲେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏପରି କଲେ, ଚେହେରାର ତ୍ୱଚା କୋମଳ ଓ ଚମକଦାର୍ ଦେଖାଯିବ ।

**ଥଣ୍ଡା କ୍ଷୀର-** କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ୍ ପ୍ରାକୃତିକ ମଶ୍ଚରାଇଜରର କାମ କରିଥାଏ । ତ୍ୱଚାରେ ଚମକ ଆଣିବା ପାଇଁ ସେଭିଂ କରିବା ପରେ ଏକ ତୁଳାକୁ ଥଣ୍ଡା କ୍ଷୀରରେ ବୁଡ଼ାଇ ଚେହେରାରେ ଲଗାନ୍ତୁ । କିଛି ସମୟ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏପରି କଲେ ସେଭିଂ ପରେ ତ୍ୱଚା ଜ୍ୱଳନରୁ ଆରାମ ମଧ୍ୟ ମିଳିବ।

**ଆପଲ ସାଇଡର ଭିନେଗାର-** ଆପଲ ସାଇଡର ଭିନେଗାରରେ ଥିବା ଆଣ୍ଟି ଇନ୍‌ଫ୍ଲେମେଟରି ଗୁଣ ସେଭିଂ ପରେ ତ୍ୱଚା କୁଣ୍ଡେଇ ହେବାରୁ ରକ୍ଷା କରିଥାଏ । ଏଥିପାଇଁ ଏକ ପାତ୍ରରେ ଅଳ୍ପ ପାଣିରେ ଆପଲ୍ ସାଇଡର ଭିନେଗାର ମିଶାଇ ଚେହେରାରେ ଲଗାନ୍ତୁ । ଏଭଳି କଲେ ଆପଣଙ୍କୁ ଇନ୍‌ଫେକସନ୍‌ରୁ ମୁକ୍ତି ମିଳିବ ।



# ଖାଲିପେଟରେ କାହିଁକି ସେବନ କରନ୍ତି ଟମାଟୋ ? ଜାଣନ୍ତୁ ଏହାର ୪ଟି ଜବରଦସ୍ତ ଫାଇଦା

**ଟମାଟୋ ଏପରି ଏକ ପରିବା ଯାହାକୁ ଭାରତରେ ବହୁଳ ଭାବରେ ବ୍ୟବହାର କରାଯାଏ । ଏହାକୁ କୌଣସି ତରକାରୀରେ ପକାଇଦେଲେ ତାର ସ୍ୱାଦ ବଢିଯାଏ । ଏଥିସହିତ ଟମାଟୋକୁ ତ୍ୱଚା ପାଇଁ ମଧ୍ୟ ବ୍ୟହାର କରାଯାଏ । କିନ୍ତୁ ଆପଣମାନେ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମ ଶରୀରରୁ ଅନେକ ପ୍ରକାର ଫାଇଦା ଦେଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଏହା ଆମକୁ କଣ ଫାଇଦା ଦେଇଥାଏ ।**

**ଟମାଟୋକୁ ଖାଲିପେଟରେ ସେବନ ଦ୍ୱାରା ମିଳିଥାଏ ଏହିସବୁ ଫାଇଦା:**



**୧-ପେଟରେ ଥିବା ଜୀବାଣୁ ନଷ୍ଟ:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ । ତେବେ ସକାଳୁ ଟମାଟୋକୁ ଗୋଲମରିଚ ଗୁଣ୍ଡ ସହ ମିଶାଇ ସେବନ କରନ୍ତୁ ଫଳରେ ପେଟରେ ଥିବା ଜୀବାଣୁ ମରି ମଳ ଦ୍ୱାରା ବାହିରି ଆସିବେ ଏଥିସହିତ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।

**୨-ହୃଦଘାତ ସମସ୍ୟା ଦୂର:** ଟମାଟୋରେ ଭିଟାମିନସ୍, ସୋସଡିୟମ, ପୋଟାସିୟମ, କ୍ୟାଲସିୟମ, ଭିଟାମିନ ଏ, ଭିଟାମିନ ସି, ଭିଟାମିନ ଇ ଏବଂ ରାଇବୋଫ୍ଲୋଭିନ ଆଦି ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ହୃଦଘାତ ପରି ସମସ୍ୟାକୁ ମଧ୍ୟ ଦୂର କରିଥାଏ । ତେଣୁ ପ୍ରତ୍ୟେକ ଦିନ ଖାଲିପେଟରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସେବନ କରିବା ଦ୍ୱାରା ଏହା ହାଇ କୋଲେଷ୍ଟ୍ରଲ ଏବଂ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହୃଦଘାତ ସମସ୍ୟା ଦୂର ହୋଇଥାଏ ।

**୩-ପେଟ ଥଣ୍ଡା ରୁହେ:** କିଛି ଲୋକଙ୍କୁ ପେଟ ଗରମ କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଏହା ସେମାନଙ୍କ ଚର୍ମ ଏବଂ କେଶ ଉପରେ ପ୍ରଭାବ ପକାଏ । ତେଣୁ ବିଶେଷଜ୍ଞମାନଙ୍କ ମତରେ ଖାଲିପେଟରେ ସକାଳୁ ଟମାଟୋ ସୋବନ କରିବା ଉଚିତ୍ ଏପରି କରିବା ଦ୍ୱାରା ପେଟ ଗରମ ସମସ୍ୟା ଦୂର ହୋଇଥାଏ ।

**୪-ଦୃଷ୍ଟିଶକ୍ତି ବଢେ:** ଯେଉଁ ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତି କମ୍ ଥାଏ ସେମାନଙ୍କ ପାଇଁ ଟମାଟୋ ସେବନ ଅନେକ ଲାଭ ଦେଇଥାଏ । କାରଣ ଏହି ପରିବାରେ ଭିଟାମିନ ଏ ପ୍ରଚୁର ପରିମାଣରେ ରହିଥାଏ । ଫଳରେ ଏହାକୁ ପ୍ରତ୍ୟେକ ଦିନ ଖାଲି ପେଟରେ ସେବନ କଲେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ମଧ୍ୟ କୋମଳ ଏବଂ ଚିକ୍କଣ କରିଥାଏ ।

# ଘରେ ପାରାର ପ୍ରବେଶ ଦେଇଥାଏ ଏହି ସଂକେତ; ଜାଣନ୍ତୁ ଏହା ଶୁଭ ନା ଅଶୁଭ ?

ଧର୍ମ- ଶାସ୍ତ୍ରରେ ଏପରି କିଛି କଥା ବା ଘଟଣା ରହିଛି ଯାହାକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ । ଏହି ଘଟଣା ବ୍ୟକ୍ତିର ଜୀବନ ଉପରେ ପ୍ରଭାବ ମଧ୍ୟ ପକାଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ହିନ୍ଦୁ ଧର୍ମରେ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଶାସ୍ତ୍ର ,ସ୍ୱପ୍ନ ଶାସ୍ତ୍ର ପରି ଶକୁନ ଶାସ୍ତ୍ର ମଧ୍ୟ ରହିଛି । ଯେଉଁଥିରେ ଘରେ ପ୍ରବେଶ କରୁଥିବା ଜୀବଜନ୍ତୁ ଆମ ଜୀବନ ଉପରେ କିପରି ପ୍ରଭାବ ପକାଇଥାନ୍ତି ଏବଂ ଏହା ଶୁଭ କି ଅଶୁଭ ଏହିସବୁ ବିଷୟରେ ଉଲ୍ଲେଖ ରହିଛି । ତେବେ ଆଜି ଆମେ ଆପଣଙ୍କୁ ଜାଣାଇବୁ ଘରେ ପାରାର ପ୍ରବେଶ ଆପଣଙ୍କ ଜୀବନରେ କି ସଂକେତ ଦେଇଥାଏ । ତେବେ ପାରାକୁ ଶାନ୍ତିର ପ୍ରତୀକ କୁହାଯାଏ । ଏଥିସହିତ ଧାର୍ମିକ ଶାସ୍ତ୍ର ଅନୁସାରେ ଏହାକୁ ମା ଲକ୍ଷ୍ମୀଙ୍କ ଭକ୍ତ ଭାବରେ ମଧ୍ୟ ବିବେଚନା କରାଯାଏ । ତେଣୁ ଘରେ ଏହାର ପ୍ରବେଶକୁ ଶୁଭ ବେଲି କୁହାଯାଉଥିବା ବେଳେ କିଛି କ୍ଷତ୍ରେରେ ଏହାକୁ ଅଶୁଭ ବୋଲି ମଧ୍ୟ ବିବେଚନା କରାଯାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...



**ଘରେ ପାରାର ପ୍ରବେଶ:** ଶକୁନ ଶାସ୍ତ୍ର ଅନୁସାରେ ଘରେ ପାରାର ପ୍ରବେଶକୁ ଶୁଭ ବୋଲି ବିବେଚନା କରାଯାଏ । ତେବେ ଯଦି ଘରର ଛାତ କିମ୍ବା ବାଲକୋନିରେ ପାରା ବସେ ତେବେ ତାକୁ ଖାଇବାକୁ ଦିଅନ୍ତୁ ଏପରି କରିବା ଦ୍ୱାରା ଏହା ଆପଣଙ୍କ ଜୀବନରେ ଥିବା ସମସ୍ତ ଅସୁବିଧା ଦୂର ହେବା ସହ ଜୀବନରୁ ସମସ୍ତ ବାଧା ବିଘ୍ନ ମଧ୍ୟ ଦୂର ହୋଇଥାଏ ।

**ପାରା ଘରେ ବସା କରିବାର ଅର୍ଥ:** ଶାସ୍ତ୍ର ଅନୁସାରେ ପାରା ଘରେ ବସା ତିଆରି କରିବା ଅଶୁଭ ସଂକେତ ଦେଇଥାଏ । ଅନେକ ଥର ପାରା ଘରର ବାଲକୋନି କିମ୍ବା ଛାତ ଉପରେ ଥିବା ସ୍କାଏ ଲାଇଟ୍ ଆଦିରେ ନିଜର ବସା ବାନ୍ଧିଥାନ୍ତି । ଏପରି କରିବା ଦ୍ୱାରା ଘରେ ଅନେକ ସମସ୍ୟା ଆସିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖାଦେଇଥାଏ । ଏଥିସହିତ ଆର୍ଥିକ ସ୍ଥିତିରେ ମଧ୍ୟ ଏହା ପ୍ରଭାବ ପକାଇଥାଏ । ତେଣୁ ଘର ଭିତରେ ପାରାର ବସା ରହିବାକୁ ଦିଅନ୍ତୁ ନାହିଁ ।

**ଘର ଭିତରକୁ ଆସୁଥିବା ପାରା :** ଯଦି ପାରା ଘରର ଛାତ-ବାଲକୋନି ଅତିକ୍ରମ କରି ଭିତରକୁ ପ୍ରବେଶ କରେ, ତେବେ ଏହା ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦର ସଙ୍କେତ ଅଟେ । ଶାସ୍ତ୍ର ଅନୁସାରେ ଏହାର ଅର୍ଥ ହେଉଛି ତୁମ ଜୀବନରେ ଅନେକ ସୁଖ ଏବଂ ସମୃଦ୍ଧ ହେବାକୁ ଯାଉଛି । ତେଣୁ ଘରକୁ ପ୍ରବେଶ କରୁଥିବା ପାରାକୁ ଖାଇବାକୁ ଦିଅନ୍ତୁ କିନ୍ତୁ ପାରାକୁ ଘରେ ବସା ତିଆରି କରିବାକୁ ଦିଅ ନାହିଁ ।

# ଏହି ଲୋକମାନେ ଭୁଲରେ ବି ଖାଆନ୍ତୁ ନାହିଁ ପିନଟ ବଟର

ଆଜିକାଲି ଲୋକେ ଆଧୁନିକ ଜୀବନଶୈଳୀରେ ବଞ୍ଚିବାକୁ ଅଧିକ ପସନ୍ଦ କରୁଛନ୍ତି । ଫଳରେ ସେମାନେ ବିଭିନ୍ନ ପ୍ରକାର ବାହାର ଖାଦ୍ୟକୁ ନିଜ ଡେଲି ରୁଟିନରେ ସାମିଲ କରୁଛନ୍ତି । ଯେଉଁ କାରଣରୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଏହି ଆଧୁନିକ ଖାଦ୍ୟ ମଧ୍ୟରୁ ଗୋଟିଏ ହେଉଛି ପିନଟ ବଟର । ଯାହାକି ବାଦାମରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏଥିରେ ଭରପୁର ମାତ୍ରାରେ ପୋଷକ ତତ୍ତ୍ୱ ରହିଥାଏ । ନିକଟରେ ଏହି ପିନଟ ବଟର ଖାଇବାର ଚଳନୀ ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯଦି ଏହି ବ୍ୟକ୍ତିମାନେ ପିନଟ ବଟର ସେବନ କରନ୍ତି ତେବେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ବର୍ତ୍ତମାନ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତିମାନଙ୍କୁ ଏହା ସେବନ କରିବାକୁ ବାରଣ କରାଯାଏ ।



**କଲେଷ୍ଟ୍ରଲ ସମସ୍ୟା ଥିବା ବ୍ୟକ୍ତି:** ସ୍ୱାସ୍ଥ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଯେଉଁ ବ୍ୟକ୍ତିମାନଙ୍କର ହାଇ କୋଲେଷ୍ଟ୍ରଲ କିମ୍ବା ଖରାପ କୋଲେଷ୍ଟ୍ରଲର ସମସ୍ୟା ଅଛି ସେମାନେ ପିନଟ ବଟର ସେବନ କରିବା ଉଚିତ୍ ନୁହେଁ । କାରଣ ଏଥିରେ ଥିବା ନ୍ୟୁଟ୍ରିୟନ୍ସ କୋଲେଷ୍ଟ୍ରଲ ମାତ୍ରାକୁ ବଢାଇ ଦେଇଥାଏ । ଫଳରେ ହୃଦୟ ଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୁଏ ।

**ମେଦବହୁଳ ବ୍ୟକ୍ତି:** ଯେଉଁ ବ୍ୟକ୍ତିମାନେ ମେଦବହୁଳତାର ଶିକାର ହୋଇଥାନ୍ତି ସେମାନେ ଭୁଲରେ ବି ପିନଟ ବଟର ସେବନ କରନ୍ତୁ ନାହିଁ । କାରଣ ଏଥିରେ ଥିବା ପୋଷକ ତତ୍ୱ ମେଦବହୁଳତାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ । ଫଳରେ ଆଣଙ୍କ ମୋଟାପଣ ଅଧିକ ବଢିଯାଏ । ତେଣୁ ମେଦବହୁଳତା ସମସ୍ୟାରେ ପିଡିତ ଥିବା ବ୍ୟକ୍ତିମାନେ ପିନଟ ବଟର ସେବନ ଠାରୁ ଦୂରେଇ ରୁହନ୍ତୁ ।

**କିଡନୀ ଜନିତ ସମସ୍ୟା:** ଯେଉଁ ବ୍ୟକ୍ତିମାନଙ୍କର କିଡନୀ ଜନିତ ସମସ୍ୟା ରହିଛି ,ସେମାନେ ଏହି ପିନଟ ବଟର ସେବନ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖନ୍ତୁ । କାରଣ ଏଥିରେ ଥିବା ପୋଷକ ତତ୍ତ୍ୱ କିଡନୀ ପାଇଁ ମଧ୍ୟ ବିପଜ୍ଜନକ ହୋଇପାରେ । ଯେଉଁ କାରଣରୁ କିଡନୀ ଜନିତ ସମସ୍ୟା ଦେଖାଦିଏ ।

# ରାଗକୁ ନିୟନ୍ତ୍ରଣ କରିବେ କିପରି

ମନସ୍ତତ୍ତ୍ୱବିତ୍ ମତରେ ରାଗ ଉପରେ ନିୟନ୍ତ୍ରଣ ଆଣିବା ଏତେ ସହଜ କଥା ନୁହେଁ । ପରିସ୍ଥିତି ହିଁ ଅନେକ ସମୟରେ ବିବାଦ ଉପୁଜାଇବା କାରଣରୁ ମନରେ ରାଗ ଆସିଥାଏ । ରାଗିଲେ ଆମ ଶରୀରର ରକ୍ତଚାପ ବଢ଼ିବା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ମଧ୍ୟ ଉପୁଜିଥାଏ । ରାଗିଲେ ସାମ୍ନା ଲୋକର କିଛି ଅସୁବିଧା ହୋଇନଥାଏ, ବରଂ ନିଜର ହିଁ କ୍ଷତି ହୋଇଥାଏ । ଏକଥାକୁ ଲୋକଟି ନିଜେ ବୁଝିଯିବା ଦରକାର । ଯଦି କାହା ସହ ବଚସା ହେଉଛି, ସେ କଥାକୁ ଅଧିକ ନବଢ଼ାଇ ସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ଯାନ୍ତୁ । ଏହା ସମସ୍ତଙ୍କ ପାଇଁ ଭଲ ହୋଇଥାଏ । ରାଗକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ, ପ୍ରତ୍ୟହ ୫-୧୦ ମିନିଟ୍ ଧ୍ୟାନ ଓ ପ୍ରାଣାୟମ କରିବା ଉଚିତ । ଏପରି କଲେ ନିଜ ଧୀ' ଶକ୍ତି ବଢ଼ିବା ସହ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ । ପ୍ରତ୍ୟେକ ବୟସ ତଥା ବର୍ଗର ବ୍ୟକ୍ତି ଅଧିକ ସମୟ ବହି ପଢ଼ାପଢ଼ି ଅବା ସଙ୍ଗୀତ ଶୁଣିବାରେ କାଟନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜାତୀୟ ପାର୍ଟିର ମାନ୍ୟତା...

ଗୁଜରାଟ ଓ ହିମାଚଳ ପ୍ରଦେଶର ବିଧାନସଭା ନିର୍ବାଚନ ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନିଜର ଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟର ଛାତରେ ଏକ ବଡ଼ ବୋର୍ଡ ଟାଙ୍ଗିଥିବାର ଦେଖିବାକୁ ମିଳୁଛି । ସେଥିରେ ଲେଖା ଅଛି- 'ଏଏପି ଜାତୀୟ ପାର୍ଟି ହେବା ପରେ ସବୁ ଦେଶବାସୀଙ୍କୁ ଶୁଭେଚ୍ଛା ।' ମାତ୍ର ଏକ ଦିନ ପୂର୍ବରୁ ଦିଲ୍ଲୀ ଏମସିଡି ନିର୍ବାଚନରେ ବମ୍ପର୍ ବିଜୟୀ ହୋଇଥିବା ଏଏପିକୁ ପ୍ରାରମ୍ଭିକ ଟ୍ରେଣ୍ଡ୍‌ସରେ ଗୁଜରାଟ ବିଧାନସଭା ନିର୍ବାଚନରେ ପାଖାପାଖି ୧୪ ପ୍ରତିଶତ ଭୋଟ୍ ମିଳିଥିବାର ଦେଖିବାକୁ ମିଳିଥିଲା । ଏହା ସହିତ ୫ଟି ସେଟ୍‌ରେ ପାର୍ଟି ବିଜୟୀ ହୋଇଛି । ଅର୍ଥାତ୍ ଗୁଜରାଟରେ ଏଏପି ପ୍ରଥମ ଥର ପାଇଁ ଖାତା ଖୋଲିଛି । ଅନ୍ୟ ପାର୍ଶ୍ୱରେ ବର୍ତ୍ତମାନ ସମୟରେ ପଞ୍ଜାବରେ ଓ ରାଜଧାନୀ ଦିଲ୍ଲୀରେ ଏଏପିର ସରକାର ଶାସନ କରୁଛି । ଏହା ପୂର୍ବରୁ ଗୋଆରେ ପାର୍ଟିକୁ ଦୁଇଟି ସିଟ୍ ମିଳିଥିଲା ଓ ଭୋଟ୍ ପ୍ରତିଶତ ଥିଲା ୬.୮ । କିନ୍ତୁ ହିମାଚଳ ପ୍ରଦେଶରେ ଏଏପିକୁ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିପାରି ନାହିଁ । ଏହା ସତ୍ତ୍ୱେ ବି ଏଏପିକୁ କୌଣସି ଦୃଷ୍ଟି ଅଣଦେଖା କରାଯାଇ ନପାରେ । ଆକଳନ ଅନୁସାରେ ଏଏପି ଜାତୀୟ ପାର୍ଟି ହେବାର ସୌଭାଗ୍ୟ ପ୍ରାପ୍ତ କରିଛି । ଏବେ ପ୍ରଶ୍ନ ଉଠୁଛି ଏକ ଜାତୀୟ ପାର୍ଟି ହେବାର ମାନ୍ୟତା କିପରି ମିଳେ । କୌଣସି ଦଳକୁ ଜାତୀୟ ପାର୍ଟି ହେବାର ମାନ୍ୟତା ପାଇବା ପାଇଁ ହେଲେ କିଛି ସର୍ତ୍ତାବଳୀ ଓ ନିୟମକୁ ଫଲୋ କରିବାକୁ ହୁଏ । ଏହା ବ୍ୟତୀତ ଲୋକସଭା ନିର୍ବାଚନରେ ପାର୍ଟିର ପ୍ରଦର୍ଶନ, ଭୋଟ୍ ସେୟାର, କେତେକ ରାଜ୍ୟରେ ମାନ୍ୟତା, ବିଧାନସଭା ନିର୍ବାଚନରେ ଅଧିକ ରାଜ୍ୟର ଭୋଟ୍ ସେୟାର୍ ସହିତ ସମ୍ବନ୍ଧିତ ନିୟମଗୁଡ଼ିକ ଆଧାରରେ ଜାତୀୟ ପାର୍ଟି ହେବାର ମାନ୍ୟତା ଦିଆଯାଏ । ଜାତୀୟ ପାର୍ଟିର ମାନ୍ୟତା ପାଇବା ପାଇଁ ହେଲେ ଅଲଗା ଅଲଗା ସ୍ତରର ମାପଦଣ୍ଡ ସବୁ ରହିଛି ଯେଉଁସବୁ ପ୍ରମାଣିତ କରିବା ପରେ ହିଁ ଏହି ମାନ୍ୟତା ମିଳିଥାଏ । ଜାତୀୟ ପାର୍ଟି ହେବାର ମାନ୍ୟତା ନିର୍ବାଚନ ଆୟୋଗଙ୍କ ତରଫରୁ ଦିଆଯାଏ । ନିର୍ବାଚନ କମିଶନ୍‌ର କିଛି ସର୍ତ୍ତଗୁଡ଼ିକ ମଧ୍ୟରୁ ଅନ୍ତତଃପକ୍ଷେ ତନ୍ମଧ୍ୟରୁ କେତୋଟି ସର୍ତ୍ତକୁ ପାଳନ କରିବାକୁ ପଡ଼େ । ପ୍ରଥମତଃ କୌଣସି ଦଳ ଯାହାକୁ ଚାରୋଟି ରାଜ୍ୟର ପ୍ରାଦେଶିକ ବା କ୍ଷେତ୍ରୀୟ ଦଳର ମାନ୍ୟତା ପ୍ରାପ୍ତ ହୋଇଥାଏ ତାକୁ ଜାତୀୟ ଦଳ ଭାବରେ ଗଣାଯାଏ । ଦ୍ୱିତୀୟରେ ଯଦି କୌଣସି ଦଳ ଅଲଗା ଅଲଗା ରାଜ୍ୟଗୁଡ଼ିକୁ ମିଶାଇ ରାଜ୍ୟସଭାର ଦୁଇ ପ୍ରତିଶତ ସିଟ୍ ଜିତୁଛି ଅର୍ଥାତ୍ ଅତି କମ୍‌ରେ ୧୧ଟି ସିଟ୍ ଜିତିବା ଜରୁରୀ ହୋଇଥାଏ । ଏତିକି ସିଟ୍ ଜିତିବା ପରେ ନିର୍ଦ୍ଦିଷ୍ଟ ଦଳକୁ ଜାତୀୟ ପାର୍ଟି ହେବାର ମାନ୍ୟତା ମିଳେ । କିନ୍ତୁ ଏହି ୧୧ଟି ସିଟ୍ କୌଣସି ଗୋଟିଏ ରାଜ୍ୟର ନହୋଇ ତିନୋଟି ଅଲଗା ଅଲଗା ରାଜ୍ୟର ହୋଇଥିବା ଆବଶ୍ୟକ । ତୃତୀୟରେ ଯଦି କୌଣସି ପାର୍ଟି ୪ ଲୋକସଭା ସିଟ୍‌ଗୁଡ଼ିକ ବ୍ୟତୀତ ଲୋକସଭା ବା ବିଧାନସଭା ନିର୍ବାଚନରେ ଚାରିଟି ରାଜ୍ୟରେ ୬ ପ୍ରତିଶତ ଭୋଟ୍ ହାସଲ କରିଥାଏ ତେବେ ସେହି ଦଳକୁ ଜାତୀୟ ପାର୍ଟିର ମାନ୍ୟତା ମିଳିପାରେ । ସେହିପରି ଏକ ରାଜନୈତିକ ମାନ୍ୟତା ପ୍ରାପ୍ତ ଦଳକୁ ପ୍ରାଦେଶିକ ବା କ୍ଷେତ୍ରୀୟ ଦଳ କିମ୍ବା ଷ୍ଟେଟ୍ ପାର୍ଟି ହେବା ପାଇଁ ହେଲେ ୮ ପ୍ରତିଶତ ଭୋଟ୍‌ର ଆବଶ୍ୟକତା ଥାଏ । ସମ୍ବନ୍ଧିତ ରାଜ୍ୟରେ ଲୋକସଭା ବା ବିଧାନସଭା ନିର୍ବାଚନରେ ୮ ପ୍ରତିଶତ ଭୋଟ୍ ପାଇବା ଜରୁରୀ ହୋଇଥାଏ ସେହି ପାର୍ଟି ପାଇଁ । ଦ୍ୱିତୀୟରେ ଯଦି କୌଣସି ପାର୍ଟିକୁ ବିଧାନସଭା ନିର୍ବାଚନରେ ୬ ପ୍ରତିଶତ ଭୋଟ୍ ଓ ଦୁଇଟି ସିଟ୍ ମିଳିଥାଏ ତେବେ ତାହାକୁ ପ୍ରାଦେଶିକ ପାର୍ଟିର ମାନ୍ୟତା ମିଳିଥାଏ । ପ୍ରାଦେଶିକ ପାର୍ଟିର ମାନ୍ୟତା ପ୍ରାପ୍ତ କରିବା ପାଇଁ ଅନ୍ୟ ଏକ ଉପାୟ ରହିଛି । ତାହା ହେଉଛି ସମ୍ବନ୍ଧିତ ରାଜ୍ୟର ବିଧାନସଭାରେ ଭୋଟ୍‌ର ଭାଗୀଦାରୀ କିଛି ବା ହୋଇଥାଉ ପଛେ ଅତି କମ୍‌ରେ ତିନୋଟି ସିଟ୍ ସେହି ଦଳକୁ ମିଳିଥିବା ଉଚିତ । ଜାତୀୟ ପାର୍ଟିର ମାନ୍ୟତା ମିଳିଲେ ଅନେକ ଲାଭ ମିଳିଥାଏ । ସେହି ଲାଭଗୁଡ଼ିକ ମଧ୍ୟରେ ପ୍ରଥମଟି ହେଉଛି ସେହି ପାର୍ଟିର ସ୍ତର । ଅଖିଳ ଭାରତୀୟ ସ୍ତରେ ଏକ ଆରକ୍ଷିତ ନିର୍ବାଚନ ଚିହ୍ନ ସେହି ପାର୍ଟିକୁ ମିଳିଯାଏ । ଯେଉଁ ଦଳକୁ ନିର୍ବାଚନ ଆୟୋଗ ମାନ୍ୟତା ଦିଏ ତାକୁ କିଛି ବିଶେଷ ଅଧିକାର ଓ ସୁବିଧା ସୁଯୋଗ ମଧ୍ୟ ଦିଆଯାଏ । ସମ୍ବଲ ଅର୍ଡର ୧୯୬୮ ଅନ୍ତର୍ଗତ ଯଦି କୌଣସି ଦଳ ଜାତୀୟ ପାର୍ଟିର ମାନ୍ୟତା ହରଉଛି ତାହାହେଲେ ତା' ପରେ ପୁରା ଦେଶରେ ଗୋଟିଏ ନିର୍ବାଚନ ଚିହ୍ନରେ ସେହି ପାର୍ଟିର ନିର୍ବାଚନ ଲଢ଼ିବାର ଅଧିକାର ନଥାଏ । ୧୯୬୮ ପୂର୍ବରୁ ଆୟୋଗ କଣ୍ଡକ୍ଟ ଅଫ୍ ଇଲେକ୍ସନ୍ ରୁଲ୍ସ ଅନ୍ତର୍ଗତ ନୋଟିଫିକେସନ୍ ଓ ଏଗ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରୁଥିଲା । ନିର୍ବାଚନ ଆୟୋଗଙ୍କ ଅନୁସାରେ ବର୍ତ୍ତମାନ ଆଠଟି ଜାତୀୟ ଦଳ ଯଥା- ତୃଣମୂଳ କଂଗ୍ରେସ, ବହୁଜନ ସମାଜ ପାର୍ଟି, ଭାରତୀୟ ଜନତା ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କସ୍‌ବାଦୀ କମ୍ୟୁନିଷ୍ଟ ପାର୍ଟି, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ଏବଂ ନ୍ୟାସନାଲ ପିପୁଲ୍ସ ପାର୍ଟି ଅଛନ୍ତି । ଦେଶରେ ଜାତୀୟ ପାର୍ଟି ବ୍ୟତୀତ ରାଜ୍ୟ ସ୍ତରରେ ୩୫ଟି ଦଳ ଅଛନ୍ତି । ଏହା ବ୍ୟତୀତ ଛୋଟ ବଡ଼ ଅଧିକ ସଂଖ୍ୟାରେ କ୍ଷେତ୍ରୀୟ ଦଳଗୁଡ଼ିକ ଅଛନ୍ତି ।

# ପୁରାଣ ତତ୍ତ୍ୱ ଦର୍ଶନ: ଗରୁଡ଼ ପୁରାଣ

**ଲୋକନାଥ ମହାପାତ୍ର**

ଅଠର ପୁରାଣ ମଧ୍ୟରେ ଗରୁଡପୁରାଣର ଏକ ବିଶେଷ ମହତ୍ତ୍ୱ ରହିଛି । ଏହାର ଅଧିକ୍ଷ ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ । ତେଣୁ ଏହା ଏକ ବୈଷ୍ଣବ ପୁରାଣ । ଭଗବାନ ବିଷ୍ଣୁଙ୍କ ଚବିଶ ଅବତାରର ବର୍ଣ୍ଣନା ଏଥିରେ ମିଳିଥାଏ । ଏହା ବ୍ୟତୀତ ଏହି ପୁରାଣରେ ଶ୍ରାଦ୍ଧ-ତର୍ପଣର ବିସ୍ତୃତ ବର୍ଣ୍ଣନା, ମୁକ୍ତିର ପଦ୍ଧତି ଏବଂ ଆତ୍ମାର ଗତିବିଧି ଇତ୍ୟାଦିର ବର୍ଣ୍ଣନା ମିଳିଥାଏ । ଏଥିରେ ଭକ୍ତି, ଜ୍ଞାନ, ଦାନ, ତୀର୍ଥ ଇତ୍ୟାଦିର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ଏହା ବ୍ୟତୀତ ଏଥିରେ ମୃତ ବ୍ୟକ୍ତିର ଶେଷ ସମୟରେ କରାଯିବାକୁ ଥିବା କାର୍ଯ୍ୟଗୁଡ଼ିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆତ୍ମ-ଜ୍ଞାନର ଆଲୋଚନା ମଧ୍ୟ ଏହାର ମୁଖ୍ୟ ବିଷୟ ଅଟେ ।

ମହର୍ଷି କାଶ୍ୟପଙ୍କ ପୁତ୍ର ପକ୍ଷୀରାଜ ଗରୁଡଙ୍କୁ ଭଗବାନ ବିଷ୍ଣୁଙ୍କ ବାହନ ବୋଲି କୁହାଯାଏ । ଥରେ ଗରୁଡ ଭଗବାନ ବିଷ୍ଣୁଙ୍କୁ ମୃତ୍ୟୁ ପରେ ଜୀବଜନ୍ତୁଙ୍କ ଅବସ୍ଥା, ଯମଲୋକ ଯାତ୍ରା, ବିଭିନ୍ନ କର୍ମ ଦ୍ୱାରା ପ୍ରାପ୍ତ ବିଭିନ୍ନ ଯୋନି ଏବଂ ପାପୀମାନଙ୍କ ଦୁଖ ସମ୍ବନ୍ଧୀୟ ଅନେକ ରହସ୍ୟମୟ ପ୍ରଶ୍ନ ପଚାରିଥିଲେ । ଗରୁଡଙ୍କ କୌତୂହଳକୁ ଶାନ୍ତ କରିବା ପାଇଁ ତାଙ୍କୁ ଦିଆଯାଇଥିବା ଜ୍ଞାନପୂର୍ଣ୍ଣ ବିଚାର ଯେଉଁ ପୁରାଣରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ସେହି ପୁରାଣକୁ 'ଗରୁଡ ପୁରାଣ' କୁହାଯାଏ ।

ଅଠର ପୁରାଣ ମଧ୍ୟରେ ଗରୁଡପୁରାଣର ଏକ ବିଶେଷ ମହତ୍ତ୍ୱ ରହିଛି । ଏହାର ଅଧିକ୍ଷ ଦେବତା ହେଉଛନ୍ତି ଭଗବାନ ବିଷ୍ଣୁ । ତେଣୁ ଏହା ଏକ ବୈଷ୍ଣବ ପୁରାଣ । ଭଗବାନ ବିଷ୍ଣୁଙ୍କ ଚବିଶ ଅବତାରର ବର୍ଣ୍ଣନା ଏଥିରେ ମିଳିଥାଏ । ଏହା ବ୍ୟତୀତ ଏହି ପୁରାଣରେ ଶ୍ରାଦ୍ଧ-ତର୍ପଣର ବିସ୍ତୃତ ବର୍ଣ୍ଣନା, ମୁକ୍ତିର ପଦ୍ଧତି ଏବଂ ଆତ୍ମାର ଗତିବିଧି ଇତ୍ୟାଦିର ବର୍ଣ୍ଣନା ମିଳିଥାଏ । ଏଥିରେ ଭକ୍ତି, ଜ୍ଞାନ, ଦାନ, ତୀର୍ଥ ଇତ୍ୟାଦିର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ଏହା ବ୍ୟତୀତ ଏଥିରେ ମୃତ ବ୍ୟକ୍ତିର ଶେଷ ସମୟରେ କରାଯିବାକୁ ଥିବା କାର୍ଯ୍ୟଗୁଡ଼ିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆତ୍ମ-ଜ୍ଞାନର ଆଲୋଚନା ମଧ୍ୟ ଏହାର ମୁଖ୍ୟ ବିଷୟ ଅଟେ । ଏହା ସହିତ, ବ୍ୟାକରଣ, ପଦ, ଜ୍ୟୋତିଷ ଶାସ୍ତ୍ର, ଆୟୁର୍ବେଦ, ନୀତି ଆଦି ବିଷୟରେ ଉଲ୍ଲେଖ ରହିଛି ।

ଏହାର ପ୍ରାରମ୍ଭରେ ବ୍ରହ୍ମାଣ୍ଡର ଉତ୍ପତ୍ତି, ଧ୍ରୁବ ଚରିତ୍ର ଏବଂ ମନୁ ଆଦିଙ୍କ କାହାଣୀ ସ୍ଥାନ ପାଇଛି । ଏହାର ଦ୍ୱିତୀୟ ବିଭାଗକୁ ପ୍ରେତକଳ୍ପ ମଧ୍ୟ କୁହାଯାଏ । ଏଥିରେ ପଚିଶ ଅଧ୍ୟାୟ ଅଛି । ଏହି ଅଧ୍ୟାୟରେ ମୃତ୍ୟୁର ପ୍ରକୃତି, ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଅବସ୍ଥା ଏବଂ ସେମାନଙ୍କ କଲ୍ୟାଣ ପାଇଁ ଶେଷ ମୁହୂର୍ତ୍ତର କାର୍ଯ୍ୟଗୁଡ଼ିକ ଦିଆଯାଇଛି । ଯମଲୋକ, ବିଭିନ୍ନ ଯୋନି ପ୍ରାପ୍ତ ହେବାର କାରଣ, ଦାନର ମହତ୍ତ୍ୱ, ରୀତିନୀତି ଏବଂ ଶ୍ରାଦ୍ଧ ଆଦିର ବର୍ଣ୍ଣନା କରାଯାଇଛି । ଏଥିରେ ପ୍ରଭୁ ବିଷ୍ଣୁ ଗରୁଡଙ୍କୁ ମୃତ୍ୟୁ ସମୟରେ ଏବଂ ମୃତ୍ୟୁ ପରେ ପରେ ମନୁଷ୍ୟର ଗତିବିଧି କ'ଣ ହୋଇଥାଏ ଏବଂ ସେ କେଉଁ ପ୍ରକାର ପ୍ରଜାତିରେ ଜନ୍ମଗ୍ରହଣ କରିଥାଏ ଆଦି ବିଷୟରେ ମଧ୍ୟ କହିଛନ୍ତି । ଗରୁଡ ପୁରାଣର ପୂର୍ବ ଖଣ୍ଡ ଜୀବନ ଏବଂ ଜୀବନ ସହିତ ଜଡିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥାଏ । ଅବଶିଷ୍ଟ ହେଉଛି ପ୍ରେତକଳ୍ପ ଯାହା ମୁଖ୍ୟତଃ ମୃତ୍ୟୁ ଏବଂ ଶବଦାହ ସହିତ ଜଡିତ ରୀତିନୀତି ଆଦି ବର୍ଣ୍ଣନା କରିଥାଏ ।

ଗରୁଡ ପୁରାଣ ଅନୁଯାୟୀ ଯେତେବେଳେ କେହି ବ୍ୟକ୍ତି ମରିବାକୁ ଯାଉଥାନ୍ତି, ସେତେବେଳେ ସେ କହିବାକୁ ଚେଷ୍ଟା କରନ୍ତି କିନ୍ତୁ କହିବାକୁ ଅସମର୍ଥ ହୁଅନ୍ତି । କିଛି ସମୟ ପରେ ତାଙ୍କର କଥା କହିବା, ଶୁଣିବା ଶକ୍ତି ଇତ୍ୟାଦି ନଷ୍ଟ ହୋଇଯାଏ । ସେହି ସମୟରେ, ଆତ୍ମା ??ଶରୀରରୁ ଆଙ୍ଗୁଠି ଆକାରରେ ବାହାରି ଆସେ, ଯାହା ଯମଦୂତମାନଙ୍କ ଦ୍ୱାରା ବହନ କରାଯାଇ ଯମଲୋକାକୁ ନିଆଯାଏ । ଏହା ପରେ, ତାଙ୍କ କର୍ମ ଅନୁଯାୟୀ ସେହି ପ୍ରାଣୀକୁ ଫଳ ଦେବାକୁ ନିଷ୍ପତ୍ତି ନିଆଯାଏ । ଗରୁଡ ପୁରାଣ ଅନୁଯାୟୀ ଯେଉଁମାନେ ଖରାପ କର୍ମ କରନ୍ତି ସେମାନଙ୍କୁ ନର୍କରେ କଠୋର ଦଣ୍ଡ ଦିଆଯାଏ । କେଉଁ ଆତ୍ମାକୁ କି ଦଣ୍ଡ ଦିଆଯିବ, ତାହା ତାର କର୍ମ ସ୍ଥିର କରିଥାଏ । ଜୀବାତ୍ମା ତାଙ୍କ କର୍ମର ପରିଣାମ ସ୍ୱରୂପ ସ୍ୱର୍ଗ କିମ୍ବା ନର୍କ ଲାଭ କରନ୍ତି । 'ଗରୁଡ ପୁରାଣ' ଏହି ସ୍ୱର୍ଗ-ନର୍କ ପ୍ରଣାଳୀକୁ ଚୟନ କରି ଏହାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଛି । ଗୋଟିଏ ପଟେ ଗରୁଡ ପୁରାଣ ରୀତିନୀତି ଉପରେ ଏବଂ ଅନ୍ୟ ପଟେ 'ଆତ୍ମ-ଜ୍ଞାନ' ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛି ।

ଗରୁଡ ପୁରାଣରେ ବର୍ଣ୍ଣିତ ସ୍ୱର୍ଗ-ନର୍କ ସିଦ୍ଧାନ୍ତ ଭାରତୀୟଙ୍କ ଜୀବନ, ବିଚାରଧାରା, ସଭ୍ୟତା, ସଂସ୍କୃତି, ପରମ୍ପରା, ରୀତିନୀତି, ପରବର୍ତ୍ତୀ ସାହିତ୍ୟ ଓ ପୁରାଣମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି । ଭାରତୀୟ ମାନଙ୍କ ଧାର୍ମିକ ଜୀବନ ଶୈଳୀକୁ ଗରୁଡ ପୁରାଣର ସ୍ୱର୍ଗ-ନର୍କ ସିଦ୍ଧାନ୍ତ ଅନେକାଂଶରେ ପ୍ରଭାବିତ କରିଛି ଯାହା ଆଜି ମଧ୍ୟ ଭାରତୀୟ ମାନଙ୍କୁ ନୈତିକତାର ରଜ୍ଜୁରେ ବାନ୍ଧି ରଖିଛି ଓ ଏକ ଆଦର୍ଶ ତଥା ସୁସ୍ଥ ସମାଜ ଗଠନ କରିବା ଦିଗରେ ସର୍ବଦା ସହାୟକ ହୋଇ ଆସିଛି । ଭାରତୀୟମାନଙ୍କ ଆତ୍ମାନୁଶାସନ ବିଦେଶୀ ମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ । ଏହା ପଛରେ ଗରୁଡ ପୁରାଣର ଯେ ଯଥେଷ୍ଟ ଅବଦାନ ରହିଛି ଏହା ନିଃସନ୍ଦେହ । ତେଣୁ ଗରୁଡ ପୁରାଣ ମାଧ୍ୟମରେ ଭାରତୀୟ ଜନମାନସକୁ ନୈତିକ ଆଦର୍ଶରେ ପରିଚାଳିତ କରିବା ପାଇଁ ଭାରତୀୟ ମୁନି ଋଷି ମାନଙ୍କ ଏହା ଏକ ସୁଚିନ୍ତିତ ପ୍ରୟାସ ଭଳି ମନେହୁଏ ଯେଉଁଥିରେ ସେମାନେ ପୂର୍ଣ୍ଣ ମାତ୍ରାରେ ସଫଳ ମଧ୍ୟ ହୋଇଛନ୍ତି ।

ଗରୁଡ ପୁରାଣ ଏଥିପାଇଁ ମଧ୍ୟ ଉଲ୍ଲେଖନୀୟ ଯେ ଏହା ମୃତ୍ୟୁ ପରର କଥାକୁ ନେଇ ମଣିଷର ଚିରାଚରିତ ଉତ୍କଣ୍ଠାକୁ ପ୍ରଶମିତ କରିବାର ପ୍ରୟାସ କରିଛି । ମୃତ୍ୟୁ ପରେ ଜୀବନ ଅଛି କି ? ଯଦି ଅଛି ତାହେଲେ ମୃତ୍ୟୁ ପରେ ଜୀବର କଣ ହୁଏ ? ଏସବୁ କଥା ଏବେ ମଧ୍ୟ ରହସ୍ୟାଚ୍ଛନ୍ନ ହୋଇ ରହିଛି । ଆଜିର ବିଜ୍ଞାନ ମଧ୍ୟ ଏହି ରହସ୍ୟ ଗୁଡ଼ିକ ଉପରୁ ପରଦା ଉଠାଇବାରେ ଏଯାବତ୍ ସକ୍ଷମ ହୋଇପାରିନାହିଁ । ଏତିକିବେଳେ ଗରୁଡ ପୁରାଣରେ ବର୍ଣ୍ଣିତ ତଥ୍ୟ ମଣିଷକୁ ମୃତ୍ୟୁ ପରର ରହସ୍ୟ ଜନିତ ଉତ୍କଣ୍ଠାକୁ କିଛି ମାତ୍ରାରେ ପ୍ରଶମିତ କରିବାରେ ସାହାଯ୍ୟ କରିଥାଏ । ତେଣୁ ମୃତ୍ୟୁ ପରବର୍ତ୍ତୀ ରହସ୍ୟକୁ ନେଇ ବିଜ୍ଞାନ ଏଯାବତ୍ ଚୁପ୍ ରହୁଥିବା ବେଳେ ଗରୁଡ଼ ପୁରାଣ ଏହାକୁ ନେଇ ଆଲୋଚନା କରିବା ଗରୁଡ଼ ପୁରାଣର ମହତ୍ତ୍ୱକୁ ସ୍ୱତଃ ପ୍ରମାଣିତ ଅରୁଛି ଏବଂ ମୃତ୍ୟୁର ଘନ ଅନ୍ଧକାର ମଧ୍ୟରେ ଆଲୋକର ସନ୍ଧାନ କରିବାର ପ୍ରୟାସ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଗରୁଡ ପୁରାଣ ଅନୁସାରେ ମନୁଷ୍ୟର କର୍ମର ଫଳ କେବଳ ତାର ବର୍ତ୍ତମାନ ଜୀବନ ଉପରେ ପଡ଼ିନଥାଏ ତାର ପରବର୍ତ୍ତୀ ଜନ୍ମ ଉପରେ ମଧ୍ୟ ପଡ଼ିଥାଏ । ମୃତ୍ୟୁ ପରେ କଣ ହୁଏ ତାହା ମଣିଷର ଏକ ଅସମାହିତ ପ୍ରଶ୍ନ ଯାହାକୁ ବିଜ୍ଞାନ ଆଜି ପର୍ଯ୍ୟନ୍ତ ବ୍ୟାଖ୍ୟା କରିପାରିନାହିଁ । କିନ୍ତୁ ବିଭିନ୍ନ ଧର୍ମଶାସ୍ତ୍ର ଏହାକୁ ବିଭିନ୍ନ ଢଙ୍ଗରେ ବ୍ୟାଖ୍ୟା କରିଛନ୍ତି । କିନ୍ତୁ ଗରୁଡ ପୁରାଣରେ ଯେପରି ବିସ୍ତୃତ ଭାବରେ ଏହାକୁ ବ୍ୟାଖ୍ୟା କରାଯାଇଛି ସେପରି ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । ସେଦୃଷ୍ଟିରୁ ଗରୁଡ ପୁରାଣ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । କେବଳ ଏତିକି ନୁହେଁ ଏହା ମଣିଷକୁ ଏକ ନୈତିକତାପୂର୍ଣ୍ଣ ତଥା ଉତ୍ତମ ସାମାଜିକ ଜୀବନ ଯାପନ କରିବା ପାଇଁ ଏବଂ ସତ୍ମାର୍ଗରେ? ପରିଚାଳିତ କରିବା ପାଇଁ ପ୍ରେରିତ କରେ ।

ମନୁଷ୍ୟକୁ ସତ୍ମାର୍ଗ, ଧର୍ମ ଏବଂ ନୈତିକତାର କଥା ଶିଖାଇବା ଏହି ପୁରାଣର ମୁଖ୍ୟ ଲକ୍ଷ୍ୟ । ଏହି ପୁରାଣରେ ବର୍ଣ୍ଣିତ ସ୍ୱର୍ଗ-ନର୍କ ସିଦ୍ଧାନ୍ତ ଆମକୁ ଅଧିକ ନୈତିକ କାର୍ଯ୍ୟରେ ଲିପ୍ତ ରଖିବା ସହିତ ଏକ ଶୃଙ୍ଖଳିତ ସାମାଜିକ ଜୀବନ ଯାପନ କରିବା ପାଇଁ ପ୍ରେରଣା ଶକ୍ତି ଯୋଗାଇଥାଏ ଯାହା ଏକ ସୁସ୍ଥ ସମାଜ ଗଠନ ଦିଗରେ ସର୍ବାଦୌ ସ୍ପୃହଣୀୟ ଅଟେ । ଏହିସବୁ ଦୃଷ୍ଟିରୁ ଗରୁଡ ପୁରାଣ ଅନ୍ୟ ପୁରାଣମାନଙ୍କ ଠାରୁ ଅଧିକ ମହତ୍ତ୍ୱ ବହନ କରେ ଏଥିରେ ସନ୍ଦେହ ନାହିଁ ।

ବ୍ରହ୍ମପୁର

# ରାଜ୍ୟ ପୋଲିସ ଓଡିଶାବାସୀଙ୍କ ପାଇଁ ନା ସରକାରଙ୍କ ପାଇଁ?



**ସୁବ୍ରତ କର**

ଜଗାଙ୍କ ଭଳି ପ୍ରତି କ୍ଷେତ୍ରରେ ଆଖି ଦୁଇଟି ବଡ଼ବଡ଼ କରି ମେଲେଇ ବସିଛନ୍ତି । ପ୍ରଶ୍ନ ଉଠୁଛି କେତେ ଜଗିବେ ଏବଂ କାହାକୁ ଜଗିବେ? ବିଭାଗ ଯଦି ତାର ଠିକ୍ ଭାବରେ କାର୍ଯ୍ୟ କରନ୍ତି ଏବଂ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହୋଇପାରନ୍ତା ତେବେ ହାଇକୋର୍ଟଙ୍କ ଦ୍ୱାରା ବାରମ୍ବାର ବିଭାଗକୁ ସତର୍କ ବାଣି ଆସୁ ନଥାଆନ୍ତା ।

ଖବର କାଗଜରେ ଖବରକୁ ଦେଖିଲା ବେଳକୁ ମନେ ହେଉଛି ଆମ ପୋଲିସ ବାବୁମାନେ ସାଧାରଣ ଜନତାଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛନ୍ତି ଏବଂ ଏହାକୁ ସରକାର ମଧ୍ୟ ଅଣଦେଖା କରୁଛନ୍ତି । ହାଇକୋର୍ଟ ଛାଡ଼ିବା ସଂସ୍ଥା ନୁହଁନ୍ତି । ଜଗାଙ୍କ ଭଳି ପ୍ରତି କ୍ଷେତ୍ରରେ ଆଖି ଦୁଇଟି ବଡ଼ବଡ଼ କରି ମେଲେଇ ବସିଛନ୍ତି । ପ୍ରଶ୍ନ ଉଠୁଛି କେତେ ଜଗିବେ ଏବଂ କାହାକୁ ଜଗିବେ? ବିଭାଗ ଯଦି ତାର ଠିକ୍ ଭାବରେ କାର୍ଯ୍ୟ କରନ୍ତି ଏବଂ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହୋଇପାରନ୍ତା ତେବେ ହାଇକୋର୍ଟଙ୍କ ଦ୍ୱାରା ବାରମ୍ବାର ବିଭାଗକୁ ସତର୍କ ବାଣି ଆସୁ ନଥାଆନ୍ତା । କିଛିଦିନ ତଳେ ହାଇକୋର୍ଟରୁ ଡି.ଜିଙ୍କ ପାଖରୁ ବାର୍ତ୍ତା ଆସିଲା ଯେ ସାଧାରଣ ଭାବରେ ଥାନାମାନଙ୍କରେ ଥିବା ବାବୁମାନଙ୍କୁ ସଜାଗ କରିବା ପାଇଁ ଯେ ସେମାନେ ଲୋକଙ୍କ ଥାନାରେ ଏଫ୍.ଆଇ.ଆର କଲାବେଳେ ସୁପ୍ରିମ କୋର୍ଟ ଦେଇଥିବା ସୂଚନାକୁ ଠିକ୍ ସେ ବହାଲ କରିବେ ଏବଂ ହଇରାଣ ହରକତ୍ କରିବା ପରିବର୍ତ୍ତେ ଥାନାକୁ ଆସିଥିବା ସାଧାରଣ ଲୋକଙ୍କୁ ସମ୍ମାନର ସହିତ ଚୌକୀ ଦେଇ ବସେଇ ଧୈର୍ଯ୍ୟର ସହିତ ତାଙ୍କ କଥା ଶୁଣିବେ । କିନ୍ତୁ ବହୁତ ସମୟରେ ଏହାର ଓଲଟା ହେଉଛି ଏବଂ ବ୍ୟବହାର ଠିକ୍ ଭାବରେ କରାହେଉ ନାହିଁ । ଥାନାକୁ ଆସୁଥିବା ବ୍ୟକ୍ତି ବିଶେଷ ଚୋର ନୁହଁନ୍ତି । ଆମର ଶଶଓନ ପ୍ରଣାଳି ଏମିତି ଥାନା, ପୋଲିସ କଥା ଲୋକେ ଶୁଣିଲେ ଭୟଭିତ ହୋଇ ପଡ଼ନ୍ତି । ମୁଁ ଏହାର ଗୋଟାଏ ଜ୍ୱଳନ୍ତ ଉଦାହରଣ ଆପଣମାନଙ୍କ ପାଖରେ ରଖିବି । ମୋର ଘରକୁ ଥରେ ରୋଟାରୀ ସଂକ୍ରାନ୍ତରେ ବାଂଲାଦେଶର ଜଣେ କେବିନେଟ୍ ମନ୍ତ୍ରୀ ଘରକୁ ପରିବାର ସହିତ ଆସିବାକୁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ଆସିଥିଲେ ମଧ୍ୟ । ତାଙ୍କ ସହିତ ତାଙ୍କର ସ୍ତ୍ରୀ ଏବଂ ଦୁଇଝିଅ ମଧ୍ୟ ଥିଲେ । ସେମାନେ ମୋ ଘରେ ପ୍ରାୟ ୪ ଘଣ୍ଟା କଲେ ଥିଲେ ଏବଂ ଓଡ଼ିଶା ସରକାର ତାଙ୍କୁ ଛୋଟ ଗେଷ୍ଟ କରିଥିଲେ ଏବଂ 'ୱାଇ' କୋଟ ପରି ସ୍ତରର ପ୍ରୋଟେକ୍ସନ୍‌ରେ ଥିଲେ । ତାଙ୍କ ସହିତ ଅଫିସର ଏବଂ ଗୋଡ଼ାଏ ପୋଲିସ ବାବୁମାନେ ମୋ ଘରେ ଡେରା ପକାଇଥିଲେ । ଆମ ସାହିରେ ସମସ୍ତେ ଭୟଭୀତ ହୋଇଥିଲେ ଏବଂ ସଂଖ୍ୟାରେ ମନରେ ପ୍ରଶ୍ନ ଥିଲା ଏହାଙ୍କ ଘରେ ଏବେ ସଂଖ୍ୟାରେ ପୋଲିସ କାହିଁକି? ପରେ ଅବଶ୍ୟ ଉତ୍ତର ପାଇ ଖୁସି ହେଉଥିଲେ । କେହି ପୋଲିସ ଷ୍ଟେସନକୁ ବୁଲି ଯାଆନ୍ତି ନାହିଁ ବା ଗପ କରିବାକୁ । ସମସ୍ତଙ୍କୁ ମନରେ ଡର ଥାଏ ଏବଂ ଯିବାକୁ ଭଲ ପାଆନ୍ତି ନାହିଁ । ଏହି ଡର ବା ଭଲ ନ ପାଇବା ହଟିବ, ଯଦି ଥାନା ଦାୟିତ୍ୱରେ ଥିବା ଅଫିସରଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିବ । ଅନ୍ତତଃ ଜଣେ ଲୋକ ଥାନାକୁ ଗଲେ ବସିବା ପାଇଁ ଚୌକିଟି ଦେଇ ପଚାରିବା କଥା ମୁଁ ଆପଣଙ୍କୁ କଣ ସାହାଯ୍ୟ କରି ପାରିବି? ମୁଖ୍ୟମନ୍ତ୍ରୀ କହିଲା ଭଳିଆ ଆପଣ ମାନେ ଖୁସି ତ? ମୁଁ ବି ଖୁସି! ଏହି ସମୟ କେବେ ଆସିବ? ଏବେ ଏବେ ପୁଣି ଜଣେ ଭୁବନେଶ୍ୱରରେ ଅବସ୍ଥାପିତ ଅଫିସରଙ୍କୁ ହାଇକୋର୍ଟ ବିରକ୍ତ ହୋଇ ଦଣ୍ଡ ଶୁଣାଉଛନ୍ତି, କାରଣ ଜଣେ ସାଧାରଣ ଲୋକଙ୍କ ଆତ୍ମୀୟ ମର୍ଡର ହେଲା ପରେ ଥାନା ଆଇଆଇସି ଏତଲା ରୁଜୁ କରି ନଥିଲେ ଏବଂ ବେଖାତିର କରଥିଲେ । ସବୁବେଳେ ହାଇକୋର୍ଟ ଏମିତି କରିବା ସମ୍ଭବ ନୁହେଁ । ଏବେ ସମୟ ଆସିଛି ଟିକିଏ ସଜାଗ ହେବେ ଏବଂ ଏପରି କରୁଥିବା ଅଫିସରଙ୍କୁ କୋଠର ଦଣ୍ଡରେ ଦଣ୍ଡିତ କରିଲେ ଅବସ୍ଥା ସୁଧୁରିବ ।




## ଧର୍ମ ଛଡା କିଆଁ ହେଉଛ ଆଜି

**କୁନା ସେଠୀ**

ରାଧା ରାଧା ବୋଲି ସଭିଏଁ କୁହନ୍ତି
କୃଷ୍ଣ ନାମ ଭଜି ଭଜି
ରାଧା କୃଷ୍ଣ ପ୍ରେମ ବୁଝି ନ ପାରନ୍ତି
ହୋଇଥାନ୍ତି ରାଜାରାଜି
ଭାବରେ ଯାଆନ୍ତି ଭିଜି
ପ୍ରେମରେ ଯାଆନ୍ତି ସିଜି
ସିଜି ଯାଇ ଯେବେ ଭାଜି ହୋଇଥାନ୍ତି
ପଛ କୁ ହୁଅନ୍ତି ଖୋଜି
ଧର୍ମ ଛଡା କିଆଁ ହେଉଛ ଆଜି ?

ମାନବ ରୂପରେ ଜନମ ଆମର
ମନୁଷ୍ୟତା ଆମ କାମ
ବୁଝିବା ଶକତି ରହିଛି ଆମର
କ୍ଷମା ହେଲା ଆମ ଧର୍ମ
ଦଣ୍ଡିବା ନୁହଁଇ କର୍ମ
ଛାଡି ଆମ ଲାଜ ସର୍ମ
ଦଣ୍ଡକୁ ହାତରେ ଧରି ଆମେ ଚାଲୁ
ବୁଝାଇ ଶାନ୍ତିର ମର୍ମ
ତୁଚ୍ଛାରେ ଲଗାଇ ବାଜି
ଧର୍ମ ଛଡା କିଆଁ ହେଉଛ ଆଜି ??

ଆଶ୍ରିତ ଜନର ରକ୍ଷା ପାଇଁ ପରା
ନେତାଗିରି ତୁମ ଆଜି
ସେହି ନେତାଗିରି ଆଜି କାହିଁ ଡେରି
ପାରୁନି ସେ ଆଜି ଖୋଜି
କ୍ଷୀର ପିଅ ଆଖି ବୁଜି
ଅନ୍ଧ ପୁଟୁଳିକୁ ଆଖିରେ ବାନ୍ଧିଛ
ନିଦରେ ଯାଇଛ ହଜି
ଧର୍ମ ଛଡା କିଆଁ ହୋଇଛ ଆଜି ?

ନିତି ବଳାତ୍କାର କୁଜି ଟାଉଟର
ପାପ ପୂଣ୍ୟ କିଛି ନାହିଁ
ମଣିଷ ମାରୁଛ ସ୍ୱାର୍ଥକୁ ହରୁଛ
ଖଣ୍ଡ ଖଣ୍ଡ କରିଦେଇ
ମଣିଷ ମାଂସକୁ ଖାଇ
ପେଡ଼ି ଭାଡ଼ି ଠାରେ ଲୁଚାଇ ରଖୁଛ
ମଣିଷଟେ ପୁଣି ହୋଇ
ସଇତାନ ତୁମେ ସାଜି
ଧର୍ମ ଛଡ଼ା କିଆଁ ହେଉଛ ଆଜି ??

ପଢିଛ ବଢ଼ିଛ ଶ୍ରେଷ୍ଠ ବି ହୋଇଛ
ବୃଦ୍ଧି ଶୁଦ୍ଧି କିଛି ନାହିଁ
ମାଆକୁ ମାରୁଛ ବାପାକୁ ମାରୁଛ
ଜ୍ଞାନକୁ ଦେଖାଇ ହୋଇ
ଈଶ୍ୱରଙ୍କୁ ଡାକି ଦେଇ
ଜୀବନ୍ତ ଈଶ୍ୱର ଦାଣ୍ଡକୁ ତଡୁଛ
ନିର୍ଜୀବକୁ ପୂଜା ଦେଇ
ଏ କେମିତି ବିଶ୍ୱାସ ରାଜି
ଧର୍ମ ଛଡ଼ା କିଆଁ ହେଉଛ ଆଜି ?

ଧର୍ମକୁ ବୁଝିବା କର୍ମକୁ କରିବା
ମଣିଷ ପଣିଆ ନେଇ
ନିଜେ ବଞ୍ଚିବା ଅନ୍ୟକୁ ବଞ୍ଚାଇବା
ସଂସାର ଭିତରେ ରହି
ସବୁ ଧର୍ମ ଅଛି କହି
ଅବୁଝା ହେଉଛ ବୁଝି ନ ପାରୁଛ
ଏ କେମିତିକା କଥା ଭାଇ
କରୁଛ ରକ୍ତର ଭୋଜି
ଧର୍ମ ଛଡ଼ା କିଆଁ ହେଉଛ ଆଜି ??

♥ ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

## କାହିଁକି ?

**ନିର୍ମଳ ବାରିକ୍**

କିଏସେ ଗଢିଛି ଏହି ବିଚିତ୍ର ନିୟମ
କାହିଁକି କେ କହିବ କି ମୋତେ
ବାରମ୍ବାର ଚେତନା ମୋ ଖାଇଯାଏ
ଧକ୍କା
ନମିଳଇ ଉତ୍ତର ମୋ ଚିତ୍ତେ
ଆହେ ବିଜ୍ଞ, ପ୍ରାଜ୍ଞ ନରେ
ଦିଅ ମୋ ଉତ୍ତର
ଶଙ୍କା ମୋର ବେଗେ ଦୂର କର ।

ମଣ୍ଡାପିଠା ସମ
କେ ବା ଗଢିଛି ଏ ସୃଷ୍ଟି
ଦେଇ ସୁଖ ଟିକେ ସେଠି ପୁର
ପ୍ରତିକ୍ଷଣେ ଦୁଃଖାନଳେ ଜଳୁଛନ୍ତି
ଜୀବେ
ମିଳେ ନାହିଁ କ୍ଷଣକେ ନିସ୍ତାର
ହୋଇ ଥାନ୍ତା ତ ଓଲଟା
କିପାଁ ହେଲାନାହିଁ
ଦୁଃଖ କିବା ପୁର ଯୋଗ୍ୟ ନାହିଁ ।

ସବୁବେଳେ ଠେଲାପେଲା ଚାଲିଛି
ସଂଗ୍ରାମ
ମୁହିଁ ଜାତି ଶ୍ରେଷ୍ଠ ତୁ ନିକୃଷ୍ଟ
ମୋ ପାଖେ ଅସୀମ ଧନ ତୁ ଅଟୁ
ଗରିବ
ତୁ ନିର୍ବଳ ମୁହିଁ ବଳୀ ଶ୍ରେଷ୍ଠ
କୁହ କିପାଇଁ ଏ ଭେଦ
କାହିଁ ଏ ସଂଗ୍ରାମ
କୁହ ମୋତେ ହେ ନର ଉତ୍ତମ ।

ପୁଣ୍ୟ ବୃକ୍ଷେ ଫ
ଳୁଅଛି କିପାଁ ପାପ ବିଷ
ପ୍ରେମ ଭାଣ୍ଡୁ ବିରହ ଉତ୍ପତ୍ତି
ବିଶ୍ୱାସ କାହିଁକି ମୃତ ସନ୍ଦେହ ଗର୍ଭରେ
ନୀତି ଅନୀତି ର ବଶବର୍ତ୍ତୀ
କାହିଁକି ଏ ବ୍ୟତିକ୍ରମ
ବୁଝାଅ ହେ ମୋତେ
ଏହାକି ବା ନିୟମ ଜଗତେ ।

ସ୍ୱଳ୍ପ ଆୟୁ
ଏ ସଂସାରେ ଯେତେ ଭଲ ଲୋକ
ମନ୍ଦ ଅଟେ ଦୀର୍ଘ ଆୟୁ ଯୁକ୍ତ
ପାପ କଲେ ମିଳେ ବାଃ ବାଃ ପୁଣ୍ୟ
କଲେ ମିଳେ
ନିନ୍ଦା, ଅପବାଦ ଘାତ ଶକ୍ତ
କାହିଁକି ଏ ଅବିଚାର
କାହିଁକି ? କାହିଁକି ?
ପ୍ରଭୁ ଆଜ୍ଞା ପାଳିବା ବୃଥା କି ?

♥ ବୁଢାଖମଣ, କେନ୍ଦୁଝର
ମୋ: ୬୩୦୩୦୪୨୯୭୫

## ରାତିରେ

**ଡୁଇଟି ଡେଭିଡ ଫିଲିପ**

ରାତି ରେ, ତୁ ଏତେ ଗାଢ଼ ଯେ
ଜହ୍ନ ଓ ତାରା ଆଲୁଅ ନ ଥାଇ
ଚକ୍ ଚକ୍,
ରାତି ରେ, ତୁ ଏଡେ ଯୋଦ୍ଧା ଯେ
ଯୁଦ୍ଧ ନକରି ସମସ୍ତେ, ମାନନ୍ତି ହାର,
ରାତିରେ, ତୁ ଏତେ ଶୁନ ଶାନ୍ ଯେ
ମୋ ପ୍ରେମିକାର ଫୁସ୍ ଫୁସ୍ ବି ସ୍ୱଷ୍ଟ
ରାତିରେ, ତୁ ଏତେ ନିୟମିତ ଯେ,
ତୁ ନ ଆସିଲେ ଲାଗୁନି ଟିକେବି
ଭଲ।
ରାତି ରେ, ତୁ ଏତେ ଅମାଇକ ଯେ,
ଯାହା ଘଟି ଗଲେବି ରହୁଛୁ ଚୁପ୍
ଚାପ୍।

ପ୍ରଥମ ରାତ୍ରି ମନେ ପଡୁନି,
ଶେଷ ରାତ୍ରି ପାଇ ମୁଁ ପ୍ରସ୍ତୁତ
ହୋଇନି,
ତୁ ଏତେ ଥର ଆସୁଛୁ ତୋଠୁ ମୁଁ କିଛି
ଶିଖି ପାରିଲିନି।

♥ ଆମା ଟୋଲା, ଚାଇବାଶା,
ଝାଡଖଣ୍ଡ

## ହେ ମହାମହିମ

**ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ**

ହେ ମହାମହିମ ପ୍ରଜ୍ଞାଦୀପ୍ତ ତୁମ
ଦେବୋପମ ଏକାଦଶୀ -
ତୁମରି ସ୍ମୃତିର ମଧୁର ମହକେ
ଲୋତକ ଯେ ଯାଏ ବର୍ଷି,
କାନ୍ଦେ କଇଁ କଇଁ ଏ ତରାଙ୍ଗ ଭୂଇଁ
ତୁମ କଥା ଭାଳି ମନେ -
ତୁମେ ଥିଲ ତାର ଆଶା ପାରିଜାତ
ତା' ସୁଖର ଉପବନେ,
ବାପୁ, ଲୁସି, ମିଲି ଦୁଃଖରେ ଅଛନ୍ତି
ଯେଣୁ ସାର୍ ତୁମେ ନାହିଁ -
କିଏ ଦେବ ତାଙ୍କୁ ଶରଧାର ସୁଧା
କିଏ ଦେବ ତାଙ୍କୁ ସ୍ନେହ,
ଏ ସ୍ମୃତି ଆଶାର ଲାଗୁଛି ଅପୂର୍ଣ୍ଣ
ତୁମ ଉପସ୍ଥିତି ବିନା -
ଭାରି ଏକା ଏକା ଲାଗୁଅଛି ଏବେ
ତୁମ ବଇଠକୀ ଖାନା,
ତୁମ ତନୁ ପୁଷ୍ପ ଯାଇଛି ମଉଳି
ଝଟକୁଛି ପ୍ରଜ୍ଞା ଜ୍ୟୋତି -
ସଭିଏଁ ତୁମ୍ଭକୁ ହେଉଛନ୍ତି ଭାଳି
ଅମର ଯେ ତୁମ୍ଭ କୀର୍ତ୍ତି,
ଶିକ୍ଷା, ଗବେଷଣା କ୍ଷେତ୍ରେ ଶୂନ୍ୟ ସ୍ଥାନ
ହୋଇଅଛି ଏବେ ସୃଷ୍ଟି -
ଇତିହାସ ଆଜି ଗୁମୁରି କାନ୍ଦୁଛି
ନୀରବରେ ମଥା ପିଟି,
ଆଜି ତୁମ ପୁଣ୍ୟ ସ୍ମୃତି ଆସରରେ
ମନେପଡ ତୁମେ ବେଶି -
ପରସ୍ତ ପରସ୍ତ ହୋଇ ଖୋଲିଯାଏ
ତୁମରି ସୁଗୁଣ ରାଶି।

♥ କଣ୍ଟାବଣିଆ, ଯାଜପୁର
ପିନ୍ -୭୫୫୦୧୩
ମୋ: ୮୫୯୪୮୮୫୮୯୮

# ଭୂତ କୋଠି

ବିଷ୍ଣୁ ପ୍ରସାଦ ଦାସ



ସହରଠାରୁ କିଛି ଦୂରରେ ନିର୍ଜନ ବୁଦବୁଦୁକିଆ ଜଙ୍ଗଲ ପାଖରେ ଏକ ଦ୍ୱିତଳ ପରିତ୍ୟକ୍ତ ପ୍ରସାଦଟି ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ, କେହି ତାହା ପାଖକୁ ଯିବାକୁ ସାହସ କରନ୍ତି ନାହିଁ । ସମସ୍ତଙ୍କ ମନରେ ଭୂତ ଭୟ ଥାଏ, ଏହା ସତ୍ୟ କି ମିଥ୍ୟା ତାହା ପରୀକ୍ଷା କରିବାର ସାହସ କେହି ଯୁଟାଇ ପାରନ୍ତି ନାହିଁ ଓ ସ୍ଥାନୀୟ ବୟସ୍କ ଲୋକମାନଙ୍କ କଥାକୁ ଆଧାର କରି ଯାହା ଜଣାଯାଏ, ଏହାର ମାଲିକ କେବେଠାରୁ ଆରପାରିକୁ ଚାଲିଗଲେଣି, ତାଙ୍କର ପୁଅ, ଝିଅ ଆମେରିକାରେ ଥା'ନ୍ତି । ବର୍ଷେ ଦୁଇବର୍ଷରେ ଥରେ ଅଧେ କେବେ ଆସିଲେ ସହର ମଧ୍ୟରେ ଥିବା ଗୃହରେ ଦୁଇ ଚାରିଦିନ ରହି ପୁଣି ନିଜ କାର୍ଯ୍ୟସ୍ଥଳକୁ ଫେରିଯା'ନ୍ତି, ପରିତ୍ୟକ୍ତ ଗୃହଟି ସେହିପରି ଶ୍ରୀହୀନ ହୋଇ ପଡିଥାଏ । ସମୟ ଚକ୍ରରେ ସେହି ଗୃହଟି ଭାଙ୍ଗିଯିବା ଅବସ୍ଥାରେ ପହଞ୍ଚିଗଲା କିନ୍ତୁ ଗୃହଟିର ଉତ୍ତରାଧିକାରୀ ମାନଙ୍କ ଧ୍ୟାନ ସେଥିପ୍ରତି ନ'ଥିଲା ତାହାର ମୁଖ୍ୟ କାରଣ ହେଲା ସେମାନେ ଅନେକଥର ସେହି ପରିତ୍ୟକ୍ତ ଗୃହଟିକୁ ବିକ୍ରି କରିଦେବାକୁ ଚେଷ୍ଟା କରିଥିଲେ, ଅନେକ କ୍ରେତା ମଧ୍ୟ ଆସିଥିଲେ ମୂଲଚାଲ ମଧ୍ୟ ହୋଇଥିଲା କିନ୍ତୁ ଯେଉଁ ଗ୍ରାହକ ସେହି ଗୃହ ଦେଖିବାକୁ ଯାଉଥିଲେ ସେମାନେ ସେହି ଗୃହ କିଣିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ । ସମସ୍ତଙ୍କ ମନରେ ଭୂତ ଭୟ ରହିଥିଲା, ପ୍ରକାଶ୍ୟ ଦିବାଲୋକରେ ମଧ୍ୟ ଭୂତଙ୍କ ଉତ୍ପାତ କ୍ରେତାଙ୍କ ମନୋବଳ ଭାଙ୍ଗି ଦେଉଥିଲା । ଅଗତ୍ୟା ଉତ୍ତରାଧିକାରୀ ମାନେ ସେହି ପରିତ୍ୟକ୍ତ ଗୃହ ବିକ୍ରି କରିବାର ଆଶା ଛାଡି ଦେଇଥିଲେ ।

ଏକଦା ସେହି ରାସ୍ତାଦେଇ ଯାଉଥିବା ବାବା ହରିହର ନାମକ ଜଣେ ଆଧ୍ୟାତ୍ମିକ ଚେତନା ସମ୍ପର୍ଣ୍ଣ ବ୍ୟକ୍ତିଙ୍କ ଦୃଷ୍ଟି ସେହି ଭଗ୍ନ ପରିତ୍ୟକ୍ତ ଗୃହଟି ଉପରେ ପଡିଥିଲା । ହଠାତ ତାଙ୍କର ପାଦ ଦୁଇଟି କିପରି ସେହି ପରିତ୍ୟକ୍ତ ଗୃହ ଆଡ଼କୁ ଟାଣି ହୋଇଗଲା ଏବଂ ସେ ସେହି ଦିଗକୁ ଅଗ୍ରସର ହେବାକୁ ଲାଗିଲେ । ଗୃହ ନିକଟରେ ପହଂଚି ଦେଖିଲେ ଯେ, ଗୃହଟିର ଅବସ୍ଥା ଶୋଚନୀୟ ହୋଇ ଗଲାଣି, ଅନେକ ସ୍ଥାନରେ କାନ୍ଥ ଦେହରେ ବର, ଅଶ୍ୱତ୍ଥ ବୃକ୍ଷ ନିଜର ଆଧିପତ୍ୟ ଜାହିର କଲେଣି, ଜଙ୍ଗଲୀ ଲତା ସବୁ ନିଜର କାୟା ବିସ୍ତାର କରି ଗୃହର ଏକ ଚତୁର୍ଥାଂଶ କାନ୍ଥ ଉପରେ ଏକ ପ୍ରକାର ସବୁଜ ରଙ୍ଗର ଆସ୍ତରଣ ଜମାଇ ସାରିଲେଣି, ଲୁହା ଫାଟକରେ ବିରାଟ ଅଲିଗଡ଼ ତାଲା ଦେହରେ ମଧ୍ୟ କଳଙ୍କି ଲାଗିଯାଇଛି, ଗୃହର ରଙ୍ଗ ହୁଏତ ଅତୀତରେ ଲାଲ ବା ଗେରୁଆ ରଙ୍ଗ ଥିଲା ପରି ମନେହୁଏ, ବର୍ତ୍ତମାନ ରଙ୍ଗହୀନ କାନ୍ଥରୁ ଅନେକ ଜାଗାରେ ଚୂନ, ସିମେଣ୍ଟ ପଲସ୍ତରା ଛାଡ଼ିଗଲାଣି, ଗେଟ ଭିତରେ ଅନାବନା ଗଛ ଲତା ଭର୍ତ୍ତି, ବିଜୁଳି ତାର ଛିଣ୍ଡି ତଳେ ପଡିଛି ଏବଂ ତାହା ଉପରେ ଲତା ମାଡି ମାଡି ଛାତ ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ଏପରି ଦୃଶ୍ୟ ଦେଖି ଯେକେହି ଭୟ ପାଇବା ସ୍ୱାଭାବିକ କିନ୍ତୁ ବାବା ହରିହର ବିଚଳିତ ନ'ହୋଇ ଗୃହଟିର ଚତୁର୍ପାର୍ଶ୍ୱରେ ଥରେ ପ୍ରଦକ୍ଷିଣ କରି ଆସିଲେ ଓ ବାବା ହରିହରଙ୍କୁ ଅନତି ଦୂରରେ କିଛି ବାଳକ ମାନଙ୍କ କଥୋପକଥନର ଶବ୍ଦ ଶୁଣାଗଲା, ସେ ଉତ୍ସୁକତା ବଶତଃ ସେହିଦିଗକୁ ଦୃଷ୍ଟିପାତ କରି ଦେଖିଲେ କିଛି ବାଳକ ଯାହାଙ୍କର ବୟସ ଦଶରୁ ବାର ବର୍ଷ ମଧ୍ୟରେ ହେବ ଆନନ୍ଦରେ ଖେଳୁଛନ୍ତି, ଏହିଦୃଶ୍ୟ ତା'ଙ୍କୁ ଟିକେ ଚିନ୍ତାରେ ପକାଇ ଦେଇଥିଲା କାରଣ ସହରଠାରୁ ଦୂରରେ ଏକ ନିର୍ଜନ ସ୍ଥାନ ଯେଉଁଠିକି କୌଣସି ଘର ଦ୍ୱାର ନାହିଁ ସେହି ସ୍ଥାନରେ ପୁଣି କିଛି ବାଳକ ମାନଙ୍କ ଉପସ୍ଥିତି ? ସ୍ଥିର ଚିତ୍ତରେ ସେ ବାଳକ ମାନଙ୍କ ନିକଟକୁ ଆଗେଇ ଚାଲିଲେ ଯେତେ ନିକଟତର ହେଉଥାନ୍ତି ସେତେ ଉତ୍ସୁକତା ବଢ଼ି ଚାଲୁଥାଏ ।

ସେ ବାଳକମାନଙ୍କର ନିକଟରେ ପହଞ୍ଚିବା ଦେଖି ବାଳକ ମାନେ ଖେଳ ବନ୍ଦ କରି ଛିଡ଼ାହୋଇ ରହିଲେ, ବାବା ହରିହରଙ୍କ ଦୀପ୍ତିମାନ ଚେହେରା, ଉଜ୍ଜଳ ଆଖି, କପାଳରେ ଚିତା, ଅତି ପରିଷ୍କାର ଧଳା ଧୋତି ସହିତ ଚାଦର ତାଙ୍କର ବ୍ୟକ୍ତିତ୍ୱକୁ ଆହୁରି ବଢ଼ାଇ ଦେଉଥିଲା । ବାବା ହରିହର ପିଲାମାନଙ୍କୁ ପଚାରିଲେ' ପିଲା ମାନେ ତୁମେ କିଏ ? ତୁମର ପରିଚୟ ଦିଅ ଏହି ନିଛାଟିଆ ଜଙ୍ଗଲ ମଧ୍ୟକୁ ତୁମେ ମାନେ କ'ଣ ପାଇଁ ଆସିଛ ? ତୁମକୁ କ'ଣ ଭୟ ଲାଗୁନାହିଁ ? ହଠାତ ଏତେ ଗୁଡିଏ ପ୍ରଶ୍ନର ଉତ୍ତର ଦେବା ଅବସ୍ଥାରେ ପିଲାମାନେ ନ'ଥିଲେ । ବାବା ହରିହର ତା'ଙ୍କୁ ନିଜ ପାଖକୁ ଡାକିଥିଲେ କିନ୍ତୁ ଭୟାଳୁ ବାଳକ ମାନେ ଦୁରେଇ ଦୁରେଇ ଯାଉଥିଲେ, ସେମାନେ ଦୂରରେ ଥାଇ ପଚାରିଲେ ତୁମେ କିଏ ? କାହିଁକି ଏଠାକୁ ଆସିଛ ? ଆମେ ଏଠି ଟିକେ ଶାନ୍ତିରେ ଖେଳୁଛୁ, ତୁମେ ଆମକୁ କାହିଁକି ବିରକ୍ତ କରୁଛ ? 'ବାବା ହରିହର ନିଜେ କରିଥିବା ପ୍ରଶ୍ନର ଉତ୍ତର ପାଇବା ପରିବର୍ତ୍ତେ ବାଳକମାନଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଉଚିତ ମଣିଥିଲେ । ସେ କହିବାକୁ ଆରମ୍ଭ କରିଥଲେ' ପିଲାମାନେ ମୁଁ ସଂସାର ତ୍ୟାଗୀ ଜଣେ ଭଗବାନଙ୍କ ଭକ୍ତ, ସଂସାରରେ ଥିବା ଲୋଭ, ଅହଂକାର, ମୋହ, ମାୟାଠାରୁ ଦୂରରେ ରହି ସଂସାରର ସେବା କରିବା ମୋର କାର୍ଯ୍ୟ ବାଳକମାନେ ବାବାଙ୍କ ନିକଟକୁ ଆସି ପୁଣି ପଚାରିଲେ ତୁମେ ଏଠିକି କାହିଁକି ଆସିଛ ? ବାବାଙ୍କ ଉତ୍ତର ଥିଲା ପିଲାମାନେ ମୁଁ ଶୁଣିଥିଲି ଏହି ପରିତ୍ୟକ୍ତ ଗୃହରେ ଭୂତ ରହୁଛନ୍ତି ତେଣୁ ଏହା ବିକ୍ରି ହୋଇ ପାରୁନାହିଁ, ପିଲାଙ୍କ ଉତ୍ତର ଥିଲା ତୁମେ ଠିକ ଶୁଣିଛ ହଁ, ଏହି ଘରେ ଅନେକ ଭୂତ ରହୁଛନ୍ତି, ତୁମେ ପଳାଅ ନଚେତ ତୁମକୁ ଭୂତ ମାନେ ଆକ୍ରମଣ କରିପାରନ୍ତି ସ୍ମିତ ହାସ୍ୟ ମୁଖରେ ବାବା ହରିହର କହିଲେ ନାହିଁରେ ପିଲାମାନେ ମୋର ଭୂତପ୍ରେତ କିଛି କ୍ଷତି କରିପାରିବେ ନାହିଁ, ମୁଁ ସଂସାର ତ୍ୟାଗୀ । ପିଲାମାନଙ୍କ ଉତ୍ତର ଥିଲା ଠିକ ଅଛି ତୁମେ ଯଦି ସଂସାର ତ୍ୟାଗୀ ତେବେ ଏହି ଗୃହ ଚତୁର୍ପାର୍ଶ୍ୱରେ କାହିଁକି ପରିକ୍ରମା କରୁଛ ? ବାବାଙ୍କ ଉତ୍ତର ଥିଲା ମନେ ମନେ ଚିନ୍ତା କରୁଛି ଯଦି ଏହି ଗୃହଟିକୁ କ୍ରୟ କରିପାରନ୍ତି ତେବେ ମୋର ଗୋଟିଏ ଇଛା ପୂରଣ ହୁଅନ୍ତା ଏବଂ କିଛି ଅନାଥ ଶିଶୁଙ୍କର ମଧ୍ୟ ସହାୟତା ହୋଇ ପାରନ୍ତା ଓ ବାବାଙ୍କ ଉତ୍ତର ଶୁଣି ବାଳକମାନେ ଆଉଟିକେ ପାଖକୁ ଲାଗି ଆସି ପଚାରିଲେ କଣ କହିଲ ? ଅନାଥ ଶିଶୁ ? ତାଙ୍କର କ'ଣ ଉପକାର ହେବ ? ବାବା ଉତ୍ତର ଦେଲେ ପିଲାମାନେ ସଂସାରରେ ଅନେକ ବାପା, ମା' ଛେଉଣ୍ଡ ଶିଶୁ ଅଛନ୍ତି ଯାହାଙ୍କର କେହି ସାହା ଭରସା ନାହାନ୍ତି, ସେମାନେ ଅସହ୍ୟ ନିର୍ଯାତନାର ଶିକାର ହୋଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି, କିଛି ଅପରାଧୀ ମାନେ କୋମଳମତି ଶିଶୁ ମାନଙ୍କୁ ନେଇ ସମାଜରେ ଘୃଣ୍ୟ କାର୍ଯ୍ୟରେ ନିୟୋଜିତ କରି ଅର୍ଥ ଉପାର୍ଜନ କରୁଛନ୍ତି । ତୁମେ ତା'ଙ୍କ ପାଇଁ ତାହାହେଲେ କ'ଣ କରିବ ବୋଲି ଚିନ୍ତା କରୁଛ ? ପିଲାମାନଙ୍କ ପ୍ରଶ୍ନ ଶୁଣି ଧର୍ଯ୍ୟର ସହିତ ବାବା ହରହର କହିଲେ ଏଠାରୁ ଦଶ କିଲୋମିଟର ଦୂରରେ ମୋର ଆଶ୍ରମ ସେଠାରେ ଦଶଜଣ ଅନାଥ ବାଳକ ବାଳିକା ରହୁଛନ୍ତି ମୁଁ ଚାହୁଁଛି ଗୋଟିଏ ବଡ଼ ଗୃହ ହେଲେ ସେମାନେ ଖୁସିରେ ରହିପାରିବେ, ଶିକ୍ଷା ଲାଭ କରିପାରିବେ, ବଡ଼ ହୋଇ ମଣିଷ ପରି ମଣିଷଟିଏ ହେବେ, ସମାଜର କିଛି ଭଲ କାମରେ ନିଜକୁ ସାମିଲ କରିବେ ବାବା ହରିହରଙ୍କ କଥା ଶୁଣି ପିଲାମାନେ ଆଗ୍ରହର ସହିତ ପଚାରିଲେ ତେବେ ପିଲାମାନେ କ'ଣ ସତରେ ଏଠାରେ ରହିବେ ? ଆମେ କ'ଣ ସେମାନଙ୍କ ସହିତ ଖେଳି ପାରିବୁ ? ବାବାଙ୍କ ଉତ୍ତର ଥିଲା ହଁ , ଯଦି ଏହି ଗୃହଟିକୁ ମୁଁ କ୍ରୟ କରିବି ତେବେ ଏହା ସମ୍ଭବ ହେବ' ପିଲାମାନେ ଖୁଶିରେ ନାଚି ଉଠିଲେ ତା'ଙ୍କ ମୁହଁରେ ଏକ ପ୍ରକାର ଉଜ୍ଜଳ ଅଶାର ସଂଚାର ହୋଇଥିଲା କାରଣ ସେମାନଙ୍କୁ ଖେଳିବାକୁ ସାଙ୍ଗ ମିଳିବେ, ରହିବାକୁ ବାସସ୍ଥାନ ମିଳିବ, ଖାଇବାକୁ ଖାଦ୍ୟ ମିଳିବ ଇତ୍ୟାଦି ଇତ୍ୟାଦି କେତେ କଥା । ବାବା ହରିହର ପିଲାମାନଙ୍କୁ ନିକଟକୁ ଡାକି ସ୍ନେହରେ ପଚାରିଲେ ପିଲାଏ ଏଥର ତୁମ କଥା କୁହ ।

ପିଲାମାନଙ୍କ ମଧ୍ୟରୁ ଜଣେ କହିଲା ଆଜି ପର୍ଯ୍ୟନ୍ତ ଯେତେ ଲୋକ ଆସିଛନ୍ତି ସେମାନେ ଆମ ମାନଙ୍କର ଉପସ୍ଥିତିକୁ ଅନୁଭବ କରିଛନ୍ତି କିନ୍ତୁ ଆପଣଙ୍କ ପରି କେହି ଅନ୍ତରରୁ ଏତେ ସହାନୁଭୂତି ଦେଖାଇ ଆମ ସହିତ ମିଶି ନାହାନ୍ତି । ଆମ ବିଷୟରେ ଜାଣିବାକୁ ଚେଷ୍ଟା କରିନାହାନ୍ତି, ଆମେ କିଏ ? କେଉଁଠାରୁ ଆସିଛୁ ? ଏଠାରେ କ'ଣ କରୁଛୁ ? ଇତ୍ୟାଦି ଇତ୍ୟାଦି ଅନେକ କଥା ବାବା କହିଲେ ପିଲାମାନେ ତୁମେ ନିର୍ଭୟରେ ଖୋଲି କୁହ, ମୁଁ ଭଗବାନଙ୍କୁ ସାକ୍ଷୀ ରଖି କଥାଦେଉଛି ମୁଁ ମୋର ପାରୁପର୍ଯ୍ୟନ୍ତ ତୁମର ସବୁ ଅସୁବିଧା ଦୂର କରିବାକୁ ଚେଷ୍ଟା କରିବି ପିଲାମାନେ ବାବାଙ୍କ କଥାର ସତ୍ୟତା ଉପଲବ୍ଧି କରି ମନଦୁଃଖରେ କହିଲେ ବାବା ଆମେ ସେହି ଭୂତ, ଯେଉଁମାନଙ୍କ ଭୟରେ କେହି ଏହି ପରିତ୍ୟକ୍ତ ଗୃହକୁ କିଣି ପାରୁନାହାନ୍ତି, ଗୃହଟି ବିକ୍ରି ହୋଇଗଲେ ଆମେ ରହିବୁ କେଉଁଠି ? ସହରଠାରୁ ଅନତି ଦୂରରେ ଏହି ପରିତ୍ୟକ୍ତ ନିର୍ଜନ ଗୃହ ଆମର ବାସସ୍ଥଳୀ ବାବା ହରିହର ସ୍ମିତହାସ୍ୟ ଦେଇ କହିଲେ ପିଲାମାନେ ମୁଁ ଆଗରୁ ଜାଣିଥିଲି ଯେ ତୁମେ ମାନେ ହିଁ ଭୂତ ଆଉ ଏହି ଗୃହଟି ତୁମର ବାସସ୍ଥଳୀ, କିନ୍ତୁ ତୁମର ଦୁଖଦଃ ମୃତ୍ୟୁର ରହସ୍ୟ ତୁମ ମାନଙ୍କ ମୁହଁରୁ ଶୁଣିବାକୁ ଚାହେଁ, ତାହାହେଲେ ତୁମ ମାନଙ୍କ ଆତ୍ମାର ସତଗତି ପାଇଁ ମୁଁ ପୂଜା ପାଠ କରିବି ଏବଂ ତୁମେ ଶାନ୍ତିରେ ସୋଇ ଯିବ ବାବାଙ୍କ କଥାରେ ପିଲାମାନେ ସ୍ତବ୍ଧ ହୋଇ ଛିଡାହୋଇଥିଲେ କାହାରି ମୁହଁରୁ କିଛି କଥା ବାହାରୁନ'ଥିଲା, ହୁଏତ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ କାରଣ ବର୍ତ୍ତମାନର ସୂକ୍ଷ୍ମ ଶରୀରର ରୂପ ତଥା ଅନ୍ୟକୁ ଡ଼ରାଇବାର ଚେଷ୍ଟା ସବୁ ବାବାଙ୍କର ପୂଜାପାଠ ଦ୍ୱାରା ବିଲୀନ ହୋଇଯିବ । ବାବା ପୁନଶ୍ଚ ପିଲାମାନଙ୍କୁ ପଚାରିଲେ କୁହ ତୁମ ମନ ମଧ୍ୟରେ କ'ଣ ଆଉ କିଛି ପ୍ରଶ୍ନ ରହିଛି ନା' କ'ଣ ? ହଁ ବାବା ଅନେକ ଅସମାହିତ ପ୍ରଶ୍ନ ଆଉ ତା'ର ଉତ୍ତର ପାଇଁ ଅପେକ୍ଷା ପିଲାମାନେ ନିଜ ମନ ଭିତରେ ବାନ୍ଧିଥିବା ପ୍ରଶ୍ନ ଗୁଡିକ ବାବାଙ୍କୁ ପଚାରିଲେ ଏବଂ ବାବା ଯଥାସାଧ୍ୟ ଉତ୍ତର ଦେଇ ପିଲାମାନଙ୍କ ମନ ଜିଣି ନେଲେ, ପିଲାମାନେ ବାବାଙ୍କୁ ନିଜ ବାଲୁତ ଜୀବନର ହୃଦୟସ୍ପର୍ଶୀ କାହାଣୀ କହିବାକୁ ଆରମ୍ଭ କରିଦେଲେ, କାହାଣୀର ସାରାଂଶ ଏହି ପ୍ରକାର ଥିଲା, ସେମାନେ ସମସ୍ତେ ଅନାଥ ଶିଶୁ ଥିଲେ କେଉଁ ଅଜଣା ସ୍ଥାନରୁ ସେମାନଙ୍କୁ ଆଣି ଜଣେ ସହୃଦୟ ବ୍ୟକ୍ତି ଅନାଥାଶ୍ରମରେ ଲାଳନ ପାଳନ କରିଥିଲେ, ସେହି ଦିନ ଗୁଡିକ ବେଶ ଭଲ ଥିଲା, ସେଠାରେ ସେମାନଙ୍କୁ ଖାଦ୍ୟ ପେୟ, ସ୍ନେହ ମମତା ମିଳୁଥିଲା, ପାଠ ପଢ଼ିବାର ସୁଯୋଗ ମଧ୍ୟ ଦିଆ ଯାଉଥିଲା । ସମୟ ଚକ୍ରରେ ସେମାନେ କିଛି ପିଲା ଚୋରଙ୍କ କବଳରେ ପଡି ଏହି ପରିତ୍ୟକ୍ତ ଗୃହରେ ବନ୍ଦୀ ହୋଇ ରହିଥିଲେ, ଚୋର ମାନେ ନିର୍ଦ୍ଦୟ ଭାବରେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ ସେମାନଙ୍କର ଉଦେଶ୍ୟ ଥିଲା ମାନବ ଅଙ୍ଗ ତସ୍କରୀ, ସେମାନଙ୍କୁ ଅଚେତ କରି ଡାକ୍ତରଙ୍କ ସହାୟତାରେ ସେମାନଙ୍କ ଶରୀରରୁ ମୂଲ୍ୟବାନ ଅଙ୍ଗ ପ୍ରତ୍ୟଙ୍ଗ ଚୋରିକରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ସେମାନଙ୍କୁ ଅକାଳ ମୃତ୍ୟୁ ମୁଖରେ ଛାଡ଼ିଦେଇ ଚାଲିଯାଇଥିଲେ । ନ'ଖାଇ ନପିଇ ଅନେକ ଯନ୍ତ୍ରଣା ପାଇ ସେମାନେ ମୃତ୍ୟୁର କୋଳରେ ବିଶ୍ରାମ ନେଇଥିଲେ, ସେହି ଦିନଠାରୁ ସେମାନଙ୍କର ଅତୃପ୍ତ ଆତ୍ମା ଏହି ପରିତ୍ୟକ୍ତ ଗୃହ ସନ୍ନିକଟରେ ଘୁରି ବୁଲୁଛି, ଆଜି ପର୍ଯ୍ୟନ୍ତ ମଧ୍ୟ ସେମାନଙ୍କର ଶରୀରର କିଛି ଅଂଶ ପରିତ୍ୟକ୍ତ ଗୃହ ମଧ୍ୟରେ ପଡ଼ିରହିଛି । କୋମଳମତି ପିଲାମାନଙ୍କର ଜୀବନର ହୃଦୟବିଦାରକ କାହାଣୀ ଶୁଣି ବାବା ହରିହରଙ୍କ ଚକ୍ଷୁ ଲୋତକରେ ପରିପୂର୍ଣ୍ଣ ହୋଇ ଯାଇଥିଲା, ସେ ଭାବିବାକୁ ଲାଗିଲେ ଧିକ ଏଇ ସ୍ୱାର୍ଥପର ମଣିଷ ଯିଏକି ଟଙ୍କା କେଇଟା ପାଇଁ ମଣିଷର ଅଙ୍ଗ ପ୍ରତ୍ୟଙ୍ଗ ବିକ୍ରିକରି ଅସହାୟ ଅବସ୍ଥାରେ ସେହିମାନଙ୍କୁ ମୃତ୍ୟୁ ମୁଖରେ ଠେଲି ଦେଇ ପାରୁଛି !! ଆଜିକାଲି ମାନବିକତା ଶବ୍ଦ ନାହିଁ କହିଲେ ଚଳେ, ସମସ୍ତେ ନିଜ ସ୍ୱାର୍ଥ ଏବଂ ଟଙ୍କା ପଛରେ ପାଗଳପରି ଧାବମାନ ସେମାନେ ଅନ୍ୟର ଦୁଃଖ କଷ୍ଟ ବୁଝନ୍ତି ନାହିଁ, ନିରୀହ କୋମଳମତି ବାଳକମାନେ କାହାର କ'ଣ ଦୋଷ କରିଥିଲେ ? ଅମାନୁଷିକ ଭାବେ ତା'ଙ୍କର ଅଙ୍ଗ ପ୍ରତ୍ୟଙ୍ଗ ଚୋରିକରି ତା'ଙ୍କୁ ମାରିଦିଆଗଲା । ହେ ଭଗବାନ ! ତୁମେହିଁ ସାହା ଭରସା, ଦୋଷୀଙ୍କୁ ଉଚିତ ଦଣ୍ଡ ଦିଅ କହି ବାବା ହରିହର ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଦେଇଥିଲେ । ପିଲାମାନଙ୍କୁ ନିଶ୍ଚିତ ନ୍ୟାୟ ଦେବାକୁ ପ୍ରତିଶୃତି ଦେଇ ବାବା ହରିହର ପ୍ରତ୍ୟାବର୍ତ୍ତନ କରିଥିଲେ । ବାବାଙ୍କ ଯିବା ବାଟକୁ ଅପଲକ ନୟନରେ ପିଲାମାନେ ଦେଖୁଥିଲେ, ସେମାନଙ୍କ ମନରେ କେତେ ଆଶା ଆଉ ବାବାଙ୍କ ପ୍ରତି ବିଶ୍ୱାସ ତାହା ବର୍ଣ୍ଣନା କରିବା କଷ୍ଟ କର ବ୍ୟାପାର ।

ଏହା ମଧ୍ୟରେ ପ୍ରାୟ ପନ୍ଦରଦିନ ଅତିବାହିତ ହୋଇ ଗଲାଣି, ବାବା ହରିହର ଆମେରିକାରେ ରହୁଥିବା ଗୃହର ମାଲିକଙ୍କ ପାଖକୁ ଖବର ଦେଇଥିଲେ ସେଠାରୁ 'ପାୱାର୍ ଅଫ୍ ଆଟର୍ଣ୍ଣି' ପାଇବାପରେ ବାବା ହରିହର ସ୍ଥାନୀୟ ପୋଲିସ ସହାୟତାରେ ସେହି ପରିତ୍ୟକ୍ତ ଗୃହକୁ ଆସି ପହଁଚିଲେ । ପୋଲିସର ଉପସ୍ଥିତିରେ ଗୃହର ଗେଟ ତାଲା ଭଙ୍ଗା ହେଲା, ଗୃହ ମଧ୍ୟରେ ଗଛଲତା ପରିପୂର୍ଣ୍ଣ ଥିଲା ତାହାକୁ ପରିଷ୍କାର କରାଯାଇ କୋଠରୀ ପରେ କୋଠରୀ ଖୋଲା ହୋଇଥିଲା । ଉପର ମହଲାର ବଡ଼ ହଲ ଘରଟି ଖୋଲା ହେବା ପରେ ସମସ୍ତେ ଗୃହର ଭିତର ଦୃଶ୍ୟ ଦେଖି ଚମକି ଉଠିଲେ, ଦଶଗୋଟି କଙ୍କାଳ ବିକ୍ଷିପ୍ତ ହୋଇ ପଡିଥିଲା, ସବୁଗୁଡିକ ଦଶ ବାରବର୍ଷର ଶିଶୁଙ୍କର । ପୋଲିସ ମାଜିଷ୍ଟ୍ରେଟଙ୍କୁ ଡକାଇ ପଞ୍ଚନାମା କଲେ, କଙ୍କାଳ ଗୁଡିକ ଫୋରେନସିକ ଲାବୋରେଟରୀକୁ ପଠାଗଲା ଓ ବାବା ହରିହର ଲୋକ ଲଗାଇ ଗୃହକୁ ପରିଷ୍କାର କରି ଗୃହକୁ ବାସୋପଯୋଗୀ କରିବାକୁ ଚେଷ୍ଟା କରିଥିଲେ । ତା'ଙ୍କ ମନଭିତରେ ସେହି ନିଷ୍ପାପ ପିଲାମାନଙ୍କ ଜୀବନର କରୁଣ କାହାଣୀ ଗୁଞ୍ଜରି ଉଠୁଥିଲା । ସମୟ କାହାକୁ ଅପେକ୍ଷା କରେନାହିଁ, ପୋଲିସ ଦ୍ୱାରା ସେହି ପିଲାମାନଙ୍କ ପରିଚୟ ମଧ୍ୟ ମିଳିଗଲା ଡି.ଏନ.ଏ ପରୀକ୍ଷା ହୋଇ ସବୁ ସତ୍ୟ ସାମ୍ନାକୁ ଆସିଯାଇଥିଲା । ବାବା ହରିହର ଉପର ମହଲାର ସେହି ହଲ ଘରଟିକୁ ସେହି ଅସହାୟ ଅକାଳ ମୃତ୍ୟୁ ବରଣ କରିଥିବା ଦଶଗୋଟି ବାଳକଙ୍କ ସ୍ମୃତିରେ ସୁନ୍ଦର ଭାବେ ସଜାଇ ପୂଜାର୍ଚ୍ଚନା କରି ଶୁଦ୍ଧ କରିଦେଇଥିଲେ, ପ୍ରତିଦିନ ସେହି ଘରେ କିଛି ସମୟ ଧ୍ୟାନରେ ବସି ବାବା ସେହି ଅଶରୀରୀ ପିଲାଙ୍କ ସହିତ ଆଳାପ କରୁଥିଲେ, କିଛିଦିନ ପରେ ତାଙ୍କୁ ନିର୍ମମ ଭାବରେ ହତ୍ୟା କରିଥିବା ବ୍ୟକ୍ତି, ଅଙ୍ଗ ଚୋରାଇଥିବା ଡାକ୍ତର ପୋଲିସ ଦ୍ୱାରା ଧରା ହୋଇ ଜେଲ ଗଲେ । ବାବା ହରିହରଙ୍କ ପୂଜାର୍ଚ୍ଚନା, ହୋମ ଯଜ୍ଞ ଦ୍ୱାରା ପିଲାମାନଙ୍କର ଅତୃପ୍ତ ଆତ୍ମାର ସଦଗତି ହେଲା । ବାବା ହରିହରଙ୍କ ଅନାଥାଶ୍ରମ ବର୍ତ୍ତମାନ ଖୁବ ଭଲ ଭାବେ ସେହି ଗୃହରେ ଚାଲୁଛି ଅନାଥ ପିଲାମାନେ ବଡ଼ ହୋଇ ସମାଜ କଲ୍ୟାଣ କାର୍ଯ୍ୟରେ ଯୋଗଦାନ କରି ନିଜର ତଥା ଦେଶର ନାମ ଉଜ୍ଜଳ କରିବାରେ ସମର୍ଥ, ବାବା ହରିହରଙ୍କ ଉଦାରତା ତଥା ସ୍ନେହ ପ୍ରେମ ଜଗତକୁ ଏକ ନୂତନ ସନ୍ଦେଶ ଦେଉଛି , ଭଗବାନ ତାଙ୍କର ମଙ୍ଗଳ କରନ୍ତୁ ଏହାହିଁ ପ୍ରାର୍ଥନା ।


+ ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା, କଟକ- ୭୫୩୦୦୯
ମୋ : ୯୯୩୭୧୭୪୦୯୭


# ଗଙ୍ଗାଜଳରେ ଗଙ୍ଗା ପୂଜା

ପ୍ରଫୁଲ୍ଲ ବାରିକ

ପାପୀ ତ ପାପୀ, ପୁଣି ପବିତ୍ର ପାପୀ କଣ ? ପାପରେ ପୁଣି ପବିତ୍ର ଅପବିତ୍ର ଥାଏ କି ?

ମୋ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ହାରା ମାଉସୀ କହିଲେ, ଅଛିନା.. ଓ ପାପର ପ୍ରକାର, ଗୁରୁତ୍ୱ ଆଉ ଉଦ୍ଦେଶ୍ୟ ଭେଦରେ ଅଛି ।

ହାରା ମାଉସୀ ବୁଢୀ ହେଲେବି ପ୍ରତ୍ୟୁତ୍ପନ୍ନମତୀ । ଚାଲାକ । ସହଜେ ହାର ମାନିବାର ନୁହେଁ । ଯିମିତି ହେଲେବି ତାଙ୍କ କହୁଥିବା କଥାକୁ ସେ ସଠିକ ସାବ୍ୟସ୍ତ କରିବେ । ଇମିତି ଧର୍ମପ୍ରାଣା । ପୂଜାପାଠ, ଓଷାବ୍ରତରେ ମାହିର । ପଡୋଶୀ ହେତୁ ପ୍ରାୟ ଆମ ଘରକୁ ଆସନ୍ତି । ତାଙ୍କ ଉପସ୍ଥିତି ଭଲ ଲାଗେ । ପୂଜା ପାର୍ବଣରେ ପ୍ରସାଦ ବି ଦିଅନ୍ତି ।

ଦୁଇଟି ମନ୍ଦାର ଦୁଇରଂଗ ବିଶିଷ୍ଟ, ଗୋଟିଏ ଟଗର ଗଛ ଆମ ବାଡ଼ିରେ । ବେଶୀ ଏଥିପାଇଁ ନୁହେଁ ଯେ ଏତେ ଫୁଲର ଆବଶ୍ୟକ କଣ ? ବରଂ ବାଡ଼ି ବଣୁଆ ହବ । ହେଇ ଅନ୍ଧାରୁଆ ମଶା ରହିବେ । ଏତିକିରୁ ମିଳୁଥିବା ଫୁଲ ଆମ ପୂଜାକୁ ବଳାଏ । ଆମ ପରେ ଅନ୍ୟମାନେବି ନିଅନ୍ତି ନିୟମିତ । ନିଅନ୍ତୁ । ଫୁଟାଫୁଲ ନତୋଳିଲେ ନଷ୍ଟ ହେଇଯିବ । ନିଇତି ବିଛଣାରୁ ଉଠି ଛଅଟାକୁ ଫୁଲ ତୋଳିବା ଘରେ ମୋ ଦାୟିତ୍ୱ ।

ଅବସ୍ଥା ଇମିତି, ଆଜିକୁ ସପ୍ତାହେ ହବ ଫୁଲ ମିଳୁନି ପୂଜାକୁ । ବୁଝି ପାରୁନି ଗଛର ଫୁଟିବା ଶକ୍ତି କମିଗଲା, ନା ଚୋରି ହେଇ ଯାଉଛି ? ବର୍ଷା ଦିନ । ଏବେ ଫୁଲ ଭାରରେ ନଇଁଯିବା କଥା ଡାଳ । ସପ୍ତାହକରେ କଣ ବୁଢ଼ା ହେଇଗଲା ଗଛ ? ହରେଇ ବସିଲା ଶକ୍ତି ? ଘରଣୀ ମାନିବାକୁ ଅରାଜି । ତାଙ୍କ କହିବାର କଥା, ଫୁଲ ଚୋରି ହଉଚି । ତମେ ରାତିରୁ ଉଠି ସଂଗ୍ରହ କର । କି କଥା ଇଏ ? ଗଛ ମୋର । ଫୁଲ ତୋଳିବି ବୋଲି ନିଦ ହରେଇବି ? ପୁଣି ବର୍ଷା ଦିନେ ପାହାନ୍ତି ନିଦ । ଏଇ କେଇଦିନ ପୂର୍ବରୁ ଥିଲା ଗ୍ରୀଷ୍ମ । ଗରମରେ ଦେହ ଶିଝି ଯାଇଛି । ଦିନ ରାତି ହେଇଚି ଏକାକାର । ବର୍ଷା ହେବାରୁ ସବୁଠି ଶୀତଳ । ଭୂମିରୁ ଭୂମା, ପ୍ରାଣୀରୁ ଉଦ୍ଭିଦ ଶାନ୍ତି ଲଭୁଥିବା ବେଳେ, ଫୁଲ ଯୋଡ଼େ ପାଇଁ ପାହାନ୍ତି ନିଦକୁ ହାତ ଛଡା କରି ଉଠିବି ରାତିରୁ ? କି କଥା କହୁଛ ?

--- ଯାହା କର, ପୂଜା ପାଇଁ ମୋର ଫୁଲ ଦର୍କାର । ସେତକ ପାଏ ଯିମିତି ।

ଘରଣୀ ଶୁଣେଇ ଦେଇ ଚାଲିଗଲେ ତାଙ୍କ କାମରେ । ଏବେ ମୋର ଭାବନା, କିଏ କରୁଛି ଚୋରି ? କେତେବେଳେ ?

ନିଇତି, ଏଇ ସପ୍ତାହେ ଧରି, ମାନେ ଯେବେଠୁଁ ହଉଚି ଫୁଲ ଚୋରି, ଘରଣୀ ଦୁଃଖ ଜଣେଇ ଥିବାରୁ ହାରା ମାଉସୀଙ୍କୁ, ସିଏ ଫୁଲ ପୁଞ୍ଜେ ଧରି ଆସନ୍ତି ପ୍ରତି ସକାଳେ ଠିକ ଆଠଟାକୁ । ତାଙ୍କର ବି ସେଇ ଟଗର ମନ୍ଦାର । ଆଉ ତୃତୀୟ ନାସ୍ତି ।

ମାଉସୀଙ୍କୁ ଦେଖି କହିଲି, ଦେଖତ, ଆମ ବାଡ଼ିରେ ଗଛ, ଆମେ ଫୁଲ ନଉଛୁ ତମଠୁ ପୂଜା ପାଇଁ । ଯିଏ ଚୋରଉଛି, ସିଏ ମହାପାପୀ । ପୂଜା କରି ଧର୍ମ କରୁଛି, ନା ଚୋପା । ନା କଣ କହୁଛନ୍ତି ମାଉସୀ ? ଚୋରି ଫୁଲରେ ପୂଜା କଲେ ଫଳ ମିଳେ ? ପାପୀ କଉଠିକାର ।

--- ପାପୀ ଯେ, କିନ୍ତୁ ପବିତ୍ର ପାପୀ ।

ମାଉସୀ କହିଲେ । ଏବଂ ତାଙ୍କ କଥାକୁ ସାବ୍ୟସ୍ତ କରିବାକୁ ପାପର ଉଦ୍ଦେଶ୍ୟ, ପ୍ରକାର ଓ ଗୁରୁତ୍ୱକୁ ବିଚାରକୁ ନବାକୁ ହବ ବୋଲି ଓଲଟି ଓକିଲାତି କଲେ ।

ମାଉସୀ ଯିବାପରେ ମୋ ମୁଣ୍ଡକୁ ଆସିଲା କଥାଟିଏ । ବାଡ଼ିରେତ ଗଛଟିଏ ନାଇଁ, ଫୁଲ ପାଉଚନ୍ତି କଉଠୁ ? ଘରଣୀ କହିଲେ, ତାଙ୍କ ଧର୍ମଭାଇ ଘରୁ ଆସେ ବୋଲି କହୁଥିଲେ । ତାଙ୍କ ଘର ଏଇ ଗାଁ'ର ସେମୁଣ୍ଡରେ ।

ଘଟଣା ଘଟି ଚାଲିଲା ନିରବଚ୍ଛିନ୍ନଭାବେ ଦିନ ଦିନକୁ । ଆପଣା ବାଡିରୁ ଫୁଲଟିଏ ନପାଇ ଆମେ ଅପେକ୍ଷାରେ ରହିଲୁ ପ୍ରତିଦିନ ମାଉସୀଙ୍କ ହାତ ଟେକାକୁ । ଶେଷକୁ ସିଦ୍ଧାନ୍ତ କଲି, ରହସ୍ୟର କରିବି ପର୍ଦ୍ଦାଫାସ । ହୁଏପଛେ ରାତିଗୋଟେ ଅନିଦ୍ରା, ଧରିବି ଚୋରକୁ । କଥାର ହେଇଯିବ ସ୍ଥାୟୀ ସମାଧାନ ।

ଚୋରୀ ନିଶ୍ଚିତ ପାହାଁତାକୁ ହଉଥିବ ଭାବି ରାତି ଦୁଇକୁ ଆଲାର୍ମ ଦେଇ ଶୋଇଲି । ଠିକ ଦୁଇଟାକୁ ବାହାର ଲାଇଟି ନିଭେଇ ଡ୍ରଇଂରୁମ ଝରକା ସାମାନ୍ୟ ଫାଙ୍କ କରି ଚେୟାର ପକେଇ ବସି ଅପେକ୍ଷାରେ ରହିଲି ପବିତ୍ର ପାପୀର । ଝରକା ଫାଙ୍କରୁ ଲାଇଟି ଧାରେ ପିଚକି ପଡିଥାଏ ଗେଟ ଯାକେ ।

ଠିକ ତିନିଟାକୁ ଗେଟ ଖୋଲିଲା ଏବଂ ଲାଇଟି ଦେଖି ମଥା ଲୁଗାକୁ ମୁହଁ ଉପରକୁ ଟାଣି ଆଣି ପ୍ରବେଶିଲା ସିଏ ସନ୍ତର୍ପଣରେ । ତରବରରେ ଟଗର ମନ୍ଦାରତକ ଅଣ୍ଟିରେ ଭରି ଗେଟ ଦେବା ବେଳେ ଓଢଣୀ ଖସିଗଲା ମଥା ଉପରୁ । ମୁହଁ ତୋରା ଆଲୁଅରେ । ସଫା ପରିଷ୍କାର । ମୋ ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଉଡି ବୁଲିଲେ ବାଡ଼ି ସାରା । ଝରକା ଦେଇ ମୁଁ ଶୋଇଲି ଆସି ନିଶ୍ଚିନ୍ତରେ ଅପରେସନ ଫୁଲଚୋରୀ ସକ୍ସେସ ହେଇଥିବାରୁ । ଘରଣୀ ଶୋଇ ଥାଆନ୍ତି ଅସାଡ଼ ହେଇ ବହଳ ନିଦରେ । ପରିସ୍ଥିତି ସହ ସମ୍ପର୍କହୀନ ସିଏ ।

ସକାଳ ଆସିଲା ଚିରାଚରିତ ଭାବେ । ମାଉସୀ ଘରଣୀଙ୍କୁ ଫୁଲ ଦେବାବେଳେ କହିଲେ, ଅଳ୍ପରେ ଚଳେଇଦେ । ଆଜି ବେଶୀ ମିଳିନି । ମୁଁ ଅପେକ୍ଷା କରିଥାଏ ସୁଯୋଗକୁ । ତତକ୍ଷଣାତ କହିଲି, ଗଙ୍ଗା ଜଳରେ ଗଙ୍ଗା ପୂଜା ? ! ମାଉସୀ ଚମକି ଅନେଇଲେ ମୋତେ ।

-- କଣ କହିଲ ?



ତାଙ୍କ ପ୍ରଶ୍ନ ଥର ଥର ଗଳାରେ ମୋ ପ୍ରତି ।

--- ପଚାରୁଛି ଆପଣଙ୍କୁ, ଏ କଥାର ଅର୍ଥ କଣ ? ଶୁଣିଥିଲି ଜଣଙ୍କ ମୁହଁରୁ ।

--- ମୁଁ ଜାଣିନି । ଆସୁଛି....

କହି ସନ୍ତର୍ପଣରେ ବାହାରି ଗଲେ ଘରୁ । ଘରଣୀ ଅଜଣା ଥିବା ବେଳେ ମୁଁ ଅନୁଧ୍ୟାନରେ ମଗ୍ନ ଥାଏ ସ୍ଥିତି ଉପରେ । କହିବା ବାହୁଲ୍ୟ, ତା ଉପରନ୍ତ ସ୍ଥିତି ପୂର୍ବ ପର । ଠାକୁରଙ୍କ ପାଖରେ ଏବେ ଆମ ଗଛ ଫୁଲ । ଯାହାକୁ ଯେତେ । ମାଉସୀ ଆଉ ଆସନ୍ତି ନାଇଁ, ଫୁଲ ଦେବାତ ଦୂର ।


+ଚନ୍ଦନବିନ୍ଧା, ଚାନ୍ଦବାଲି,
ଭଦ୍ରକ
ମୋ : ୯୨୩୮୯୨୦୪୦୫

## ଆଗାମୀ ପିଢିକୁ ସାହିତ୍ୟ ମନସ୍କ କରିବା ଅଭିଭାବକ ମାନଙ୍କର ଗୁରୁ ଦାୟିତ୍ୱ : ଦାଶ ବେନହୁର

କେନ୍ଦ୍ରାପଡା, ୧୧/୧୨ (ନି.ପ୍ର): କଥା ସାହିତ୍ୟ ଓ କାବ୍ୟ ରଚନାର ମୂଳ ଭିତି ଭାରତ ହୋଇଥିବା ବେଳେ ଆଧୁନିକ କ୍ଷୁଦ୍ର ଗଳ୍ପ ଓ ଗଳ୍ପ ସାହିତ୍ୟର ପରମ୍ପରା ଭାରତୀୟ ସମାଜର ପ୍ରାଚୀନ ପରମ୍ପରାରେ ବହୁଳ ଭାବେ ଦୃଷ୍ଟି ଗୋଚର ହେଇଥାଏ । ଆଜି ମଧ ପଂଚତନ୍ତ୍ରର ନୀତି ଉପଦେଶମୂଳକ ଗଳ୍ପ ଗୁଡିକର ପାଠକୀୟତା ଓ ନୀତି ଆଦର୍ଶ ଶିକ୍ଷିତ ସମାଜକୁ ତଥା ଜନ ସାଧାରଣଙ୍କୁ ଦିଗଦର୍ଶନ ଦେଇ ଆସୁଛି । ସମସ୍ତ ପ୍ରକାର ଉନ୍ନୟନର ମୂଳ ସାହିତ୍ୟ ପ୍ରସଙ୍ଗରେ ବିଚାର କଲେ ଏହା ସାଂସ୍କୃତିକ ବିକାଶ ଓ ଆର୍ଥିକ ବିକାଶକୁ ଦିଗଦର୍ଶନ ଦେବା ସହ ମଣିଷ ସମାଜର ସୁଖ ସ୍ୱାଛନ୍ଦ୍ୟ ଓ ନୈତିକ ଗୁଣକୁ ବିକଶିତ କରିଥାଏ । ଏଥିପାଇଁ ଆମର ବଂଶଧର ଭବିଷ୍ୟତ ପିଢିଙ୍କୁ ସାହିତ୍ୟ ମନସ୍କ କରାଇବା ପ୍ରତ୍ୟେକ ଅଭିଭାବକଙ୍କ ଗୁରୁ ଦାୟିତ୍ୱ । କେନ୍ଦ୍ରାପଡା ସାହିତ୍ୟ ମହୋତ୍ସବ - ୨୦୨୨ ର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ସ୍ତମ୍ଭକାର ପ୍ରଫେସର ଦାଶ ବେନହୁର ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା ଡେଭଲପମେଂଟ ଫାଉଣ୍ଡେସନ ଓ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜରର୍ସର ମିଳିତ ଉଦ୍ୟମରେ ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଛି । ପ୍ରଥମ ଦିନର ଉଦ୍ଘାଟନୀ ପର୍ବରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି କଥାକାର ଡ଼ଃ. ରାମଚନ୍ଦ୍ର ବେହେରା ଉଦ୍ଘାଟକ ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିବା ବେଳେ ଡ଼ଃ. ବିଜୟାନନ୍ଦ ସିଂହ ମୁଖ୍ୟବକ୍ତା ଓ ବରିଷ୍ଠ ପ୍ରଶାସକ ଦିଲିପ ରାଉତରାୟ (ଆଇଏସ୍ ) ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ଏଥିରେ ଅଧକ୍ଷତା କରିଥିବା ବେଳେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜରର୍ସ ର ସଭାପତି ଇଂ. ଅକ୍ଷୟ କୁମାର ପାଣି ସ୍ୱାଗତ ଭାଷଣ ଦେଇଥିଲେ । ସେହିଭଳି ଡ଼ଃ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଦ୍ୱିତୀୟ ସୋପାନରେ ଓଡିଆ ଗଳ୍ପ- କାଲି ଆଜି ଓ ଆସନ୍ତା କାଲି ଶୀର୍ଷକକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଗାଳ୍ପିକ ଭୀମ ପୃଷ୍ଟି, ଡ଼ଃ. ଅରବିନ୍ଦ ଧଳ, ପରେଶ ପଟ୍ଟନାୟକ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଓ ଯଶୋବନ୍ତ ସାମଲ ପ୍ରମୁଖ ଆଲୋଚନା କରିଥିଲେ । ଶକ୍ତି ମହାନ୍ତି ସଂଯୋଜନା କରିଥିବା ବେଳେ ଡାକ୍ତର ପ୍ରଶାନ୍ତ ଦାସ, ଡାକ୍ତର ଦିଲିପ ବେହେରା, ଡାକ୍ତର ହରିଶ ଚୌଧୁରୀ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । କବୟିତ୍ରୀ ସୁନନ୍ଦା ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସେହିଭଳି ଓଡିଆ ଶିଶୁ ସାହିତ୍ୟର ସ୍ଥିତ, ସଂକଟ ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା । ଶେଷରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଡ଼ଃ. ବିରଜା ରାଉତରାୟ, ମହମ୍ମଦ ଜାହିଦ ଖାନ, ସରୋଜ କୁମାର ମହାନ୍ତି, ଡ଼ଃ. ଶ୍ରୀଧର ସାମଲ, ଗୌତମ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଗୋବିନ୍ଦ ଗୋଧାମ ଗୋଶାଳା ବିକାଶ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ପୁରୀ, ୧୧/୧୨ (ନି.ପ୍ର): ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ପୁରୀ ବ୍ରହ୍ମଗିରି ରୋଡ଼ ନିକଟ ଗୋରୁଆଳ ଗ୍ରାମ ପଂଚାୟତର ଆଳିପଡା ଠାରେ ଅବସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳାକୁ ଶନିବାର ଦିନ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ପରିଦର୍ଶନ କରିବା ସହିତ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଓ.ଏମ.ସି. ଦ୍ୱାରା ନିର୍ମିତ ହେବାକୁ ଥିବା ୪୦୦ ଗୋମାତାଙ୍କର ରହଣୀ ପାଇଁ ସେଡ଼ ବ୍ୟବସ୍ଥା ଏବଂ ଇଡକ୍କା ରୋଡ ଠାରୁ ଗୋଶାଳା ପର୍ଯ୍ୟନ୍ତ ପକ୍କା ରାସ୍ତା ଏବଂ ପୁଷ୍କରିଣୀକୁ ଅତ୍ୟାଧୁନିକ ଢାଞ୍ଚାରେ ଉନ୍ନତି କରିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି ଗୋବିନ୍ଦ ଗୋଧାମ ଗୋଶାଳାର ପ୍ରତିଷ୍ଠତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ।

ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ୍ତ କୁମାର ସାହୁ, ବ୍ରହ୍ମଗିରି ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ସହକାରୀ ଯନ୍ତ୍ରୀ ସୀତାପତି ସେଠି, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରଜତ କୁମାର ପ୍ରତିହାରୀ, ପ୍ରାଣୀ ଚିକିତ୍ସାଳୟର ସି.ଡି.ଭି.ଓ. ଉମେଶ ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ଏବଂ ଗୋରୁଆଳ ଆର.ଆଇ. ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩୬୦ ଗୋମତାଙ୍କୁ ଟୀକାକରଣ କରାଯାଇଥିଲା।

## ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ତାତିଲେ ଅବିଭାବକ

ଜୟପୁର, ୧୧/୧୨ (ନି.ପ୍ର): ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ତାତିଲେ ଅବିଭାବକ। ତୁରନ୍ତ ବିଦ୍ୟାଳୟର ଶିକ୍ଷକ ଅଭାବ ପୂରଣ ନକଲେ ସରକାରୀ ବିଦ୍ୟାଳୟକୁ ଛାତ୍ର ଛାତ୍ରୀଙ୍କୁ ଛାଡିବେନି ବୋଲି ଚେତାବନୀ ଦେଲେ ଅଭିଭାବକ। ବୋରିଗୁମ୍ମା ବ୍ଲକରେ ଶିକ୍ଷା ବ୍ୟବସ୍ଥା ଦୀପ ତଳ ଅନ୍ଧାର। ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଲାଗି ରହିଥିବା ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟ ତାହାର ଉଦାହରଣ। ଏହି ବିଦ୍ୟାଳୟରେ ଗୋଟାଏ ପରେ ଗୋଟାଏ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ବଦଳି ଓ ଅବସର ହୋଇଥିଲେ ମଧ ସେହି ସ୍ଥାନରେ କୌଣସି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି କରାଯାଉନାହିଁ। ଯାହାକୁ ନେଇ ବାରମ୍ବାର ଅଭିଭାବକ ଏବଂ ବିଦ୍ୟାଳୟ ପକ୍ଷରୁ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ କେବଳ ପ୍ରତିଶୃତିରେ ଅଟକିଛି ଶିକ୍ଷକ ନିଯୁକ୍ତି। ଯାହାକୁ ନେଇ ଆଜି ଅଭିଭାବକ ଏବଂ ଶିକ୍ଷକଙ୍କ ବୈଠକରେ ତାତି ଥିଲେ ଅଭିଭାବକ। ଏହି ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ୧୮୫ ଜଣ ଛାତ୍ର ଛାତ୍ରୀ ଅଧୟନ କରୁଛନ୍ତି। ଏଠି ପୂର୍ବରୁ ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତ ଥିଲେ। କିନ୍ତୁ ଏବେ କେବଳ ୩ ଜଣ ଶିକ୍ଷୟତ୍ରୀ ରହିଛନ୍ତି। ୩ ଜଣ ଶିକ୍ଷୟତ୍ରୀ ତିନୋଟି କ୍ଲାସ ରୁମରେ ୫ଟି ଶ୍ରେଣୀକୁ ଶିକ୍ଷାଦାନ କରୁଛନ୍ତି। ଶିକ୍ଷାଦାନରେ ଅସୁବିଧା ହେଉଥିବା ବେଳେ ଶିକ୍ଷାକୁ ନେଇ ଛାତ୍ର ଛାତ୍ରୀ ମାନେ ମଧ ଅସନ୍ତୋଷ ପ୍ରକଟ କରୁଛନ୍ତି। ସବୁଠାରୁ ବଡ କଥା ହେଉଛି ୩ ଜଣ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଜଣେ ଶିକ୍ଷୟତ୍ରୀ ଚଳିତ ମାସରେ ଅବସର ନେବେ। ଏହାପରେ ଆଗକୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବ। ଘଟଣା ସମ୍ପର୍କରେ ସ୍ଥାନୀୟ ଅବିଭାବକ ଏବଂ ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ବିଇଓଙ୍କୁ ଅବଗତ କରାଯାଇଛି ହେଲେ ଏପର୍ଯ୍ୟନ୍ତ କେବଳ ପ୍ରତିଶୃତି ମିଳିଥିବା ଅବିଭାବକ ଏବଂ ଶିକ୍ଷତାୟତ୍ରୀ ସୂଚନା ଦେଇଛନ୍ତି। ସେପଟେ ଅତି ଶୀଘ୍ର ଶିକ୍ଷକ ଅଭାବ ପୁରଣ ନ ହେଲେ ସରକାରୀ ବିଦ୍ୟାଳୟକୁ ଛାତ୍ର ଛାତ୍ରୀଙ୍କୁ ଛାଡ଼ିବୁ ନାହିଁ ବୋଲି କହିଛନ୍ତି ଅବିଭାବକ।

## ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ : ଇଲେଭେନଷ୍ଟାର ଯାଜପୁର ଟାଉନ ବିଜୟୀ

ଧର୍ମଶାଳା, ୧୧/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ- ନିଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୪୦ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ଆଜି ୨ୟ ଲିଗ୍ ମ୍ୟାଚ ଇଲେଭେନଷ୍ଟାର ଯାଜପୁର ଟାଉନ ଓ ଆଂଚଳିକ ଯୁବ ପରିଷଦ ପଂଚୁପାଣ୍ଡବ ମଧ୍ୟରେ ଖେଳା ଯାଇଥିଲା । ଏହି ମ୍ୟାଚରେ ପଂଚୁପାଣ୍ଡବକୁ ୧୦୩ ରନରେ ହରାଇ ଯାଜପୁର କ୍ୱାଟର ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ଯାଜପୁର ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ବିଶାଳ ୨୧୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ତାପସ ରାଉତ୨୦ ବଲରୁ ସମ୍ମୁଖୀନ ହୋଇ ୪୭ ଓ ମାନସ ଭଟାଚାର୍ଯ୍ୟ ୩୧ ବଲରୁ ୪୩ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ରଘୁନାଥ ମଲ୍ଲ ୨ଟି ୱିକେଟ୍ ନେଇଥିଲେ ।

୨୨୦ ରନର ବିଜୟ ଲକ୍ଷ ନେଇ ପଂଚୁପାଣ୍ଡବ ୧୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୭ ରନ ସଂଗ୍ରହ କରି ଏହି ମ୍ୟାଚକୁ ୧୦୩ ରନରେ ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ରଘୁନାଥ ମଲ୍ଲ ୩୧ ବଲରୁ ୪୯ ଓ ସୌଭାଗ୍ୟ ମିଶ୍ର ୩୦ ବଲର ସମ୍ମୁଖୀନ ହୋଇ ୩୭ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଚନ୍ଦନ ନାୟକ ସର୍ବାଧିକ ୩ଗୋଟି ୱିକେଟ୍ ନେଇଥିଲେ । ଚନ୍ଦନକୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇଥିଲା । ଖେଳ ପରିଚାଳନାରେ ଶରତ ଜେନା ଓ କାର୍ତ୍ତିକ ପତି ସହଯୋଗ କରିଥିଲେ । ଭାଷ୍ୟକାରଭାବେ ମଂଟୁ ଦାସ,ଅରୁଣ ପତି ଓ ଶ୍ରଦ୍ଧା ସୁମନ ସାହୁ ଓ ସ୍କୋରଭାବେ ଚିନ୍ମୟ ଦଳେଇ,ବିରଞ୍ଚି ନାରାୟଣ ସାହୁ ଓ ଉତ୍କଳ ଜେନା ପ୍ରମୁଖ ସହଯୋଗ କରିଥିଲେ । ସମ୍ପୁର୍ଣ୍ଣ ଖେଳ ପରିଚାଳନାରେ ପ୍ରିୟନାଥ ରାଉତ, ମାଧବାନନ୍ଦ ଜେନା, ରଘୁନାଥ ଜେନା, ଦିଲିପ ଜେନା, ହେମନ୍ତ ସାହୁ ଓ ବଳରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ । ରବିବାର ଦିନ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ସହିଦ ସ୍ପେଂଟି ଭୁବନେଶ୍ୱର ଓ ଇଲେଭେନଷ୍ଟାର ଯାଜପୁର ମଧ୍ୟରେ ମ୍ୟାଚ ଖେଳା ଯିବ ବୋଲି ଆୟୋଜକ ସତ୍ୟସାଇ କିକେଟ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଜୟପାଟଣାରେ ରେଣ୍ଡୋ ମାଝୀଙ୍କ ସହିଦ ଦିବସ ପାଳିତ

ମୁଖୀଗୁଡା, ୧୧/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଠାରେ ଆଦିବାସୀ ସଂଘ ଜୟପାଟଣା ବ୍ଲକ ତରଫରୁ ରେଣ୍ଡୋ ମାଝୀଙ୍କ ୧୬୭ ତମ ସହିଦ ଦିବସ ପାଳନ କରାଯାଇଛି । ଜୟପାଟଣା ଗୀତାଭବନ ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିରାଟ ପଟୁଆର ରେ ଶହ ଶହ ସଂଖ୍ୟା ରେ ଆଦିବାସୀମାନେ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ରେ ଶୋଭାଯାତ୍ରାରେ ବାହାରି ଜୟପାଟଣା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ ଏବଂ ରାଜ୍ୟପାଳଙ୍କ ଉଦେଶ୍ୟରେ ଜୟପାଟଣା ତହସିଲଦାର ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଜୟପାଟଣା ବ୍ଲକ ଆଦିବାସୀ ସଂଘର ସଭାପତି ମନୋଜ ପାତ୍ର, କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପାତ୍ର, ସମ୍ପାଦକ ପୁରୁଷୋତମ ମାଝୀ ,ଉପସଭାପତି ଦାମ୍ବରୁଧର ନାଏକ, ଜଗମୋହନ ମାଝୀ ,ଲାବାଣ୍ୟ ବାଣୁଆ, ଜିଲ୍ଲା ଅଙ୍ଗଦ ମାଝୀ,ଅନ୍ତରାମ ବାଣୁଆ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।

## ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ଜୟପୁର, ୧୧/୧୨ (ନି.ପ୍ର): ଜିଲ୍ଲା ଆଇନ୍ ସେବାପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ବିଶ୍ୱ ମାନବ ଅଧିକାର ଦିବସ ହାନାଗୁଡାରେ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ସି.ଏଚ୍. ବାସୁଦେବ ପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର କୋର୍ଟ ପୋକ୍ସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁମନ ଜେନା ପରିଚାଳନା କରିଥିଲେ। ତା ସହିତ ସ୍ୱତନ୍ତ୍ର ପିପି ବା ସରକାରୀ ଓକିଲ୍ ପୋକ୍ସ କୋର୍ଟ ର ଡଃ.ଗାୟତ୍ରୀ ଦେବୀ ଉପସ୍ଥିତ ରହି ଏହି ବିଶ୍ୱ ମାନବ ଅଧିକାର ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ୨ୟ ବିଶ୍ୱଯୁଦ୍ଧ ପରେ ଦେଖାଯାଇଥିବା ବିଭିନ୍ନ ସମସ୍ୟା ତଥା ଖାଦ୍ୟ, ବାସଗୃହ, ଜଳ, ବାୟୁ, ଧର୍ମ, ଅର୍ଥନୈତିକ, ସାମାଜିକ, ଶାରୀରିକ, ବସ୍ତ୍ର, ନ୍ୟାୟ, ଏପରି ଅନେକ ସଙ୍କଟର ସାମ୍ନା କରି ଜନସାଧାରଣ ଜୀବିକା ନିର୍ବାହ କରୁଥିଲେ।୧୯୪୮ ମସିହା ଡିସେମ୍ବର ୧୦ ରେ ବିଶ୍ୱର ନେତାମାନଙ୍କୁ ନେଇ ଜାତିସଂଘର ସାଧାରଣ ସଭା କରାଯାଇ ମାନବାଅଧିକାରର ସାର୍ବଭୌମ ଘୋଷଣାପତ୍ରକୁ ଅନୁମୋଦନ କରିଥିଲେ। ଏହି ଦିନକୁ ମନେ ପକାଇବା ଉଦ୍ଦେଶ୍ୟରେ ୧୯୫୦ ମସିହାରୁ ପ୍ରତି ବର୍ଷ ଏହି ଦିନରେ ବା ଡିସେମ୍ବର ୧୦ କୁ ମାନବାଧିକାର ଦିବସ ରୂପେ ପାଳନକରାଯାଇ ଆସୁଛି। ଏଥିରେ ଉଲ୍ଲେଖ ଯେ ସମସ୍ତ ଧର୍ମ ସମାନ, ସମସ୍ତଙ୍କୁ ସମାନ ଅଧିକାର, ସମସ୍ତଙ୍କ ପାଇଁ ଆଇନ୍ ସମାନ, ବଡ଼ ହେଉ ବା ଛୋଟ ହେଉ ବୋଲି କହିଥିଲେ। କୋଟପାଡ଼ ସବ୍ ଜେଲ୍ ରେ ମଧ ଏହି ଦିବସ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପାଳନ କରାଯାଇଛି।

## ପୁରୀରେ ଖୋ ଖୋ ଦଳର ପ୍ରଶିକ୍ଷଣ କ୍ୟାମ୍ପ

ପୁରୀ, ୧୧/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୩୧ ରୁ ଫେବୃଆରୀ ୧୧ ତାରିଖ ପର୍ଯ୍ୟନ୍ତ ମଧପ୍ରଦେଶ ଠାରେ ଖେଲୋ ଇଣ୍ଡିଆ ଅନୁଷ୍ଠିତ ହେବ । ଏ ନେଇ ରାଜ୍ୟ ସରକାର ଓ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ପୁରୀରେ ପ୍ରଥମ ଥର ପାଇଁ ରାଜ୍ୟ ଖୋଖୋ ଦଳର କ୍ୟାମ୍ପ ଆୟୋଜନ କରାଯାଇଛି । ଏହି କ୍ୟାମ୍ପ ପୁରୀ ଜିଲ୍ଲା ସ୍କୁଲ ପଡିଆ ଠାରେ ଗତକାଲି ଠାରୁ ଅନୁଷ୍ଠିତ ହୋଇଛି । ଏଥିରେ ମନୋନୀତ ୨୦ ଜଣ ପୁରୁଷ ଓ ୨୦ ଜଣ ମହିଳା ଖେଳାଳୀ ପ୍ରଶିକ୍ଷଣ ନେଉଛନ୍ତି । ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୫ ଜଣ ଖେଳାଳି ଖେଲୋ ଇଣ୍ଡିଆରେ ଭାଗ ନେବେ । ଏହି କ୍ୟାମ୍ପକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ସମର୍ଥ ବର୍ମା ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି କ୍ୟାମ୍ପ ଚାଲିବ । ଭାରତ ଦଳର ସର୍ବଭାରତୀୟ କୋଚ ସଞ୍ଜୀବ ଶର୍ମା ଓଡିଶା ଦଳରେ ଯୋଗ ଦେଇଛନ୍ତି । ଗତ ବର୍ଷ ଓଡିଶା ଖୋଖୋ ଦଳର ଉଭୟ ପୁରୁଷ ଓ ମହିଳା ଦଳ ବୋଞ୍ଜ ପାଇଥିଲେ । ଚଳିତ ବର୍ଷ ଖେଲୋ ଇଣ୍ଡିଆରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପାଇଁ ଚେଷ୍ଟା କରିବୁ ବୋଲି ଓଡିଶା ଖୋଖୋ ସଂଘର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଗଣମାଧମକୁ ସୂଚନା ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ରାଜ୍ୟ ଖୋ ଖୋ ସଂଘର କୋଷାଧକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲ ।

## ମାନବିକ ଅଧିକାରର ସୁରକ୍ଷା, ବିଶ୍ୱରେ ଗାଣତାନ୍ତ୍ରିକ ମୂଲ୍ୟବୋଧର ରକ୍ଷା

ଜୟପୁର, ୧୧/୧୨ (ନି.ପ୍ର): ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଜନୀତି ବିଜ୍ଞାନ ବିଭାଗ ଏବଂ ମୋ କଲେଜ ଅଭିଯାନ ମିଳିତ ଆନୁକୂଲ୍ୟରେ 'ବିଶ୍ୱ ମାନବିକ ଅଧିକାର ଦିବସ' ୭୫ ବର୍ଷ ପୂର୍ତି ଉପଲକ୍ଷେ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର ?ୟ୍ୟକ୍ରମକୁ ଅଧାପିକା ଏସ୍. ଜ୍ୟୋତ୍ସ୍ନା ରାଓଙ୍କ ଅଧକ୍ଷତା କରିଥିଲେ। ଆଲୋଚନା ଚକ୍ର ପ୍ରାରମ୍ଭରେ ମହାତ୍ମାଗାନ୍ଧୀଙ୍କ ଫଟୋକୃତି ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ ସହ ସଭା ଆରମ୍ଭ ହୋଇଥିଲା। କାର ?ୟ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ଅଧାପକ କାହ୍ନୁ ଚରଣ ବରଡ଼ ନିଜ ବକ୍ତବ୍ୟରେ ସାର୍ବଜନୀନ ମାନବିକ ଅଧିକାର ଉତ୍ପତି, ସମସ୍ତଙ୍କ ପାଇଁ ସମ୍ମାନ, ସ୍ୱାଧୀନତା ଏବଂ ନ୍ୟାୟ ଏବଂ ବର୍ତମାନ ପରିସ୍ଥିତିରେ ନାଗରିକ ସମାଜ, ମିଡ଼ିଆ , ଯୁବବର୍ଗ ଙ୍କ ପରାକାଷ୍ଠା ଓ ଆନ୍ତର୍ଜାତିକ ଆଇନର ଯଥାର୍ଥ ଉପରେ ମନ୍ତବ୍ୟ ଦେଇଥିଲେ। ସେହିପରି ଅଧାପିକା ଗାୟତ୍ରୀ ମହାପାତ୍ର, ଅଧାପକ ଉତମ କୁମାର ପାଣିଗ୍ରାହୀ ସାଂପ୍ରତିକ ସମାଜରେ ମାନବିକ ଅଧିକାର ଆୟୋଗର ଭୂମିକା ଏବଂ ସମ୍ବିଧାନ ପ୍ରଦତ ଆଇନ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସେମିନାରଟିକୁ ଅଧାପିକା କାଜଲ ଗନ୍ତାୟତ ଅତି ସୁନ୍ଦର ଭାବରେ ପରିଚାଳନା କରି ଆଜିର ଦିବସର ମାନବିକ ଅଧିକାରର ସୁରକ୍ଷା, ରାଷ୍ଟ୍ର ଏବଂ ଯୁବସମାଜର ଭୂମିକା ସହ କର୍ତବ୍ୟ ରହିଛି ବୋଲି ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଆଲୋଚନାରେ ୭୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଏବଂ ୨୦ ଜଣ ଛାତ୍ରଛାତ୍ରୀ ନିଜ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଶେଷରେ ଅଧାପକ କାହ୍ନୁ ଚରଣ ବରଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ହ୍ୟୁମାନରାଇଟସ କାଉନସିଲ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ

କନ୍ଧମାଳ, ୧୧/୧୨ (ନି.ପ୍ର): ସ୍ଥାନୀୟ ପ୍ରେସ କ୍ଲବ ଠାରେ ଶନିବାର ହ୍ୟୁମାନ ରାଇଟ୍ସ କାଉନସିଲ ପକ୍ଷରୁ ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଥିଲା। ଏହି ଅବସରରେ କାଉନସିଲର ସଭାପତି ସରୋଜ କୁମାର ତରାସିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ଆଇନଜୀବୀ ତଥା ଜାଗ୍ରତ କନ୍ଧମାଳ ସମ୍ପାଦକ ସତ୍ୟ ନାରାୟଣ ବେହେରା, ଜ୍ୟୋତିର୍ମୟୀ କହଁର ପ୍ରାଧାପିକା ସରକାରୀ ମହାବିଦ୍ୟାଳୟ ଫୁଲବାଣୀ, ବିଜୟ ମହାନ୍ତି ସଭାପତି ଆଇନଜୀବୀ ସଙ୍ଘ, ଜିଲ୍ଲା ପ୍ରେସ କ୍ଲବ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଧର୍ମେନ୍ଦ୍ର ତାଣ୍ଡି ସ୍ୱାସ୍ଥ୍ୟ ଜନ ସମ୍ପର୍କ ଅଧିକାରୀ, ନବ କିଶୋର ରଥ ଅବସରପ୍ରାପ୍ତ ସ୍କୁଲ ନିରୀକ୍ଷକ, ଜାକିର ଉଲ୍ଲା ଖାନ ସମ୍ପାଦକ, ଆଇଏଚଆରସି, ସାମ୍ବାଦିକ ସନ୍ତୋଷ ଡିଗାଲ, ବୈଷ୍ଣବ ଚରଣ ପଟନାୟକ, ଡ଼ଃ ସୋମନାଥ ବାଘ, ବଟକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ଦିନକୁ ଦିନ ଲୋକମାନଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେଉଥିବା ଯୋଗୁଁ ଗଭୀର ଉଦବେଗ ପ୍ରକାଶ କରିଥିଲେ।

## ମାଲକାନଗିରି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ମାଲକାନଗିରି, ୧୧/୧୨ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧି କରଣ ତଥା ଜିଲ୍ଲା ପ୍ରଶାସନ, ମାଲକାନଗିରିଙ୍କ ମିଳିତ ଆନୁକୂଲ୍ୟରେ ନିଯୁକ୍ତି ମେଳା ସ୍ଥାନୀୟ ମାଲକାନଗିରି ମହାବିଦ୍ୟାଳୟ ପରିସର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ନିଯୁକ୍ତି ମେଳାକୁ ସମାରୀ ଟାଙ୍ଗୁଲୁ, ଅଧକ୍ଷା ଜିଲ୍ଲା ପରିଷଦ ମାଲକାନଗିରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ନିଯୁକ୍ତି ମେଳା ଜରିଆରେ ଜିଲ୍ଲାର ବହୁ ଶିକ୍ଷିତ ବେକାରୀ ଯୁବକ / ଯୁବତୀ ନିଜ ପସନ୍ଦର ବେସରକାରୀ କମ୍ପାନୀରେ ଚାକିରୀ କରିପାରିବେ। ମାଲକାନଗିରି ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ ଙ୍କ ଅଧକ୍ଷତାରେ ହୋଇଥିବା ଉଦଘାଟନି ସଭାରେ ସମ୍ମାନିତ ଅତିଥି ଭାବେ ତ୍ରିନାଥ ମାଝୀ ପ୍ରକଳ୍ପ ନିର୍ଦ୍ଦେଶକ , ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଅଶୋକ ଷଡ଼ଙ୍ଗୀ ଅଧକ୍ଷ, ମାଲକାନଗିରି ମହାବିଦ୍ୟାଳୟ, ନମିତା ଦଣ୍ଡସେନା ବରିଷ୍ଠ ଅଧାପିକା ଯୋଗ ଦେଇ ମେଳାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରରୁ ବିଭିନ୍ନ ନିଯୁକ୍ତି ଦାତା / ସଂସ୍ଥା ମାନେ ଯୋଗଦେବେ । କେତେକ କମ୍ପାନୀରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବା ବେଳେ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ପ୍ରଦାନ ପାଇଁ ଅଙ୍ଗିକାରବଦ୍ଧ। ୧୨ ଜଣ ନିଯୁକ୍ତି ଦାତା ଓ ୯ ଜଣ ପ୍ରକଳ୍ପ ରୂପାୟନ ସଂସ୍ଥା ଯୋଗ ଦେଇଥିଲେ । ଜିଲ୍ଲାରେ ବିଭିନ୍ନ ଅଂଚଳରୁ ୬୪୦ ଜଣ ଯୁବକ ଯୁବତୀ ନାମ ପଞ୍ଜିକରଣ କରିଥିଲେ । ପ୍ରଶିକ୍ଷଣ ନିମନ୍ତେ ୭୭ ଜଣ ଯୁବକ ଯୁବତୀ ମନୋନୀତ ହୋଇଛନ୍ତି ଓ ୨୫୬ ଜଣ ଯୁବକ ଯୁବତୀ ଚାକିରୀ ପାଇଁ ମନୋନୀତ ହୋଇଛନ୍ତି ।

## ଫୁଲବାଣୀ ନବୋଦୟ ଆଲୁମିନ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

କନ୍ଧମାଳ , ୧୧/୧୨ (ନି.ପ୍ର): ଫୁଲବାଣୀ ଜବାହର ନବୋଦୟ ଆଲୁମିନି ଏସୋସିଏସନ ପକ୍ଷରୁ ଶନିବାର ସଂଗଠନର ବାର୍ଷିକ ଉତ୍ସବ ଅବସରରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଏକ ମାଗଣା ଚକ୍ଷୁ ପରିକ୍ଷା ଓ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ସଭାପତି ସୁର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ ପାତ୍ର, ଚକ୍ଷୁ ବିଶେଷଜ୍ଞ, ତ୍ରିଲୋଚନ ନେତ୍ରାଳୟ, ଡା. ସୀମା ସିଂହ ପ୍ରମୁଖ ଯୋଗ ଦେଇ ଆଲୁମିନିର ଏଭଳି ଜନହିତକର କାର୍ଯ୍ୟକୁ ଭୁୟସୀ ପ୍ରଶଂସା କରିଥିଲେ। ସେହିପରି ଏହା ସମସ୍ତଙ୍କ ମଧରେ ଭାଇଚାରା, ସମ୍ପର୍କ, ଅତ୍ମୀୟତା ସୃଷ୍ଟି କରିବାରେ ସହାୟକ ହୋଇଥିବା ସଭାପତି ନାୟକ କହିଥିଲେ। ସଙ୍ଗଠନ ପକ୍ଷରୁ ପୂର୍ବରୁ ଯୁବକ ଯୁବତୀମାନଙ୍କ କେରୀଏର କାଉନସେ ଲିଙ୍ଗ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ସଚେତନ ଶିବିର, ପୋଷାକ ବଂଟନ, ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ, ରକ୍ତଦାନ ଶିବିର, ଶିଶୁ ଓ ମହିଳା ଅଧିକାର ଦିଗରେ କାର୍ଯ୍ୟ କରିଆସିଛି । ଆଲୁମିନି ସାଧାରଣ ସମ୍ପାଦକ ନୀଳ ମାଧବ ଡିଗାଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧରେ ଉପସଭାପତି ରମାକାନ୍ତ ଡିଗାଲ, ସମ୍ପାଦକ ବିଚିତ୍ର ମଳିକ, ସିମାଂଚଳ ଡିଗାଲ, ଦିଲ୍ଲୀପ ପ୍ରଧାନ, ଯୁଗ୍ମ ସମ୍ପାଦକ ଧନଞ୍ଜୟ ଖମାରି, କୋଷାଧକ୍ଷ ଲଲାଟେନ୍ଦୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଲୁମିନିର ରାଜ୍ୟ ଓ ରାଜ୍ୟ ବାହାରେ ଥିବା ସଦସ୍ୟମାନେ ଯୋଗ ଦେଇଥିଲେ। ଆଗକୁ ଆହୁରି ଅନେକ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ ବୋଲି ସଭାପତି ନାୟକ କହିଛନ୍ତି।

## ହାତୀ ଗତିବିଧି ଉପରେ ନଜର ରଖିବାକୁ ଦକ୍ଷତା ବିକାଶ ତାଲିମ ପ୍ରଦାନ

ବଲାଙ୍ଗିର, ୧୧/୧୨ (ନି.ପ୍ର): ଡିସେମ୍ବର ୯, ୨୦୧୨ ରେ ବଲାଙ୍ଗୀରର ସାଲେଭଟା ବିଭାଗର ହାତୀ ୱାଚ୍ ଟାୱାରରେ ତୃତୀୟ ଆରିଏନଟେସନ୍ ପ୍ରୋଗ୍ରାମ ଏବଂ ଦକ୍ଷତା ବିକାଶ ତାଲିମ ଶୃଙ୍ଖଳାର ମୂଳ ସ୍ତରରେ କ୍ଷେତ୍ର କାର୍ଯ୍ୟକର୍ତାଙ୍କୁ ଦିଆଯାଇଥିଲା, ଯାହାକୁ ଗଜ ସାଥୀ କୁହାଯାଏ । ହାତୀ ଗତିବିଧି ପ୍ରବୃତି କରୁଥିବା ଗ୍ରାମଗୁଡିକର ଜଙ୍ଗଲ କର୍ମଚାରୀଙ୍କ ସାମ୍ନାରେ ତାଲିମ ସମୟରେ ହାତୀ ଗତିବିଧି ଉପରେ ନଜର ରଖିବା ଏବଂ ହାତୀ ଘଉଡାଇବା ସମୟରେ କଣ କରିବେ କଣ ନ କରିବେ ସମ୍ବନ୍ଧୀୟ ସମସ୍ତ ବୈଷୟିକ ସୂଚନା ଦିଆଯାଇଛି। ହାତୀକୁ ବିଭିନ୍ନ ଅଂଚଳକୁ ସ୍ଥାନାନ୍ତର କରିବା ସମୟରେ ମାନବ-ପଶୁ ବିବାଦ ଏବଂ ହାତୀ ମୃତ୍ୟୁକୁ ରୋକିବା ପାଇଁ ପ୍ରତ୍ୟେକ ରେଞ୍ଜର ଅଧିକାରୀମାନେ ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶ ଦେଇଛନ୍ତି। ଅଂଶଗ୍ରହଣକାରୀମାନଙ୍କୁ ଚିନ୍ମୟ ପ୍ରଧାନ, ଫୋରେଷ୍ଟ ଗାର୍ଡ ଧନ୍ୟବାଦ ଜଣାଇଥିଲେ ଓ ଉଭୟ ରେଞ୍ଜରେ ନିୟୋଜିତ ୬୦ ଜଣ ଏହି ପ୍ରଶିକ୍ଷଣରେ ଭାଗ ନେଇଥିଲେ । ମନୁପାଲି ଓ ଲୁହୁରାମୁଣ୍ଡା ଠାରେ ହାତୀ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ପରେ ଏକ ଶୋଭାଯାତ୍ରା କରାଯାଇଥିଲା। ପାଉଲ ହରପାଲ, ଲୋଇସିଂହା ରେଞ୍ଜର ରେଞ୍ଜ ଅଧିକାରୀ ଆନନ୍ଦ ଚନ୍ଦ୍ର ବିଶି, ପାଟନାଗଡ ରେଞ୍ଜର ରେଞ୍ଜ ଅଫିସର, ବିମ୍ବାଧର ବେହେରା, ବନପାଳ, ବିଜଲକ୍ଷ୍ମୀ ନାୟକ, ଫୋରେଷ୍ଟ ଗାର୍ଡ, ଚିନ୍ମୟ ପଧାନ, ଫୋରେଷ୍ଟ ଗାର୍ଡ ଏବଂ ମିସ୍ ନମିତା ତାଣ୍ଡି ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କେନ୍ଦ୍ରାପଡା ହାଇସ୍କୁଲରେ ଶିକ୍ଷକ ଅଭିଭାବକ ବୈଠକ

କେନ୍ଦ୍ରାପଡା, ୧୧/୧୨ (ନି.ପ୍ର): କେନ୍ଦ୍ରାପଡା ହାଇସ୍କୁଲରେ ଶିକ୍ଷକ ଅଭିଭାବକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ସୈକ୍ଷିକ ବାତାବରଣ ସୃଷ୍ଟିକରି ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ମୁଖୀ କରାଇବା ଏହି ବୈଠକର ଉଦ୍ଦେଶ୍ୟ ବୋଲି ଜଣାପଡିଛି ।

## ମହାନ ବିପ୍ଳବୀ ରେଣ୍ଡୋ ମାଝୀଙ୍କ ୧୬୭ ତମ ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳନ

ଭବାନୀପାଟଣା, ୧୧/୧୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାରେ ଜିଲ୍ଲା ଆଦିବାସୀ ସଂଘ ତରଫରୁ ବୀର ସ୍ୱାଧୀନତା ସଂଗ୍ରାମୀ ସହିଦ ରେଣ୍ଡୋ ମାଝୀଙ୍କ ୧୬୭ ତମ ସହିଦ ଦିବସ ଅବସରରେ ସମସ୍ତ କଳାହାଣ୍ଡି ଜିଲ୍ଲାର ଆଦିବାସୀ ଗୁରୁଜନ ଭାଇ ଭଉଣୀଙ୍କୁ ନେଇ ଏହାକୁ ଏକ ମହାନ ଦିବସ ରୂପେ ପାଳନ ହୋଇଛି। ରେଣ୍ଡୋ ମାଝୀ ହେଉଛନ୍ତି ଆଦିବାସୀ କୁଇ ସମ୍ପ୍ରଦାୟର ବ୍ୟକ୍ତି ଯିଏକି ଇଂରେଜ ମାନଙ୍କ ସହିତ ଯୁଦ୍ଧ କରି ନିଜ ଜୀବନକୁ ବାଜି ଲଗେଇ ସହିଦ ହୋଇଥିଲେ। ହେଲେ ଆମ ରାଜ୍ୟରେ ସରକାର କାହିଁକି ଆଜି ପର୍ଯ୍ୟନ୍ତ ରେଣ୍ଡୋ ମାଝୀଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ଦେଇନାହିଁ ବୋଲି ଜିଲ୍ଲା ଆଦିବାସୀ ସଂଘ କହିଥିଲେ। ଏଇଟା ବଡ଼ ଦୁଃଖର ବିଷୟ ସମଗ୍ର ଜିଲ୍ଲାବାସି ଏକଜୁଟ ହୁଅନ୍ତୁ ଏବଂ ସରକାରଙ୍କ କର୍ଣ୍ଣ ଗୋଚର ପାଇଁ ଅଣ୍ଟା ଭିଡନ୍ତୁ ବୋଲି କହିଥଲେ। ଉକ୍ତ ଦିବସରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲା ସଭାପତି ପର୍ମାନନ୍ଦ ମାଝୀଙ୍କ ସହ ଅଧକ୍ଷ ଫକିର ମୋହନ ମାଝୀଙ୍କ ସହ ଅଧକ୍ଷ ଭବାନୀ ଶଙ୍କର ନିଆଲ, ରମେଶ ମାଝୀଙ୍କ ସହ ବହୁ ଆଦିବାସୀ ମାନେ ଉପସ୍ଥିତ ରହି ଦିବସ ପାଳନ କରିଥିଲେ।

## ଖୋର୍ଦ୍ଧା ବ୍ରାଉନ ସୁଗାର ବେପାରୀ ଧରା

ଖୋର୍ଦ୍ଧା, ୧୧/୧୨ (ନି.ପ୍ର): ଖୋର୍ଦ୍ଧା କୁରାଢ଼ ମେଲ ଗ୍ରାମର ପ୍ରତିପ କୁମାର ବଳିୟାର ସିଂହ ଓରଫ ଫକୀର ୩୪ ବର୍ଷ ପିତା ବିଜୟ ସଦର ଥାନା, ଗୋଡ଼ାଗ୍ରାମ ବୈକୁନ୍ଥ ପିତା, ବନମାଳୀ ପାଟସାହାଣୀ ବେଗୁନିଆ ବ୍ଲକ୍ ଏହି ଦୁହେଁ ଚୋରା ବ୍ରାଉନ ସୁଗାର ବ୍ୟବସାୟ କରନ୍ତି। କୌଣସି ସୂତ୍ରରୁ ଖବର ପାଇ ପୋଲିସ୍ ଚଢ଼ାଉ କରି ୧୧.୫୭ ଗ୍ରାମ ବ୍ରାଉନ ସୁଗାର, ଦୁଇଟି ମଟର ସାଇକେଲ ଓ ଗୋଟିଏ ମୋବାଇଲ ସହ ନଗଦ ୬୫୦ ଟଙ୍କା, ଦୁଇ ଜଣଙ୍କୁ ଧରି ଥିଲେ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୧/ ୧୨(ନି.ପ୍ର): ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଲଲାଟେନ୍ଦୁ କେଶରୀ ଜେନା ଅବସର ଗ୍ରହଣ କରିଥିବାରୁ ବିଭିନ୍ନ ସ୍ଥାନରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । କାର୍ଯ୍ୟାଳୟ ପରିସରରେ ସମସ୍ତ କର୍ମଚାରୀ, ପ୍ରଦୀପ ଜେନା, ବଂଶୀଧର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଆଦିବାସୀ ଶିକ୍ଷକ ସଂଘର ସଭାପତି ପ୍ରଦୀପ କୁମାର ସିଂଙ୍କ ଅଧ୍ୟକ୍ଷତାରେ ହାତୀଗଡ ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଉପସଭାପତି ସୀତାରାମ ମୁର୍ମୁ, ଦୁଲାଲି ଟୁଡୁ, ରୁଇବାରି ମାର୍ଣ୍ଡି, ଦିଦି ସୁକାନ୍ତୁ, ପିଥ ଟୁଡୁ ପ୍ରଦୀପ କୁମାର ଜେନା, ରାମେଶ୍ୱର ମାଣ୍ଡି, ସୁନିଲ ସରେନ୍, ସୀତା ମୁର୍ମୁ, ବର୍ଷା ହାଁସଦା, ମୋ ସ୍କୁଲ ଅଭିଯାନର ବ୍ଲକ ସଂଯୋଜକ ହରେନ୍ଦ୍ର ମହନ୍ତ ପ୍ରମୁଖ ଫୁଲତୋଡା ଓ ଅଂଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଲଲାଟେନ୍ଦୁ କେଶରୀ ଜେନା ରାଇବଣିଆ ମାଟିର ପୁଅ ହୋଇଥିବାରୁ ତାଙ୍କର ବହୁମୁଖୀ ପ୍ରତିଭା ସଂପର୍କରେ ଉପସ୍ଥିତ ଶିକ୍ଷକମାନେ ବକ୍ତବ୍ୟ ରଖିଥିଲେ ।

## ନୂତନ ମହାଦେବ ମନ୍ଦିରର ଚୂଡାକରଣ ଉତ୍ସବ

ଜଳେଶ୍ୱର, ୧୧/ ୧୨(ନି.ପ୍ର): ଜଳେଶ୍ୱର ବ୍ଲକର କୋଟସାହି ପଂଚାୟତର ବାଗପଡା ଗାଁରେ ନୂତନ ନିର୍ମିତ ମହାଦେବ ମନ୍ଦିରର ଚାଡାକରଣ ଆଜି ଶେଷ ହୋଇଛି । ଉତ୍ତର ବାଲେଶ୍ୱରର ପ୍ରତି ଗାଁରେ ମହାଦେବ ମନ୍ଦିର ଥିବା ବେଳେ ବାଗପଡା ଗାଁରେ ନ ଥିବାରୁ ଗ୍ରାମବାସୀଙ୍କ ପ୍ରଚେଷ୍ଟା ଓ ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନଙ୍କ ସହାୟତା ଫଳରେ କପିଳେଶ୍ୱର ମହାଦେବ ମନ୍ଦିର ଗଢି ଉଠିଛି । ଆଜି ଦିନ ତମାମ ପୂଜାର୍ଚ୍ଚନା ହେବା ସହିତ ମନ୍ଦିର ଚୂଡାକରଣରେ ଗ୍ରାମବାସୀଙ୍କ ପକ୍ଷରୁ ଅର୍ପଣ କରାଯାଇଥିବା ଧାନ, ଚାଉଳ, ଅଳଙ୍କାର ଇତ୍ୟାଦି ପ୍ରଦାନ କରାଯାଇଥିଲା । ସରପଂଚ ମଂଜୁବାଳା ପ୍ରଧାନ, ଉତ୍ତମ ଦାସ ମହାପାତ୍ର, ନଗେନ୍ଦ୍ର ଜେନା, ଜୟ ନାରାୟଣ ପାତ୍ର ପ୍ରମୁଖ କାର୍ଯ୍ୟକୁ ଆଗେଇ ନେଇଥିଲେ । ଗାଁର ମଧୁସୂଦନ ବାରିକ, ଗୋପାଳ ବେହେରା, ବିଶେଶ୍ୱର ଜେନା, ଅନିରୁଦ୍ଧ ବାରିକ, ତପନ ଭୂୟାଁ, ସହଦେବ ପାତ୍ର, ଶଶିକାନ୍ତ ପାତ୍ର, ସପନ ଭୂୟାଁ, ରବିନ୍ଦ୍ର ବେହେରା, ମନୋରଂଜନ ବେହେରା, ସଂଜୟ ଭୂୟାଁ, ଗୌତମ ବାରିକ, ଚୌତନ୍ୟ ମାଝି, ପୂର୍ଣ୍ଣ ରାଉଳ, ରଂଜନ ଭୂୟାଁ, ସରୋଜ ବେହେରା, ବାସନ୍ତି ଭୂୟାଁ, ରମେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ନୀତି ଆୟୋଗର ସି.ଇ.ଓ.ଙ୍କ ମୟୂରଭଂଜ ଗସ୍ତ ଓ କ୍ଷେତ୍ର ପରିଦର୍ଶନ



ବାରିପଦା, ୧୧/୧୨ (ନି.ପ୍ର): ଆଜି ଅପରାହ୍ନ ରେ ନୀତି ଆୟୋଗର ସି.ଇ.ଓ. ପରମେଶ୍ୱରନ ଆୟାର ଦିନିକିଆ ମୟୂରଭଂଜ ଗସ୍ତରେ ଆସି ଯଶିପୁର ବ୍ଲକର ମହାର୍ଦାପଲସା ଉଚ୍ଚ ବାଳକ ବିଦ୍ୟାଳୟ ପରିଦର୍ଶନ ରେଯାଇ ବିଦ୍ୟାଳୟର ବର୍ତ୍ତମାନର ସ୍ଥିତିର ଅନୁଧ୍ୟାନ କରିବା ସହ ବିଭିନ୍ନ ସୁବିଧା ଅସୁବିଧା ସମ୍ବନ୍ଧରେ ବିଦ୍ୟାଳୟ କର୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ଇ-ଲାବରଟୋରୀ ଇତ୍ୟାଦି ବୁଲି ଦେଖିଥିଲେ ଏବଂ ଛାତ୍ର ମାନଙ୍କ ସହିତ ଶିକ୍ଷା ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ଇଂଟରେକ୍ସନ କରିଥିଲେ । ପରେ ପରେ ଖଡିଆ ମାଙ୍କଡ଼ିଆ ସମ୍ପ୍ରଦାୟର ଆଦିମ ଆଦିବାସୀ ବାସ କରୁଥିବା ଦୁର୍ଦ୍ଦୁରା ଗ୍ରାମ ପରିଦର୍ଶନ ରେ ଯାଇ (ପି.ଭି.ଟି.ଜି.) ସମ୍ପ୍ରଦାୟ ର ଖଡିଆ ମାଙ୍କଡ଼ିଆ ଜନ ଜାତି ଲୋକଙ୍କ ସହିତ ସିଧାସଳଖ କଥା ବାର୍ତା ହୋଇ ସେମାନଙ୍କ ବିଭିନ୍ନ ଅଭାବ ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଏହି ଅବସରରେ ଦୁର୍ଦ୍ଦୁରା ମାଙ୍କଡ଼ିଆ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗ୍ରାମବାସୀ ମାନଙ୍କ ତରଫରୁ ବସା ଯାଇଥିବା ବିଭିନ୍ନ ବନ୍ୟଜାତ ଔଷଧୀୟ ସାମଗ୍ରୀ ତଥା ବନ୍ୟଜାତ ଦ୍ରବ୍ୟରୁ ପ୍ରସ୍ତୁତ ବିଭିନ୍ନ ଉପକରଣର ଷ୍ଟଲ ଗୁଡିକ ବୁଲି ଦେଖିବା ସହ ଲୋକ ମାନଙ୍କ ସହିତ ଏସବୁ ଦ୍ରବ୍ୟ ଓ ଉପକରଣର ଉପଯୁକ୍ତ ମାର୍କେଟିଂ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମିଲେଟ ମିଶନ ଯୋଜନାରେ ଚାଷୀ ମାନଙ୍କ ସଫଳତା ବାବଦରେ ପଚାରିବୁଝିବା ସହ ଭବିଷ୍ୟତରେ ସେମାନଙ୍କୁ ଅଧିକରୁ ଅଧିକ ଅର୍ଥ ନୈତିକ ସ୍ୱାବଲମ୍ବୀ କରାଇ ସେମାନଙ୍କ ଜୀବନ ଶୈଳୀର ମାନକୁ ଉନ୍ନତ କରିବା ନିମନ୍ତେ ସରକାରଙ୍କ ତରଫରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ନେଇ ସ୍ପଷ୍ଟ କରିଥିଲେ । କାର୍ଯ୍ୟକ୍ରମ ଅନ୍ୟମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ସଚିବ ଅନିଲ କୁମାର ଝା, ନୀତି ଆୟୋଗର ନିର୍ଦ୍ଦେଶକ ଅକ୍ଷୟ ରାଉତ, ଅମିତ ବର୍ମା ପ୍ରମୁଖ ଆସିଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରସାଶକ ବସନ୍ତ କୁମାର ସେଠି, ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୁଜରାଟରେ କଂଗ୍ରେସକୁ ....

ଦାନ କରୁଥିବା ଲୋକଙ୍କୁ ଧମକ ଦିଆଯାଉଥିବାରୁ ବିଜେପି ଏହା ମାଧ୍ୟମରେ ଏକପାଖିଆ ଅର୍ଥ ପାଇଥାଏ । ଗେହଲଟ କହିଛନ୍ତି ଯେ, ୨୦୧୭ରେ ଆପ ଗୁଜରାଟରେ ଅମାନତ ହରାଇଥିଲା । କିନ୍ତୁ ଚଳିତ ବର୍ଷ ଆପ୍ ଏଠାରେ ଖାତା ଖୋଲିଛି । କିନ୍ତୁ ଆପ୍ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଉଛି । ଲୋକେ ତାଙ୍କ ଉଦ୍ଦେଶ୍ୟ ବୁଝିସାରିଲେଣି ବୋଲି ଗେହଲଟ କହିଛନ୍ତି । ଗୁଜରାଟରେ ଅପରାଜେୟ ରହିଛି ବିଜେପି । କେବଳ ଅପରାଜେୟ ରହିନି ଏଥରର ବିଧାନସଭା ଫଳାଫଳ ସମସ୍ତଙ୍କୁ ଚମକାଇ ଦେଇଛି । ମୋଟ ୧୮୨ ଆସନରୁ ୧୫୬ ସିଟ୍ ଜିତି ଦଳ ଇତିହାସ ସୃଷ୍ଟି କରିଛି । ଗୁଜରାଟରେ ବିଜେପିର ସର୍ବକାଳୀନ ବୃହତ ବିଜୟ ପରେ ମୁଖ୍ୟମନ୍ତ୍ରୀ ଆସନ ବଜାୟ ରଖିବାକୁ ଯାଉଛନ୍ତି ଭୂପେନ୍ଦ୍ର ପଟେଲ୍ । ଆସନ୍ତା ୧୨ ତାରିଖରେ ସରକାର ଶପଥ ନେବାକୁ ଯାଉଛି ଏବଂ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦି ଯୋଗଦେବା ନେଇ ସୂଚନା ଦେଇଛନ୍ତି ନିଜେ ଭୂପେନ୍ଦ୍ର ପଟେଲ ।

### ଫିଲ୍ମ ଷ୍ଟାଇଲରେ ଚୋରି କରି ଫସିଗଲେ....

ଯୋଗାଯୋଗ କରିଥିଲେ । ସଂପୃକ୍ତ ପିକଅପ ଭ୍ୟାନ ମାଲିକ ମିକ୍ସର ମେସିନକୁ ଭୁବନେଶ୍ୱର ଯାଏଁ ନେଇଥିଲେ । ଏଥିପାଇଁ ସୁତାଂଶୁ ଫୋନପେରେ ଭଡା ଦେଇଥିଲେ । ସୀତାଂଶୁ ଏହି ଗାଡିକୁ ମଞ୍ଚେଶ୍ୱର ଅଞ୍ଚଳର ଜଣେ ଅଣଓଡିଆ କବାଡିବାଲାଙ୍କୁ ବିକ୍ରି କରିଦେଇଥିଲେ । ପୁଲିସ ତଦନ୍ତ ବେଳେ ସିସିଟିଭି ଫୁଟେଜ ଆଧାରରେ ପ୍ରଥମେ ପିକ ଅପ ଭ୍ୟାନ ମାଲିକଙ୍କୁ ଧରିଥିଲା । ଆଉ ତାଙ୍କ ସୂଚନା ଆଧାରରେ ଅନ୍ୟମାନଙ୍କୁ କାବୁ କରିଛି । ଉଦ୍ଧାର ହୋଇଥିବା ମେସିନକୁ ମାଲିକଙ୍କୁ ଫେରାଇଦିଆଯାଇଛି । ଗିରଫ ସୁତାଂଶୁଙ୍କ ପୂର୍ବରୁ ଏକ ଫିଲ୍ମ ରିଲିଜ ହୋଇସାରିଛି । ଏବେ ଆଉ ଏକ ଫିଲ୍ମ ରିଲିଜ ଅପେକ୍ଷାରେ ଅଛି । ଫିଲ୍ମ ନିର୍ମାଣରେ ହୋଇଥିବା କ୍ଷତିଭରଣା ପାଇଁ ମିକ୍ସର ମେସିନକୁ ସୁତାଂଶୁ ଚୋରି କରିଥିବା ଜଣାପଡିଛି । ମିକ୍ସର ମେସିନକୁ ଏଭଳି ଢଙ୍ଗରେ ଚୋରି କରିନେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ନାଳଗୋହିରା, ୧୧/୧୨ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ତରଫରୁ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ରାଷ୍ଟ୍ର ନିର୍ମାଣ ରେ ଶିକ୍ଷକ ମାନଙ୍କର ଭୂମିକା ବେଶ ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଜଳଧର ପୁର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରତାପ କିଶୋର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ନିରୀକ୍ଷକ ରବି ନାରାୟଣ ରାଉତ ପ୍ରମୁଖ ଯୋଗ ଦାନ କରି ଶିକ୍ଷକ ମାନଙ୍କ ର ଗୁଣାତ୍ମକ ଶିକ୍ଷାଦାନ ରେ ନିରନ୍ତର ପ୍ରଶିକ୍ଷଣର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନୁଷ୍ଠାନର ସମ୍ପାଦକ ଆତିଶ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶିକ୍ଷକ ଶରତ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଚାନ୍ଦବାଲି ସଂକୁଳ ର ପାଖାପାଖି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମୂହରୁ ୩୬ ଜଣ ଗୁରୁଜୀ ଗୁରୁମାଙ୍କୁ ଭାଷା ସାହିତ୍ୟ, ଗଣିତ, ଶିଶୁ ମନୋବିଜ୍ଞାନ, ବୈଦିକ ଗଣିତ ଆଦି ବିଷୟରେ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ବୃନ୍ଦାବନ ବାରିକ, ଅମିତ ତ୍ରିପାଠୀ, ଲତାମଞ୍ଜରୀ ନାୟକ, ଗୁରୁମା ରୀନାବାଲା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଲଜରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୧୧/୧୨ (ନି.ପ୍ର): ସ୍ଥାନୀୟ ମୋତିଗଞ୍ଜ ବଜାରର ଏକ ଲଜରୁ ଜନୈକ ଯୁବକଙ୍କ ମୃତ ଦେହକୁ ଟାଉନ ଥାନା ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ସହରର ସୁଏଲପୁର ଅଞ୍ଚଳର ସ୍ୱର୍ଗତ ରେବତୀ ନନ୍ଦନ ଶର୍ମାଙ୍କ ପୁତ୍ର ରାଜକିଶୋର ଶର୍ମା (୪୪)। ପତ୍ନୀଙ୍କ ଦେହାନ୍ତ ପରେ ସେ ଗତ କିଛିଦିନ ଧରି ମାନସିକ ଅବସାଦ ମଧ୍ୟରେ ରହୁଥିଲେ। ନିଜର ଦୁଇଝିଅଙ୍କୁ ନିଜ ଶାଳକଙ୍କ ଘରେ ରଖି ଏକାକୀ ଜୀବନ ଅତିବାହିତ କରୁଥିଲେ। କିଛି ମାସ ହେଲା ସେ ଏହି ଲଜ ର ୧୦୩ନମ୍ବର ରୁମରେ ରହୁଥିଲେ ଓ ମଝିରେ ମଝିରେ ଲଜ ଛାଡି ବାହାରକୁ ଚାଲିଯାଉଥିଲେ। ଗତ ୯ ତାରିଖ ଠାରୁ ଶ୍ରୀ ଶର୍ମା ରୁମରେ ରହିଥିଲେ। ଗତ କାଲି ରୁମରୁ ନ ବାହାରିବାରୁ ଲଜ କର୍ମଚାରୀମାନେ ସନ୍ଦେହ କରି ଝରକା କାଚ ଭାଙ୍ଗି ଦେଖିଥିଲେ ଯେ ଶ୍ରୀ ଶର୍ମା ଖଟ ଉପରେ ଶୋଇଛନ୍ତି। ମାତ୍ର ଯେତେ ଡାକିଲେ ମଧ ସେ ଉଠୁ ନାହାନ୍ତି। ଏନେଇ ଟାଉନ ଥାନାରେ ଲଜ ମାଲିକଙ୍କ ଏତଲା କ୍ରମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ କବାଟ ଭାଙ୍ଗି ମୃତ ଦେହ ଜବତ କରିଛି। ୧୮୬/୨୨ ନଂର ଏକ ଅପମୃତ୍ୟୁ ମାମଲା ରୁଜ୍ଜ ସହ ପରିବାର ଲୋକଙ୍କ ଉପସ୍ଥିତିରେ ପାଞ୍ଚନାମା ପୂର୍ବକ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ ଲଜରୁମ ଭିତରୁ ମୃତଦେହ ଉଦ୍ଧାର ବେଳେ କିଛି ଖାଲି ବିଦେଶୀ ମଦ ବୋତଲ, ଆଧାର କାର୍ଡ଼ ୨୦ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ ପୁଲିସ ଜବତ କରିଛି ଜବତ କରି ଘଟଣା ର ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ,ଭୁବନେଶ୍ୱରଙ୍କ ପକ୍ଷରୁ ଭୁବନେଶ୍ୱର ଜିଲ୍ଲା କୋର୍ଟ ପରିସରରେ ଚେକ୍ ବାଲାନ୍ସ ମାମଲା ସଂପର୍କିତ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ଲୋକ ଅଦାଲତ, ଜିଲ୍ଲା ଓ ଦୌରାଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ,ଭୁବନେଶ୍ୱର ଶ୍ରୀ ନିଶିଥ ନିଶାଙ୍କଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଅନୁଷ୍ଠିତ ହୋଇଥିଲା । ଉକ୍ତ ଲୋକ ଅଦାଲତରେ ମଣ୍ଡଳ ନ୍ୟାୟାଧୀଶ ଶ୍ରୀ ଆଲୋକ ପଣ୍ଡାଙ୍କ ଦ୍ୱାରା କୋର୍ଟଙ୍କ ପକ୍ଷରୁ ୪୫୦ଟି ଏନ.ଆଇ ଆକ୍ଟ (ନେଗୋସିଏବଲ ଇନଷ୍ଟ୍ରୁମେଂଟ ଆକ୍ଟ) ମାମଲା ଆଗତ କରାଯାଇ ତନ୍ମଧ୍ୟରୁ ୬୦ଟି ମାମଲା ଫଇସଲା କରାଯାଇଥିବା ବେଳେ ୬୮,୭୩,୨୩୭ ଟଙ୍କା ଆଦାୟ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶିଶିର କୁମାର ସାହୁ ୩୦ ଟି ମାମଲାରୁ ୧୩ ଟି, ଜେ.ଏମ୍. ଏଫ୍.ସି ସୁନୀଲ ମିଶ୍ର ୪୫ ଟି ମାମଲାରୁ ୨୫ ଟି ,ପାୟଲ ଗୁପ୍ତା ୫୦ଟି ମାମଲାରୁ ୪୮ ଟି, ଜେ.ଏମ୍.ଏଫ୍.ସି ପି.କୁମାର ୯୬ ଟି ମାମଲାରୁ ୪୬ ଟି, ଜେ.ଏମ୍.ଏଫ୍.ସିପୂଜା ଜୈନ ୧୦୦ଟି ମାମଲାରୁ ୮୧ ଟି, ଜେ.ଏମ୍.ଏଫ୍.ସି ଝିଲିନା ନାଏକ ୧୮୯ ଟି ମାମଲାରୁ ୫୮ ଟି, ଜେ.ଏମ୍.ଏଫ୍.ସି ଭାନୁପ୍ରତାପ ୬୫ ଟି ମାମଲାରୁ ୫୦ ଟି ଏବଂ ଜେ.ଏମ୍. ଏଫ୍ ସି ଗିରିଶ ଚନ୍ଦ୍ର ମୁଦୁଲି ମାନ୍ୟବର ଅଦାଲତଙ୍କ ପକ୍ଷରୁ ୫୦ ଟି ମାମଲା ମଧ୍ୟରୁ ୨୫ ଟି ଚେକ୍ ବାଉନ୍ସ ମାମଲାର ଫଇସଲା କରିଥିଲେ । ସର୍ବୋମୋଟ ୧୦୭୫ଟି ଏନ୍.ଆଇ.ଆକ୍ଟ ମାମଲାଆଗତ କରାଯାଇ ତନ୍ମଧ୍ୟରୁ ୪୦୬ଟି ମାମଲାର ଫଇସଲା କରାଯାଇ ସମୁଦାୟ ୩,୧୨,୧୬,୩୭୮ ଟଙ୍କା ଆଦାୟ ପାଇଁ ବ୍ୟବସ୍ଥା ଗ୍ରହଣକରାଯାଇଥିଲା । ପ୍ରକାଶ ଥାଉକି, ଉଭୟ ପକ୍ଷଙ୍କ ସହମତି ଭିତ୍ତିରେ ମାମଲାଗୁଡିକଫଇସଲା କରାଯାଇଥିଲା । ଶେଷରେ ଲୋକ ଅଦାଲତର ସଫଳତା ପାଇଁ ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ,ଭୁବନେଶ୍ୱର ଶ୍ରୀମତୀ ସୌଦାମିନୀ ସିଂ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଏବଂ କୋର୍ଟ କର୍ମଚାରୀ, ପ୍ରାଧିକରଣଙ୍କ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଷ୍ଟମ ବାର୍ଷିକ ତୁଳସୀଚୌରା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ



ବାରିପଦା, ୧୧/୧୨ (ନି.ପ୍ର): ସ୍ଥାନୀୟ ତୁଳସୀଚୌରା ଦୁର୍ଗାପୂଜା ପଡିଆରେ ୮ମ ବାର୍ଷିକ ତୁଳସୀଚୌରା ପ୍ରିମିୟର ଲିଗ ଲୋଚନା ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ୧୪ ନମ୍ବର ୱାର୍ଡର କାଉନସିଲର ବିବେକାନନ୍ଦ ନାୟକ, ମୟୂରଭଂଜ ଏଥଲେଟିକ ଏସୋସିଏସନର ସହ ସମ୍ପାଦକ ବୈଦ୍ୟନାଥ ରଥ ଏବଂ ଶ୍ରୀ ଦୁର୍ଗା ସ୍ପୋର୍ଟିଂ କ୍ଲବର ସଦସ୍ୟଙ୍କ ଉପସ୍ଥିତରେ ସ୍ୱର୍ଗତ ଲୋଚନ ଦାସଙ୍କ ସୁପୁତ୍ର ପୂର୍ଣ୍ଣଚନ୍ଦ୍ର ଦାସ ଏହି ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ ଓ ମୋଟ ୮ ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଚମ୍ପିୟାନ ଦଳ ପାଇଁ ୭୦ ହଜାର ଓ ରନର୍ସ ଦଳ ପାଇଁ ୫୦ ହଜାର ପୁରସ୍କାର ରାଶି ରହିଛି ଓ ପ୍ରଥମ ମ୍ୟାଚରେ ଆଲୋକ ସ୍ପୋର୍ଟିଂ ବ୍ଲାକ ପେନ୍ଥରକୁ ୫ ଉଇକେଟରେ ପରାସ୍ତ କରିଛି ଓ ବ୍ଲାକ ପେନ୍ଥର ୧୨ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରିଥିବା ବେଳେ ଆଲୋକ ସ୍ପୋର୍ଟିଂ ୯.୧ ଓଭରରେ ୫ ଉଇକେଟ ହରାଇ ୧୧୯ ରନ କରିଥିଲେ ଓ ଆଲୋକ ସ୍ପୋର୍ଟିଂର ଉପେନ୍ଦ୍ର ନାୟକ ସର୍ବାଧିକ ୪୪ ରନ କରିଥିଲେ ଓ ଦ୍ୱିତୀୟ ମ୍ୟାଚରେ ଥ୍ରୀଲର ଭି ରୋରକୁ ୩୨ ରନରେ ପରାସ୍ତ କରିଛି ଓ ଥ୍ରୀଲର ୧୨ ଓଭରରେ ୫ ଉଇକେଟ ହରାଇ ୧୩୫ ରନ କରିଥିବାବେଳେଭି ରୋର ୧୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ କରିଥିଲେ ଓ ଥ୍ରୀଲର ଦଳର ଆଲୋକ ଦାସ ସର୍ବାଧିକ ୪୩ ରନ କରିଥିବାବେଳେ ଭି ରୋର ଦଳର ମାନସ ସିଂହ ୨୫ ରନ ଓ ସୌମ୍ୟ ରଂଜନ ମିଶ୍ର ୨୪ ରନ କରିଥିଲେ ଓ ଦେବାଶିଷ ଗୁପ୍ତା ଓ ଉତମ ମହାକୁଡ଼ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ଦେଇଥିଲେ ଓ ମୁଖ୍ୟ ସଂଯୋଜକ ଭାବେ ଗଦାଧର ନାୟକ ଓ ଗୌତମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପକ୍ଷୀ ବେପାରରୁ ଆତ୍ମନିର୍ଭରଶୀଳ ଲକ୍ଷ୍ୟ : ନୀଳଗିରିରେ ଶାଖା ଉଦ୍‌ଘାଟନ କଲେ ଏନ.ଏ.ସି. ଅଧକ୍ଷା

ନୀଳଗିରି, ୧୧/୧୨ (ନି.ପ୍ର): ସଂଘର୍ଷ ରୁ କର୍ମମୟ ଜୀବନକୁ ଛାଡ଼ି ପାରିନାହାନ୍ତି ନୀଳଗିରି ଚିମିନିଭାଟି ଅଂଚଳର ଚିନ୍ମ ସାହୁ (୩୪) । ବିଦେଶୀ ପକ୍ଷୀକୁ ଚାଷ କରି ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବା ସହ ନିଜେ ଆତ୍ମନିର୍ଭରଶୀଳ ହେବା ଲକ୍ଷ ରଖିଛନ୍ତି ଏହି ଯୁବକ । ଧର୍ମପତ୍ନୀ ରଂଜିତା ସାହୁଙ୍କ ସହଯୋଗରେ ସେ ଏକ ଶାଖା ଖୋଲିଛନ୍ତି । ଏହି ଅବସରରେ ଓଲଡଙ୍ଗ ଛକରେ ପଲ୍ୟୁଟାରୀ ୱାଲ୍ଡ ନାମରେ ଏକ ଶାଖାକୁ ନୀଳଗିରି ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ଉଦ୍‌ଘାଟନ କରିଥିଲେ । ବିଶେଷ କରି ଜାପାନିଜ୍ କ୍ୟୁଏଲ ବା ଗୁଣ୍ଡୁରୀ ପକ୍ଷୀ ଅଣ୍ଡାକୁ ଦେଶୀୟ ଭାବେ ଚାଷ କରି ଲୋକଙ୍କୁ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି ପକ୍ଷୀର ମାଂସ ଓ ଅଣ୍ଡା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ଏବଂ ରୋଗପ୍ରତିଶେଧକ ଶକ୍ତି ବୃଦ୍ଧିରେ ସହଯୋଗ କରିଥାଏ । ରୁଷିଆ, କୋରିଆ, ଜାପାନ ପ୍ରଭୃତି ପୂର୍ବ ଏସିଆର ବହୁଳ ପରିମାଣରେ ଦେଖାଯାଉଥିବା ଏହି ପକ୍ଷୀର ମାଂସ ଖାଇବାକୁ ଗ୍ରହକଙ୍କ ଉତ୍କଣ୍ଠାକୁ ନେଇ ଯୋଗାଇ ଦିଆଯିବ ବୋଲି ଚିନ୍ମୟ କହିଛନ୍ତି । ଆଗାମୀ ଦିନରେ ଏହି ପକ୍ଷୀକୁ ବହୁଳ ପରିମାଣରେ ଚାଷ କରାଯାଇ ଯୋଗାଣ କରାଯିବ ବୋଲି କୁହାଯାଉଛି । ଏତଦ୍‌ଭିନ୍ନ କଡ଼କନାଥ, ଆସିଲ୍, ଭାଉଁଲି ଦେଶୀ କୁକୁଡ଼ା, ସୋନାଲି କୁକୁଡ଼ା, ବତକ ପ୍ରଭୃତି ମାଂସ ଯୋଗାଇ ଦିଆଯିବ ବୋଲି ସଂସ୍ଥାର ସତ୍ୱାଧିକାରୀ ଚିନ୍ମୟ ସାହୁ କହିଛନ୍ତି । ସେହିପରି ଉପରୋକ୍ତ ଜାତିର ସମସ୍ତ ପକ୍ଷୀ ମାଂସ ହୋମ ଡେଲିଭରି ମଧ କରାଯିବ ବୋଲି ସୂଚନା ମିଳିଛି । ଶାଖା ଉଦ୍‌ଘାଟନ ସମୟରେ ବିଜେଡି ଅନୁସୂଚିତ ଜାତି ସଭାପତି ଶରତ ଦାସ , ସମାଜସେବୀ ରମେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ସହଦେବଖୁଣ୍ଟାରେ ମୁନି ସମାଜର ବ୍ରହ୍ମଯଜ୍ଞ



ବାଲେଶ୍ୱର, ୧୧/୧୨ (ନି.ପ୍ର): ରବିବାର ଦିବା ୧୦ ଘଟିକା ସମୟରେ ସହଦେବ ଖୁଣ୍ଟା ଠାରେ, ଆତ୍ମଜ୍ଞାନୀ ମୁନି ରତ୍ନ ଯୋଗୀ ତ୍ରିଲୋଚନ ମୁନି-ମୁନିରାଜ୍ଞୀ ବୀଣାପାଣୀ ସାହୁଙ୍କ ବାସଭବନରେ, ତାଙ୍କ ସୁପୁତ୍ର ମହାବୀର ପ୍ରସାଦ ମୁନି-ମୁନିମତୀ ଆଲଫା ମୋନାଲିସାଙ୍କ ସୁକନ୍ୟା କୁମାରୀ ଆୟୁଷ୍ମତୀ ମୋତିଷାଙ୍କର୬ଷ୍ଠ ଶୁଭ ଜନ୍ମଦିନ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ ପ୍ରାନ୍ତୀୟ ପୂର୍ବତନ ଅଧକ୍ଷ ବ୍ରହ୍ମଜ୍ଞାନୀ ଆତ୍ମଦର୍ଶୀ ସିଦ୍ଧ-ସାଧକ ଯୋଗାଚାର୍ଯ୍ୟ ଶଶଧର ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ଥିଲେ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ । ସମ୍ମାନୀତ ବକ୍ତା ଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମରୁ ଆସିଥିବା ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ, ଯୋଗୀ ସୁଶୀଲ ମୁନି, ଯୋଗୀ ମଧୁସୂଦନ ପଣ୍ଡା, ଯୋଗୀ ରାମଚନ୍ଦ୍ର ବେହେରା, ଆତ୍ମଦର୍ଶ ଯୋଗଶିକ୍ଷୟତ୍ରୀ ଶାନ୍ତିଲତା ବେହେରା, କଳ୍ପନା ମିସ୍ତ୍ରୀ ମହୋଦୟା ଇତ୍ୟାଦି ।ଉପସ୍ଥିତ ଥିଲେ, ସମୁଦୀ-ଶ୍ରୀଯୁକ୍ତ ସରୋଜ କୁମାର ବେହେରା, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ମୁନିରାଜ୍ଞୀ ଯୋଗ ସାଧିକା ବାସନ୍ତୀ ମହାଳିକ, ବିମଳା ଲେଙ୍କା, ଯମୁନା ପାତ୍ର, ସୁମତୀ ବେହେରା, ନୀନ ସାହୁ , ଜୟନ୍ତୀ ଗିରୀ, ଅପୂର୍ବ ବେହେରା, କୈକେୟୀ ଜେନା, ମଞ୍ଜୁଲତା ବେହେରା, ମୁନି ଗଣେଷ ବର, ଯୋଗେନ୍ଦ୍ର ବେହେରା, ମୁନିମତୀ ଗୀତାଞ୍ଜଳୀ ସେଠି ଓ ପାର୍ବତୀ ସେଠି ଇତ୍ୟାଦି ଶତାଧିକ ମୁନି-ମୁନିମତୀ ମାନେ । ବନ୍ଧୁ ବାନ୍ଧବମାନେ, ସାହି ପଡିଶାମାନେ । ମୁନି ସଙ୍ଗୀତ ଏବଂ ଶୁଭ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ଏବଂ କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା । ସର୍ବ ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ମୋତିଷାଙ୍କୁ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ତା ପରେ ଉପସ୍ଥିତ ଯୋଗୀ, ଯୋଗାଚାର୍ଯ୍ୟ, ଯୋଗ ଶିକ୍ଷୟିତ୍ରୀମାନେ ସେମାନଙ୍କର ଆଶିର୍ବଚ ନ ପ୍ରଦାନ କରିଥିଲେ । ଶେଷରେ ଗୃହକର୍ତ୍ତା ଯୋଗୀ ତ୍ରିଲୋଚନ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି, ସ୍ୱାଦିଷ୍ଟ ଏକମାତ୍ର ଅନ୍ନ ଭୋରିଭୋଜନରେ ଆପ୍ୟାୟିତ କରିଥିଲେ ।

# ଶାଣ୍ଡିଲ୍ୟ ବିବେକ ଶିକ୍ଷା କେନ୍ଦ୍ରରେ ଜ୍ଞାନ ବିଜ୍ଞାନ ମେଳା



ଫୁଲାଡି, ୧୧/୧୨ (ନି.ପ୍ର): ସ୍ଥାନୀୟ ଶାଣ୍ଡିଲ୍ୟ ବିବେକ ଶିକ୍ଷା କେନ୍ଦ୍ର ରେ ସଭାପତି ବେଣୁଧର ବାରିକଙ୍କ ସଭାପତିତ୍ୱରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସାଧାରଣ ସମ୍ପାଦକ ଯୋଗନ୍ଦ୍ର ଦାଶ ଯୋଗଦାନ କରି ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଏବଂ ଉପାଦେୟତା ବିଷୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ରେମୁଣା ସଂକୁଳ ପ୍ରମୁଖ ରାମାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ପ୍ରଧନ, ପ୍ରତାପ ପଣ୍ଡା, ବିଜୟ ପରିଡା ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟ ରତ ପ୍ରଧାନ ଆଚାର୍ଯ୍ୟ ଦାମୋଦର ମହାରଣା ସ୍ୱାଗତ ଅଭିଭାଷଣ ରଖି ଥିବା ବେଳେ, ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ଦାଶ ଅତିଥି ପରିଚୟ କରିଥିବାବେଳେ ସଦସ୍ୟ ଗୁଣାକାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳା ରେ ସର୍ବମୋଟ ୪୪ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ଚମ୍ପାବତୀ ଦାସ, ସରସ୍ୱତୀ ଦତ୍ତ, ମୋନାଲିସା ମହାପାତ୍ର, ସସ୍ମିତା ବେହେରା, ପ୍ରୀତିପୁଷ୍ପା ସାହୁ, ନିକିତା ମଲ୍ଲିକ, ସୁଜାତା ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଦ୍ୱିତୀୟ ସଂଧ୍ୟା

ଭଦ୍ରକ, ୧୧/୧୨ (ନି.ପ୍ର): ଗୋଟିଏ ଆଦର୍ଶ ଓ ଉତ୍ତମ ପରିବାର ଗଠନ ଦିଗରେ ଯେପରି ନାରୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଠିକ୍ ସେପରି ରାଷ୍ଟ୍ର ଗଠନରେ ନାରୀର ପ୍ରମୁଖ ସହଯୋଗ ରହିଛି ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଦ୍ୱିତୀୟ ସଂଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବିଶିଷ୍ଟ ସାମାଜିକ କର୍ମୀ, ସ୍ୱାଧୀନତା ସଂଗ୍ରାମୀ ତଥା କବୟିତ୍ରୀ ଅନ୍ନପୂର୍ଣ୍ଣା ଦାସଙ୍କ ସ୍ମୃତିରେ ସମର୍ପିତ ଏହି ଦ୍ୱିତୀୟ ସଂଧ୍ୟାରେ ସମାଜ ସେବିକା ତଥା ବରିଷ୍ଠ ସାହିତ୍ୟିକା ଶାନ୍ତିଲତା ନାଗ ପୌରୋହିତ୍ୟ କରିଥିବା ବେଳେ ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷା ଊର୍ମିଳା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସୁନାମଧନ୍ୟ ଚିକିତ୍ସାବିତ୍ ତଥା ଆଧାତ୍ମିକ ମଣିଷ ଡାକ୍ତର ସତ୍ୟଭାମା ଦାସ, କବୟିତ୍ରୀ ଗୀତାରାଣୀ ଆଇଚ, ସମାଜ ସେବିକା ଅଧିବକ୍ତା ଅମିତାବାଳା ଆଚାର୍ଯ୍ୟ, ତେଜସ୍ୱିନୀ ମହିଳା ସଂଗଠନ ସମ୍ପାଦିକା ଶ୍ରୀମତୀ ଅଞ୍ଜନା ମିଶ୍ର ବରେଣ୍ୟ ଅତିଥି ଏବଂ ଡ. ରାଧାରାଣୀ ମହାପାତ୍ର ମୁଖ୍ୟବକ୍ତା ଓ ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନା ବରେଣ୍ୟ ବକ୍ତାଭାବେ ଯୋଗ ଦେଇଥିଲେ । ଉକ୍ତ ସମାରୋହରେ ରାଷ୍ଟ୍ର ଗଠନରେ ନାରୀ ଶୀର୍ଷକରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ଅତିଥିମାନେ ସେମାନଙ୍କ ମୂଲ୍ୟବାନ ବକ୍ତବ୍ୟ ରଖି ଶ୍ରୋତାମାନଙ୍କୁ ଅଭିଭୂତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ତଥା କବି ମନୋରମା ରାୟ ଅତିଥି ପରିଚୟ ପ୍ରଦାନ ଓ କବୟିତ୍ରୀ ଚୈତାଳୀ ଖିଲାର ଅତିଥି ମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଲୋଚନାଚକ୍ର ତଥା ନୃତ୍ୟ ସଂଗୀତ ସମାରୋହକୁ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଓ ରଶ୍ମିତା ସେଠୀ ପରିଚାଳନା କରିଥିଲେ । ଏହି ସମାରୋହରେ ଇଂ ଅଭୟ ସୂତାର, ଆବାହକ ନିହାର ରଂଜନ କର, ସମ୍ପାଦକ ରବିନାରାୟଣ ଖିଲାର, କୋଷାଧକ୍ଷ ଆଶିଷ ଅମିତାଭ ମହାପାତ୍ର, ସଂଗଠନ ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତ, କବୟିତ୍ରୀ ସୁମିତ୍ରା ପାଣି, ସୁପ୍ରଭା ପାଣି, କବି ବାବୁଲାଲ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାଲେଶ୍ୱର, ୧୧/୧୨ (ନି.ପ୍ର): ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ୭୮ତମ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦଯାପିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଅବତରଣ ସହ ୩ ଦିନିଆ କ୍ରୀଡ଼ା ଉତ୍ସବ ସମାପନ କରିଥିଲେ । କ୍ରୀଡ଼ା କ୍ଷେତ୍ରରେ ସଫଳ ପ୍ରଦର୍ଶନ ପାଇଁ ନିୟମିତ ଅଭ୍ୟାସ ଜାରି ରଖିବାକୁ ସେ ଖେଳାଳିଙ୍କୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଜିଲା ଜିଲ୍ଲା କ୍ରୀଡା ସଂଘର ପ୍ରସ୍ତାବ କ୍ରମେ ପରିମିଟ ପଡ଼ିଆରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ସାଂସଦ ପାଣ୍ଠିରୁ ୧୦ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ ନେଇ ଶ୍ରୀ ଷଡ଼ଙ୍ଗୀ ଘୋଷଣା କରିଥିଲେ । ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଧୀପ ଦାସ ଏହି ଉଦଯାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ଜିଲାର ସଫଳ କ୍ରୀଡ଼ାବିତଙ୍କ ସମ୍ପର୍କରେ ସୂଚନା ଦେଇଥିଲେ । ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ବୀରେନ୍ଦ୍ର ସ୍ୱାଇଁ, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, କୋଷାଧକ୍ଷ ଅମର ମହାନ୍ତି, କାର୍ତ୍ତିକ ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ଜିଲା କ୍ରୀଡ଼ା କ୍ଷେତ୍ରକୁ ଆଗେଇ ନେବାରେ ଆଥଲେଟିକ ଆସୋସିଏସନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ସଞ୍ଜୟ ଲେଙ୍କା, ନିମାଇ ରାଉତରାୟ, ସୁଜୟ ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ସାହୁ, ହରେନ ଚନ୍ଦ୍ର ରଣା, ସାଦିକ୍ ଅଲ୍ଲୀ ଖାଁ, ଗୌରୀ ଶଙ୍କର ସାହାଣୀ, ରବିନ ମିତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।ଏହି ଅବସରରେ ବିଭିନ୍ନ ବିଭାଗ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଏଥି ସହିତ ଜାତୀୟ ଓ ଆନ୍ତର୍ଜାତିକ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଲେଶ୍ୱରର ସଫଳ କ୍ରୀଡ଼ାବିତଙ୍କୁ ଏହି ଉଦଯାପନୀ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବରୁ ମନୋନୀତ ଶ୍ରେଷ୍ଠ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ ବୋଲି ସଂଗଠନର କର୍ମକର୍ତ୍ତା ସୂଚନା ଦେଇଛନ୍ତି ।

# ଉଦଳା ଶାଳପତ୍ର ଖଲିର ଗୁଣାତ୍ମକ ମାନ : ମୁମ୍ବାଇରେ ଚାହିଦା ପରେ ବିଦେଶ ବଜାରକୁ ପ୍ରବେଶ ଉଦ୍ୟମ

ଉଦଳା, ୧୧/୧୨ (ନି.ପ୍ର): ଉଦଳା ସହରକୁ ଲାଗିକରି ରହିଛି ଶିମିଳିପାଳ ଅଭୟାରଣ୍ୟ । ଏହି ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣରେ ଶାଳଗଛ ଦେଖିବାକୁ ମିଳୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଶାଳପତ୍ରରେ ଖଲିଟିପି ବିକ୍ରୟ କରିବା ସହିତ ନିଜର ଦୈନନ୍ଦିନର ଗୁଜୁରାଣ ମେଣ୍ଟାଇଥାନ୍ତି । ତେବେ ଏହି ଖଲିର ଗୁଣାତ୍ମକ ମାନକୁ ବୃଦ୍ଧି ଘଟାଇ କିପରି ଅଧିକ ଦାମରେ ବିକ୍ରୟ କରାଯିବ ସେଥିପାଇଁ ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା' ତରଫରୁ ଆରମ୍ଭ ହେଲା ଉଦ୍ୟମ । ପ୍ରଥମେ 'ଶୋଭା'ର କର୍ମୀ ମାନେ ଶାଳପତ୍ର ଖଲି ଟିପି ନିଜର ଗୁଜୁରାଣ ମେଣ୍ଟାଉଥିବା ସ୍ଥାନୀୟ ମହିଳା ମାନଙ୍କୁ ଏକତ୍ରିତ କରାଇ 'ମା' ଦୁର୍ଗାଦେବୀ ପ୍ରୋଡ୍ୟୁସର କମ୍ପାନି ଲିମିଟେଡ୍' ନାମରେ ଏକ ସଂଗଠନ ଗଠନ କଲେ । ଏଥିରେ ପ୍ରାୟ ୨ ହଜାରରୁ ଅଧିକ ମହିଳା ବର୍ତ୍ତମାନ ସଦସ୍ୟ ଅଛନ୍ତି । କିଛିଦିନ ପରେ ଭାରତ ସରକାରଙ୍କର ଏମ୍.ଏସ୍.ଏମ୍.ଇ. ଡ଼ିପାର୍ଟମେଣ୍ଟ ତରଫରୁ ସ୍ଫୁର୍ତ୍ତି ପ୍ରୋଜେକ୍ଟ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହିତ ନାବାର୍ଡ଼ ଜରିଆରେ ମହିଳା ମାନଙ୍କୁ ତାଲିମ ପ୍ରଦାନ କରାଗଲା । ବିଶେଷ କରି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ମେସିନ ଚଳାଇ କିପରି ଖଲିପତ୍ର ସିଲେଇ କରାଯିବ ଏବଂ ସିଲେଇ ପରେ ମେସିନ ମାଧ୍ୟମରେ କିପରି ପ୍ରେସିଂ ଓ ଡ଼ିଜାଇନ କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଗଲା । ଖୁବ ଅଳ୍ପ ଦିନ ମଧ୍ୟରେ ମହିଳା ମାନେ ମେସିନ ଚଳାଇବାରେ ଧୁରନ୍ଧର ହୋଇଯିବା ସହିତ ଖୁବ ସୁନ୍ଦର ଶାଳଖଲିର ବିଭିନ୍ନ ପ୍ରକାର ପାତ୍ର ତିଆରି କରିବାରେ ସକ୍ଷମ ହୋଇଗଲେ । ବର୍ତ୍ତମାନ ୩୫ ଗୋଟି ମେସିନ ମାଧ୍ୟମରେ ସିଲେଇ ଓ ପ୍ରେସିଂ କାର୍ଯ୍ୟ ଚାଲିଥିବା ବେଳେ ପ୍ରାୟ ୧ ହଜାରରୁ ଅଧିକ ମହିଳା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏଠାରୁ ଉତ୍ପାଦିତ ହେଉଥିବା ଶାଳପତ୍ରର ପାତ୍ର ଗୁଡ଼ିକୁ ବିକ୍ରୟ କରିବା ପାଇଁ ବାଲେଶ୍ୱର ଜିଲ୍ଲାର ପିଅର ପେଟାଲ ଏଲାଏନ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନି ଦାୟିତ୍ୱ ନେଇଛି । ବର୍ତ୍ତମାନ ଏହି ଖଲି ସୁଦୁର ମୁମ୍ବାଇ ବଜାରରେ ବିକ୍ରୟ ହେବା ସାଙ୍ଗକୁ ଦିନକୁ ଦିନ ଏହାର ଆଦର ବଢ଼ିବାରେ ଲାଗିଛି । ଖୁବ ଅଳ୍ପଦିନ ମଧ୍ୟରେ ଏହା ବିଦେଶ ବଜାରକୁ ପ୍ରବେଶ କରିବ ବୋଲି ଜଣା ଯାଇଛି । ବର୍ତ୍ତମାନ ଉଦଳାରେ ମା' ଦୁର୍ଗଦେବି ପ୍ରୋଡ୍ୟୁସର କମ୍ପାନିରେ କାର୍ଯ୍ୟରତ ମହିଳା ମାନେ ବେଶ ଦୁଇ ପଇସା ରୋଜଗାର କରିବାରେ ସକ୍ଷମ ହୋଇ ପାରିଛନ୍ତି ।

## ଭଦ୍ରକ ଚିନ୍ତନଚକ୍ରର ୧୩୬ତମ ମାସିକ ଅଧିବେଶନ

ଭଦ୍ରକ୧୧/୧୨: ଭଦ୍ରକ ଚିନ୍ତନଚକ୍ରର ୧୩୬ତମ ଅଧିବେଶନ ଭଦ୍ରକ କ୍ଲବର ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । କବି ହରିଶ୍ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ବରିଷ୍ଠ ଅଧିବକ୍ତା ନିତ୍ୟାନନ୍ଦ ଦାସ । 'ଆମ ଚିନ୍ତନର ସଂକୋଚନ ଓ ବାଟବଣା ବୌଦ୍ଧିକତା' ନିବନ୍ଧ ଉପରେ ବହୁ ବୁଦ୍ଧିଜୀବୀ ନିଜ ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ, ପ୍ରଫେସର ରମେଶ ଚନ୍ଦ୍ର ନାୟକ, ପ୍ର. ଅଟଳ ବିହାରୀ ନାୟକ, ଫେକରର ପୂର୍ବତନ ଡିଜିଏମ୍ ଗଙ୍ଗାଧର ମଲ୍ଲିକ, ଅଧିବକ୍ତା ଅଗଣି ଚରଣ ଜେନା, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର, ଡ. ରାମଚନ୍ଦ୍ର ପଣ୍ଡା, ବ୍ୟାଙ୍କ ଅଧିକାରୀ ମଦନ ମୋହନ ମହାକୁଡ଼, ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ ପ୍ରମୁଖ ଅଭିଜ୍ଞତାରୁ ଆମ ଚିନ୍ତନର ସଂକୋଚନ ଓ ବୌଦ୍ଧିକ ପ୍ରସାରଣ ଉପରେ ଗଭୀର ବିଶ୍ଳେଷଣ କରିଥିଲେ ।

## ପ୍ରଶାନ୍ତ ମହାପାତ୍ରଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ପୁରୁଣା ଭୁବନେଶ୍ୱର ବିଶିଷ୍ଟ ସମାଜସେବୀ ତଥା କଂଗ୍ରେସନେତ୍ରୀ ରଶ୍ମି ମହାପାତ୍ରଙ୍କ ସ୍ୱାମୀ ପ୍ରଶାନ୍ତ ମହାପାତ୍ରଙ୍କ ଅକାଳ ବିୟୋଗରେ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଶ୍ରୀ ପଟ୍ଟନାୟକ ତାଙ୍କ ଶୋକବାର୍ତାରେ କହିଥିଲେ ଯେ ଶ୍ରୀଯୁକ୍ତ ମହାପାତ୍ର ଜଣେ ଅତ୍ୟନ୍ତ ଦରଦୀ, ବନ୍ଧୁବତ୍ସଳ, ପରୋପକାରୀ ବ୍ୟକ୍ତିଥିଲେ । ରାଜନୀତି କ୍ଷେତ୍ରରେ ସେ ବିଚାରଧାରା ସହିତ ସବୁବେଳେ ରହି ଆସିଥିଲେ । ପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ପରିବାର ବର୍ଗଙ୍କୁ ଏହି ଦୁଃଖଦ ସମୟରେ ସହାୟକ ହୁଅନ୍ତୁ ଏବଂ ଯଥେଷ୍ଟ ସାହାସ ଓ ଶକ୍ତି ପ୍ରଦାନ କରନ୍ତୁ ବୋଲି ସେ କହିଛନ୍ତି । ଅନୁରୂପ ଭାବେ ତାଙ୍କ ପାର୍ଥିବ ଶରୀରରେ ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ ।

## ବିଶିଷ୍ଟ ପୂଜକ କାର୍ତ୍ତିକେଶ୍ୱରଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି



ବସ୍ତା, ୧୧/୧୨ (ନି.ପ୍ର): ବସ୍ତା ବ୍ଲକ ଅଧୀନ ରୂପସା ଅନ୍ତର୍ଗତ ହବିଗଞ୍ଜ ଗ୍ରାମର ବିଶିଷ୍ଟ ଧର୍ମ ପରାୟଣ ବ୍ୟକ୍ତି ତଥା ପୂଜକ ସ୍ୱର୍ଗତ କାର୍ତ୍ତିକେଶ୍ୱର ପଣ୍ଡାଙ୍କ ଏକାଦଶାହ ଅବସରରେ ଅଞ୍ଚଳବାସୀଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ନିରଞ୍ଜନ ପଣ୍ଡା ଶର୍ମା, ସମ୍ମାନିତ ଅତିଥିଭାବେ ଗଙ୍ଗାଧର ପାଣିଗ୍ରାହୀ, ପ୍ରାକ୍ତନ ସରପଞ୍ଚ ମଦନମୋହନ ଜେନା, ରୂପସା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ, ଚକ୍ରଧର ଆଚାର୍ଯ୍ୟ, ଦୟାନିଧି ପତି ଓ ଚିନ୍ତାମଣି ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଗୁଣାବଳୀ ଓ କାର୍ଯ୍ୟଧାରା ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ କାର୍ତ୍ତିକେଶ୍ୱର ପଣ୍ଡା ଜଣେ ମେଳାପୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ । ସେ ଦୀର୍ଘଦିନଧରି ଗଡ଼ପଦା ପଞ୍ଚାୟତର ୱାର୍ଡମେମ୍ବର ଓ ରାଉତପଡା ସେବା ସମବାୟ ସମିତିର ସଦସ୍ୟ ଥିଲେ । ୰ ପଣ୍ଡାଙ୍କ ପୁତ୍ର ମଧୁସୂଦନ ପଣ୍ଡା, ରଣଜିତ ପଣ୍ଡା, ଗୌରହରି ପଣ୍ଡା, ପୁତ୍ରବଧୂ, ଆତ୍ମୀୟସ୍ୱଜନ, ଅନ୍ନଦା ପ୍ରସନ୍ନ ପଟ୍ଟନାୟକ, ରତନ କୁମାର ଦାସ, ହରିଶ୍ଚନ୍ଦ୍ର ପ୍ରଧାନ, ଗୌରୀ ପଣ୍ଡା, ପ୍ରିୟବ୍ରତ ପଣ୍ଡା ଓ ପବିତ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦାଣ୍ଡି ମନ୍ଦିରରୁ ଚୋରି: ଅଭିଯୁକ୍ତ ଗିରଫ

ବସ୍ତା,୧୧।୧୨(ନିପ୍ର):ବସ୍ତା ଥାନା ଅଧୀନ ଦାଣ୍ଡି ଶିବ ମନ୍ଦିରରୁ ଚୋରି ଘଟଣାରେ ରବିବାର ଅଭିଯୁକ୍ତ ଗିରଫ ହୋଇଛି ।ପୁଲିସ ଗୋପୀନାଥପୁର ଗ୍ରାମନିବାସୀ ସେକ ଆରିଫ ଗିରଫ କରିଥିବା ବେଳେ ଚୋରି ଜିନିଷ କିଣିଥିବା ଅଭିଯୋଗରେ ସେହି ଗାଁର ସେକ ଜଇରୁଦ୍ଦିନ କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## କୁଣ୍ଡେଇ ଗ୍ରାମରେ ଅଗ୍ନିକାଣ୍ଡ : ଜଳିଗଲା ୨ ବଖରା

ବସ୍ତା,୧୧।୧୨(ନିପ୍ର)ବସ୍ତା ବ୍ଲକ ଓ ଦରଡ଼ା ପଞ୍ଚାୟତ ଅଧୀନ କୁଣ୍ଡେଇ ଗାଁରେ ନିଆଁ ଲାଗି ୨ବଖରା ଘର ଜଳି ଯାଇଛି ।ଶନିବାର ବିଳମ୍ବିତ ରାତିରେ ନିତ୍ୟାନନ୍ଦ ଜେନାଙ୍କ ରୋଷେଇ ଘର ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବସ୍ତା ଦମକଳ କେନ୍ଦ୍ର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ ।ଏହି ଅଗ୍ନିକାଣ୍ଡ ରେ ଜେନା ପରିବାରର ବହୁ କ୍ଷତି ଘଟିଛି ।ତାଙ୍କୁ ସରକାରୀ ସାହାଯ୍ୟ ଦିଆଯିବାକୁ ଦାବି ହୋଇଛି ।

## କୁଳିଦା ଜନସେବା କେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ



ବସ୍ତା, ୧୧/୧୨ (ନି.ପ୍ର): ବସ୍ତା ବ୍ଲକ୍ କୁଳିଦା ପଂଚାୟତ ଅନ୍ତର୍ଗତ ଗୁଡ଼ିଖାଳ ବଜାରସ୍ଥିତ କୁଳିଦା ଜନସେବା କେନ୍ଦ୍ରର ପ୍ରତିଷ୍ଠାତା ତଥା ଉଦ୍ୟୋକ୍ତା ଜନ୍ମେଜୟ ପରିଡ଼ାଙ୍କ ପୌରହିତ୍ୟରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବସ୍ତା ଏସଡ଼ିପିଓ ଜଳନ୍ଧର ଜାଲି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଓ ଅନ୍ୟତମ ଅତିଥି ଭାବେ କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ଯୋଗ ଦେଇ ମିଳିତ ଭାବେ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ ।ଜିଲା ରକ୍ତ ଭଣ୍ଡାରର ଡାକ୍ତର ମହେଶ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରରୁ ମୋଟ୍ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏହି ଅବସରରେ ସରପଞ୍ଚଙ୍କ ପ୍ରତିନିଧି ଜୟକୃଷ୍ଣ ସେନାପତି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତି, ଅଶ୍ୱିନୀ କୁମାର ଦାସ, ଗୋପାଳ କୃଷ୍ଣ ମହାପାତ୍ର, ଗଣେଶ ଚନ୍ଦ୍ର ନାୟକ, ଅଜୟ କୁମାର ନାୟକ, ବିଜୟ କୁମାର ନାୟକ, ଚିତ୍ତ ରଞ୍ଜନ ପରିଡା, ଅରୁଣ ଲେଙ୍କା, ଅରୁଣ ପରିଡା, କାହ୍ନୁଚରଣ ଚୌଧୁରୀ, ଅଞ୍ଜନ ଦତ୍ତ, ଚନ୍ଦନ ଦତ୍ତ, ଜୀବନ କୃଷ୍ଣ ଦେ, ପିୟୁସ କୁମାର ନାୟକ, ରାଜେନ୍ଦ୍ର ନାୟକ ଓ ଗୁଡିଖାଳ ବଜାର କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବାବୁଲାଲ ଅଗରୱାଲା ସ୍ମୃତି ପୁରସ୍କାର ପ୍ରଦାନ

## ଜିଲ୍ଲାର ୨୬ଟି ବ୍ଲକର ଶ୍ରେଷ୍ଠ ବିବେଚିତ ଚାଷୀଙ୍କୁ ସମ୍ବର୍ଦ୍ଧନା




ବାରିପଦା, ୧୧/୧୨ (ନି.ପ୍ର): କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ଅସମ୍ଭବ ଏଣୁ ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବି ମାନଙ୍କର ବିକାଶ ନିତ୍ୟାନ୍ତ ଜରୁରୀ ବୋଲି ଆଜି ବାରିପଦା ଷ୍ଟାଡିୟମ ସଭାଗୃହ ଠାରେ ଆୟୋଜିତ ବାବୁଲାଲ ଅଗରୱାଲା ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି ଏବଂ ସଦଭାବନା ସମିତିର ପ୍ରତିଷ୍ଠାତା ଭୂମିପୁତ୍ର ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତପୋଷଣ କରିବା ସହିତ ବେସରକାରୀ ଉଦ୍ୟମରେ ଦୀର୍ଘ ୨୩ବର୍ଷ ଧରି ଜିଲାର ସମସ୍ତ ୨୬ଟି ବ୍ଲକର ଅଗ୍ରଣୀ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ପରମ୍ପରା ଅନନ୍ୟ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ବିଭାଗୀୟ ସଂଯୋଜନାରେ ବ୍ଲକୱାରି ଶ୍ରେଷ୍ଠ କୃଷକଙ୍କୁ ଚୟନ କରାଯାଇ ପ୍ରତିବର୍ଷ ପୁରସ୍କାର ପ୍ରଦାନ କରାଯାଉଥିବାରୁ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ । ସ୍ୱର୍ଗତ ବାବୁଲାଲ ଅଗରୱାଲାଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି ୨୩ତମ ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବର ପଣ୍ଡିତ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ, ଜିଲା ପରିବେଶ ସମିତିର ଉପାଧକ୍ଷ ସନ୍ତୋଷ ମହାନ୍ତି, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ବିଜନ ଦାସ, ଅଲ ଇଣ୍ଡିଆ ମାରୱାଡ଼ି ଯୁବ ମଂଚ ଅନ୍ତର୍ଜାତୀୟ ଫୋରମର ଚେୟାରମ୍ୟାନ ହେମନ୍ତ ଶାହା, ଉତ୍କଳମଣି ଗୋପବନ୍ଧୁ ଶିକ୍ଷା ଓ ଶିକ୍ଷକ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ, ସାମ୍ବାଦିକ ରଂଜନ କୁମାର ଦାସ, ବାରିପଦା ଆକାଶବାଣୀର କାର୍ଯ୍ୟକ୍ରମ ଅଧିକାରୀ ସତ୍ୟାନନ୍ଦ ଶେଜପଡା, ଇକୋ କ୍ଲବର ଜିଲା ସଂଯୋଜକ ଡ. ଶଶିଧର ବିଶ୍ୱାଳ ପ୍ରମୁଖ ବାବୁଲାଲ ଅଗରୱାଲାଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ପୁରସ୍କୃତ ଚାଷୀଙ୍କ ମଧ୍ୟରୁ ଯଶିପୁରର ମହିଳା ଚାଷୀ ସୁବାଷ ମହାନ୍ତ ସଫଳ ମାଣ୍ଡିଆ ଚାଷ ସଂପର୍କରେ ଏବଂ କରଂଜିଆର ଚାଷୀ ଦେବବ୍ରତ ଦେହୁରୀ ଚାଷ ଜମିରୁ ଉଲ୍ଲେଖନୀୟ ରୋଜଗାର ସଂପର୍କରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଦିବଂଗତ ବାବୁଲାଲ ଅଗରୱାଲାଙ୍କ ଫଟୋଚିତ୍ରରେ ଅତିଥି ମାନେ ମାଲ୍ୟାର୍ପଣ କରିଥିବା ବେଳେ ଶେଷରେ ଫାଉଣ୍ଡେସନର ସହଯୋଗୀ ଅକ୍ଷୟ ଅଗରୱାଲା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଜିଲାର ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ମିହିର କୁମାର ମହାନ୍ତ ବାରିପଦା, ସୋମନାଥ ଜେନା ଶାମାଖୁଂଟା, ରବୀନ୍ଦ୍ର ସାହୁ ଶୁଳିଆପଦା, ସୁବଳ ସାମଲ ବେତନଟୀ, ଚନ୍ଦନ କୁମାର ଗିରି ରାସଗୋବିନ୍ଦପୁର, ଛାକୁ କିସ୍କୁ ମୋରଡ଼ା, ଧୀରେନ୍ଦ୍ର ମାଟିଆ ବଡ଼ସାହି, ମଦନ ହାଁସଦା ବାଙ୍ଗିରିପୋଷି, ଅନନ୍ତ ପ୍ରସାଦ ନାଏକ କୁଳିଅଣା, ଦେବାଶିଷ ଘୋଷ ସାରସକଣା, କାହ୍ନୁ ଚରଣ ମୁର୍ମୁ ଉଦଳା, ସନ୍ତୋଷ କୁମାର ପରିଡ଼ା ଗୋପବନ୍ଧୁନଗର, ବିଷ୍ଣୁ ମୁର୍ମୁ ଖୁଂଟା, ଶଶିକାନ୍ତ ନାଏକ କପ୍ତିପଦା, ଦେବବ୍ରତ ଦେହୁରୀ କରଂଜିଆ, ଶଶି ଭୂଷଣ ମିଶ୍ର ଶୁକ୍ରୁଳି, ଭବାନୀ ଶଙ୍କର ମହାନ୍ତ ଠାକୁରମୁଣ୍ଡା, ମହିଳା ଚାଷୀ ସୁବାଷ ମହାନ୍ତ ଯଶିପୁର, ଦିବ୍ୟଜ୍ୟୋତି ମହାନ୍ତ ରରୁଆଁ, ଦଧିସ୍ୱର ମହାନ୍ତ ରାଇରଙ୍ଗପୁର, ସର୍ବେଶ୍ୱର ବେହେରା ବିଶୋଇ, ସୁପାଇ ଟୁଡୁ ବିଜାତୋଳା, ମହିଳା ଚାଷୀ ପୁଷ୍ପାଂଜଳି ମହାନ୍ତ କୁସୁମୀ, ଜଗନ୍ନାଥ ବାଗେ ଜାମଦା, ମୁନିରାମ ମୁର୍ମୁ ବହଳଦା ଏବଂ ବିଶ୍ୱରଂଜନ ମୁର୍ମୁ ତିରିଂ ପ୍ରମୁଖ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।

## ଜିଲ୍ଲାସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ ପାଳିତ



ବାଲେଶ୍ୱର, ୧୧/୧୨ (ନି.ପ୍ର): ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ ଭୀମପୁରା ସ୍ପୋର୍ଟସ ହଷ୍ଟେଲ ପରିସର ରେ ଅନୁଷ୍ଠିତ ହୋଯାଇଅଛି । ଏଥିରେ ମୁଖ୍ୟ ଅତିଥି ଏଡିଏମ୍ ନିଲୁ ମହାପାତ୍ର ପତକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ । ବାଲେଶ୍ୱର ରେ ଥିବା ୯ଟି ସ୍ଥାନ ରୁ ଆସିଥିବା ଶିଶୁ ଯତ୍ନୟ ଅନୁଷ୍ଠାନ ର ୧୩-୧୮ ବର୍ଷ ପିଲାମାନେ ୧୦୦ ମିଟର ଦୌଡ଼,୨୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, କେରାମ, ବାଳକ ବାଳିକା ଚେସ, ବାଳକ ବାଳିକା ମାନେ ଫୁଟବଲ୍ ମ୍ୟାଚ୍ ଆଦି ପ୍ରତିଯୋଗିତାରେ ଭାଗ ନେଇ ଥିଲେ । ଏଥିରେ କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଭାଗିରଥି ବାରିକ, ଯୁବକ ମାଝୀ ଆଦି ମଞ୍ଚାସିନ ଥିଲେ । ଅନ୍ୟ ମାନଙ୍କ ମଧ୍ୟରୁ ସତ୍ୟରଞ୍ଜନ ସ୍ୱାଇଁ, ସଂଯୁକ୍ତା ରାଉତ, ମୁକ୍ତିକାନ୍ତ ପଣ୍ଡା, ସୁଶାନ୍ତ ମହାପାତ୍ର, ରସ୍ମିରେଖା ଜେନା ଆଦି ପିଲା ମାନଙ୍କୁ ଉତ୍ସାହିତ କରୁଥିଲେ ।

## ଏୟାରଟେଲର ଜୋନାଲ ଶାଖା ଉଦ୍‌ଘାଟିତ



ନୀଳଗିରି, ୧୧/୧୨ (ନି.ପ୍ର): ନୀଳଗିରିର ୧୯ନଂ. ରାଜ୍ୟରାଜପଥର ତଳସଡ଼କସ୍ଥିତ ମା'ବଉଳାଇ ଫର୍ଣ୍ଣିଚର ନିକଟରେ ଏୟାରଟେଲ ର ଜୋନାଲ ଶାଖାକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ଶୁଭଉଦ୍‌ଘାଟିତ ହୋଇଯାଇଛି । ଏୟାରଟେଲର ଗୁଣବତା ସମସ୍ତ ଅପହଂଚ ଇଲାକାରେ ଉପଲବ୍ଧ କରାଇବା କମ୍ପାନୀର ମୂଳ ଲକ୍ଷ୍ୟ । ଏହାକୁ ସାକାର କରିବା ପାଇଁ ସମସ୍ତ ଅଂଚଳର ଉପଭୋକ୍ତାଙ୍କୁ ଏୟାରଟେଲ ନେଟୱାର୍କରର ସହଜ ଉପଲବ୍ଧି ପାଇଁ ଉକ୍ତ ଶାଖାର ଜରୁରୀ ଆବଶ୍ୟକ ବୋଲି କମ୍ପାନୀ ଏସ.ଜେଡ୍.ଏସ. ରଶ୍ମିକାନ୍ତ ବିଶ୍ୱାଳ ମତ ଦେଇଥିଲେ । ଉକ୍ତ ଶାଖାରେ ଏୟାରଟେଲ ନେଟୱାର୍କର ସମସ୍ତ ସୁବିଧା ମିଳିପାରିବ ବୋଲି ଏ.ଏସ.ଏମ. ପ୍ରଶାନ୍ତ ସାହୁ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ବେହେରା, ଚନ୍ଦ୍ରଶେଖର ନନ୍ଦ, ସତ୍ୱାଧିକାର ଶରତ କୁମାର ସ୍ୱାଇଁ ରବିନ୍ଦ୍ର ବେହେରା ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo